ମୌଳିକ
ଓଡ଼ିଆ ଭାଷାତତ୍ତ୍ୱ

ଅଧ୍ୟାପକ ଡକ୍‌ଟର ଧନେଶ୍ୱର ମହାପାତ୍ର

Digitized by PPRACHIN, SOA

ଭାଷାତତ୍ତ୍ୱ ଗ୍ରନ୍ଥମାଳା—୨

ମୌଳିକ ଓଡ଼ିଆ ଭାଷାତତ୍ତ୍ୱ

ଲେଖକ

ଅଧ୍ୟାପକ ଡକ୍ଟର ଧନେଶ୍ୱର ମହାପାତ୍ର

ଏମ୍. ଏ. (ଓଡ଼ିଆ), ଏମ୍. ଏ. (ସଂସ୍କୃତ), ପିଏଚ୍. ଡି. (ଓଡ଼ିଆ ଭାଷାତତ୍ତ୍ୱ), ସାହିତ୍ୟାଚାର୍ଯ୍ୟ, ବି. ଇଡ୍., ରାଷ୍ଟ୍ରଭାଷା କୋବିଦ

ପ୍ରକାଶିକା

ଶ୍ରୀମତୀ ଜୀବନ କୁମାରୀ ମହାପାତ୍ର

କଲ୍ୟାଣ ନଗର, କଟକ- ୩

ପ୍ରଥମ ମୁଦ୍ରଣ— ୧୯୮୦

ଦ୍ୱିତୀୟ ମୁଦ୍ରଣ— ୧୯୮୩

ମୁଦ୍ରଣ

କଲ୍ୟାଣପ୍ରେସ୍, କଲ୍ୟାଣ ନଗର, କଟକ- ୩

ମୂଲ୍ୟ— ୪୦·୦୦

Digitized by PPRACHIN, SOA

ଓଡ଼ିଆ ଭାଷାର ଗଠନତତ୍ତ୍ୱ ଓ ଅନ୍ୟ କେତେକ ବିଷୟରେ ଓଡ଼ିଆ ଏମ୍. ଏ. ଏବଂ ଓଡ଼ିଆ ଅନର୍ସ ଛାତ୍ରଛାତ୍ରୀ ତଥା ଜିଜ୍ଞାସୁ ବ୍ୟକ୍ତିମାନଙ୍କର ସାଧାରଣ ମୌଳିକ ଧାରଣା ଲାଭ ନିମନ୍ତେ ମୁଁ ଏହି ପୁସ୍ତକଟି ରଚନା କରିଅଛି । ମୋର ଅନ୍ୟାନ୍ୟ ପୁସ୍ତକ ଭଳି ଏ ପୁସ୍ତକଟି ପ୍ରୟୋଜନୀୟ ସିଦ୍ଧ ହେବ ବୋଲି ଆଶା ।

ରେଭେନ୍ସା କଲେଜ
ତା ୨୨।୭।୮୦
(ବାହୁଡ଼ା ଯାତ୍ରା)

ଧନେଶ୍ୱର ମହାପାତ୍ର

ଲେଖକଙ୍କର ଅନ୍ୟାନ୍ୟ ପୁସ୍ତକ :

କାଳିଦାସ ଗ୍ରନ୍ଥାବଳୀ— ୧ମ, ୨ୟ, ୩ୟ ଓ ୪ର୍ଥ ଭାଗ

ସଂସ୍କୃତନାଟକତ୍ରୟମ୍ (ମୁଦ୍ରାରାକ୍ଷସମ୍, ମୃଚ୍ଛକଟିକମ୍, ବେଣୀସଂହାରମ୍)

ଓଡ଼ିଆ ଧ୍ୱନିତତ୍ତ୍ୱ ଓ ଶବ୍ଦସମ୍ଭାର

ସାହିତ୍ୟତତ୍ତ୍ୱ

ସାରଳା ମହାଭାରତର ଭାଷାତାତ୍ତ୍ୱିକ ଅନୁଶୀଳନ

କର୍ପୂରମଞ୍ଜରୀ

Digitized by PPRACHIN, SOA

ଓଡ଼ିଆ ଭାଷାତତ୍ତ୍ୱର କୃତବିଦ୍ୟ ବ୍ୟକ୍ତିଗଣ

* ଜନ୍ ବୀମ୍ସ୍
* ହୋର୍ଣ୍ଣଲ
* ପଣ୍ଡିତ ଗୋପୀନାଥ ନନ୍ଦ ଶର୍ମା
* ପଣ୍ଡିତ ବିନାୟକ ମିଶ୍ର
* ଶ୍ୟାମସୁନ୍ଦର ରାଜଗୁରୁ
* ଡକ୍ଟର କରୁଣାକର କର
* ଡକ୍ଟର କୁଞ୍ଜବିହାରୀ ତ୍ରିପାଠୀ
* ପ୍ରଫେସର ଗୋଲୋକବିହାରୀ ଧଳ
* ଡକ୍ଟର ଦେବୀପ୍ରସନ୍ନ ପଟ୍ଟନାୟକ
* ଡକ୍ଟର ଖଗେଶ୍ୱର ମହାପାତ୍ର

Digitized by PPRACHIN, SOA

ସୂଚୀପତ୍ର

ବିଷୟ	ପୃଷ୍ଠା
୧। ସରଳ (ମୌଳିକ) କ୍ରିୟା	୧
୨। ଯୌଗିକ କ୍ରିୟା	୩
୩। କୃଦନ୍ତମୂଳକ କ୍ରିୟା	୬
୪। ଚଳନ୍ତି ଓ ସେଗୁଡ଼ିକର ଉତ୍ପତ୍ତିସ୍ଥଳ	୧୮
୫। କ୍ରିୟାର ବିଶେଷଣ	୩୫
୬। କୃଦନ୍ତ	୪୧
୭। ତଦ୍ଧିତ	୪୯
୮। ଓଡ଼ିଆ ଉପଭାଷା	୫୯
୯। ପ୍ରାଚୀନ ଓଡ଼ିଆ ଭାଷା	୬୧
୧୦। ଓଡ଼ିଆ ଲିପି	୬୪
୧୧। ଓଡ଼ିଆ ଭାଷାରେ ସୁଭାଷଣ	୬୮
୧୨। ପ୍ରାଚୀନ ଓଡ଼ିଆ ଅଭିଲେଖ	୮୧
୧୩। ଓଡ଼ିଆ କ୍ରିୟାବିଭକ୍ତି	୮୬
୧୪। ଓଡ଼ିଆ କ୍ରିୟାରେ ଣି ପ୍ରତ୍ୟୟ	୯୧
୧୫। ଓଡ଼ିଆ ଧ୍ୱନ୍ୟାତ୍ମକ ଶବ୍ଦ	୯୩
୧୬। ସର୍ବନାମ	୯୫

—ଃ୦ଃ—

Digitized by PPRACHIN, SOA

ଓଡ଼ିଆ କ୍ରିୟା

ଓଡ଼ିଆରେ ଯେତେ କ୍ରିୟାପଦ, ସେସମସ୍ତ ତିନି ଶ୍ରେଣୀରେ ବିଭକ୍ତ— (୧) ସରଳ (୨) ଯୌଗିକ (୩) କୃଦନ୍ତମୂଳକ ।

ସରଳ କ୍ରିୟା

ଯେଉଁ କ୍ରିୟାରେ ଗୋଟିଏ ମାତ୍ର ଧାତୁ ଓ ଗୋଟିଏ ମାତ୍ର ପ୍ରତ୍ୟୟ ଥାଏ, ତାହା ସରଳ କ୍ରିୟା । ଯେପରି—ପଢ଼୍+ଏ=ପଢ଼େ, ଶୁଣ୍+ଅନ୍ତି=ଶୁଣନ୍ତି, ଦେଖ୍+ଉ=ଦେଖୁ, କର୍+ଅନ୍ତୁ=କରନ୍ତୁ । ଏଗୁଡ଼ିକରେ ପଢ଼୍, ଶୁଣ୍, ଦେଖ୍, କର୍, ଏହି ଅଂଶଗୁଡ଼ିକ ଧାତୁ ଏବଂ ଏ, ଅନ୍ତି, ଉ, ଅନ୍ତୁ, ଏହି ଅଂଶଗୁଡ଼ିକ ପ୍ରତ୍ୟୟ । ପଢ଼େ, ଶୁଣନ୍ତି, ଦେଖୁ, କରନ୍ତୁ, ଏହି କ୍ରିୟାପଦଗୁଡ଼ିକରେ ଗୋଟିଏ ଲେଖାଏଁ ଧାତୁ ଏବଂ ଗୋଟିଏ ଲେଖାଏଁ ପ୍ରତ୍ୟୟ ଅଛି । ତେଣୁ ଏଗୁଡ଼ିକ ସରଳ କ୍ରିୟା । ଏଗୁଡ଼ିକୁ ମୌଳିକ କ୍ରିୟା ମଧ୍ୟ କୁହାଯାଏ ଏବଂ କାହିଁକି ସେଭଳି କୁହାଯାଏ, ଆଗକୁ ଦର୍ଶାଯାଇଛି ।

ଓଡ଼ିଆରେ ଗୋଟିଏ ଧାତୁରୁ ୧୦୨ ପ୍ରକାର କ୍ରିୟା ଗଠିତ ହୋଇପାରେ । ତନ୍ମଧ୍ୟରୁ କେବଳ ୧୨ ପ୍ରକାର ହେଉଛି ସରଳ କ୍ରିୟା । ଗୋଟିଏ ଧାତୁରୁ ଦେଖ—

Digitized by PPRACHIN, SOA

ଧାତୁ ପଢ୍

ସାଧାରଣ ବର୍ତ୍ତମାନ କାଳ ବା ନିତ୍ୟବୃତ୍ତ କାଳ

	୧ମ ପୁରୁଷ	୨ୟ ପୁରୁଷ	୩ୟ ପୁରୁଷ
ଏକବଚନ	(ମୁଁ) ପଢେଁ	(ତୁ) ପଢୁ	(ସେ) ପଢେ
ବହୁବଚନ	(ଆମେ) ପଢୁଁ	(ତୁମେ, ତୁମେମାନେ) ପଢ	(ସେମାନେ) ପଢନ୍ତି

ସାଧାରଣ ଅନୁଜ୍ଞା

	୧ମ ପୁରୁଷ (ଅନୁମତି)	୨ୟ ପୁରୁଷ (ଆଦେଶ)	୩ୟ ପୁରୁଷ (ଆଦେଶ)
ଏକବଚନ	ପଢେଁ	ପଢ୍	ପଢୁ
ବହୁବଚନ	ପଢୁଁ	ପଢ	ପଢନ୍ତୁ

ଉପର୍ଯ୍ୟୁକ୍ତ ୧୨ ପ୍ରକାର କ୍ରିୟା ସରଳ କ୍ରିୟା । କାରଣ, ସେଗୁଡ଼ିକରେ ଗୋଟିଏ ଲେଖାଏଁ ଧାତୁ ଏବଂ ଗୋଟିଏ ଲେଖାଏଁ ପ୍ରତ୍ୟୟ ରହିଛି । ଅନୁଜ୍ଞା ୨ୟ ପୁରୁଷ ଏକବଚନ କ୍ରିୟା (ପଢ୍)ରେ ଗୋଟିଏ ମାତ୍ର ଧାତୁ ରହିଛି, ପ୍ରତ୍ୟୟ ଆଦୌ ନାହିଁ । ତେଣୁ, ପ୍ରତ୍ୟୟ ଥାଉ ବା ନ ଥାଉ, ଏକ ପ୍ରତ୍ୟୟ ଥାଉ ବା ଏକାଧିକ ପ୍ରତ୍ୟୟ ଥାଉ, ଧାତୁ ଯଦି ଗୋଟିଏ, ତେବେ କ୍ରିୟାକୁ ସରଳ କ୍ରିୟା କୁହାଯିବ ।

ସରଳ କ୍ରିୟାକୁ 'ମୌଳିକ' କୁହାଯାଏ କାହିଁକି ?

ତୁମେ ଜାଣ, ପ୍ରାଚୀନ ଭାରତୀୟ ଆର୍ଯ୍ୟଭାଷା ଅର୍ଥାତ୍ ବୈଦିକ-ସଂସ୍କୃତ ଭାଷା ହେଉଛି ଓଡ଼ିଆ, ହିନ୍ଦୀ, ବଙ୍ଗଳା,

Digitized by PPRACHIN, SOA

ଅସମିୟା, ଗୁଜୁରାଟୀ, ମରାଠୀ, ସିନ୍ଧୀ, ପଞ୍ଜାବୀ ପ୍ରଭୃତି ନବୀନ ଭାରତୀୟ ଆର୍ଯ୍ୟଭାଷାଗୁଡ଼ିକର ମୂଳ । ତେଣୁ ଓଡ଼ିଆ, ହିନ୍ଦୀ, ବଙ୍ଗଳା ପ୍ରଭୃତି ଭାଷାର ଯେଉଁ ସବୁ ଉପାଦାନ ପ୍ରା. ଭା. ଆ. ରେ ମିଳେ, ସେଗୁଡ଼ିକୁ ଆମେ ମୌଳିକ ବୋଲି କହିବା । ଯେଉଁ ୧୨ ପ୍ରକାର ସରଳ କ୍ରିୟା ବର୍ଣ୍ଣାଯାଇଛି, ସେଗୁଡ଼ିକ ମୌଳିକ । କାରଣ, ସେଗୁଡ଼ିକର ମୂଳ ବୈଦିକ-ସଂସ୍କୃତରେ ରହିଛି । ଯେପରି— ପଠତି > ପଢ଼େ, ପଠନ୍ତି > ପଢ଼ନ୍ତି, ପଠାମି > ପଢ଼େଁ, ପଠଥ > ପଢ଼, ପଠାମଃ > ପଢ଼ୁଁ, ପଠନ୍ତୁ > ପଢ଼ନ୍ତୁ ଇତ୍ୟାଦି ।

କ୍ରିୟାକୁ 'ସରଳ' କୁହାଯାଏ ତାହାର ଗଠନ ଦୃଷ୍ଟିରୁ, 'ମୌଳିକ' କୁହାଯାଏ ତାହାର ଉତ୍ପତ୍ତି ଦୃଷ୍ଟିରୁ । ଓଡ଼ିଆରେ ପ୍ରତ୍ୟେକ ସରଳ କ୍ରିୟା ମୌଳିକ ।

ଯୌଗିକ କ୍ରିୟା

ଯେଉଁ କ୍ରିୟାରେ ଏକାଧିକ ଧାତୁ ଏବଂ ଏକାଧିକ ପ୍ରତ୍ୟୟ ଥାଏ, ତାହାକୁ ଯୌଗିକ କ୍ରିୟା କୁହାଯାଏ । ଯେପରି—'ପଢ଼ୁଅଛି' ଗୋଟିଏ କ୍ରିୟା । ଏହାକୁ ବିଶ୍ଳେଷଣ କଲେ ଆମେ ଦେଖିବା, ଏଥିରେ ଦୁଇଟି ଧାତୁ ଅଛି—ପଢ଼୍, ଅଛ୍ ଏବଂ ଦୁଇଟି ପ୍ରତ୍ୟୟ ଅଛି—ଉ, ଇ (ପଢ଼୍ + ଉ = ପଢ଼ୁ, ଅଛ୍ + ଇ = ଅଛି = ପଢ଼ୁଅଛି) ଦୁଇଟି ଧାତୁ ମଧ୍ୟରୁ ୧ମଟି ମୁଖ୍ୟ, ୨ୟଟି ଗୌଣ ବା ସହକାରୀ । ଗୌଣ ଧାତୁକୁ ଆମେ ଇଚ୍ଛା କଲେ ଅନ୍ୟତ୍ର ସ୍ୱତନ୍ତ୍ରଭାବରେ ବ୍ୟବହାର କରିପାରୁ । ଯଥା— ସେ ଘରେ ଅଛି । ଏଠାରେ 'ଅଛି' କାହାରି ସହକାରୀ ବା ଗୌଣ ଅଂଶ ନୁହେଁ ।

Digitized by PPRACHIN, SOA

ସମସ୍ତ ଯୌଗିକ କ୍ରିୟାରେ ଦୁଇଟି ମାତ୍ର ଧାତୁ ସହକାରୀ ଅଂଶରୂପେ ବ୍ୟବହୃତ ହୁଏ— (୧) ଅଛ୍ (୨) ଥା । ଯେପରି— ପଢ଼୍/ଅଛୁ, ପଢ଼୍/ଥାଉ ଇତ୍ୟାଦି ।

ଓଡ଼ିଆରେ ନିମ୍ନଲିଖିତ ଆକୃତିର କ୍ରିୟାଗୁଡିକ ଯୌଗିକ ।

ଧାତୁ ପଢ଼୍

(୧) ଅସଂପୂର୍ଣ୍ଣ ବର୍ତ୍ତମାନ କାଳ

	୧ମ ପୁରୁଷ	୨ୟ ପୁରୁଷ	୩ୟ ପୁରୁଷ
ଏକବଚନ	ପଢ଼ୁଅଛି	ପଢ଼ୁଅଛୁ	ପଢ଼ୁଅଛି
ବହୁବଚନ	ପଢ଼ୁଅଛୁଁ	ପଢ଼ୁଅଛ	ପଢ଼ୁଅଛନ୍ତି

କଥିତ ଭାଷାରେ ପଢ଼ୁଅଛି—ପଢ଼ୁଛି, ପଢ଼ୁଅଛୁ—ପଢ଼ୁଛୁ, ଏପରି ହୁଏ ।

(୨) ସଂପୂର୍ଣ୍ଣ ବର୍ତ୍ତମାନ କାଳ

ପଢ଼ିଅଛି	ପଢ଼ିଅଛୁ	ପଢ଼ିଅଛି
ପଢ଼ିଅଛୁଁ	ପଢ଼ିଅଛ	ପଢ଼ିଅଛନ୍ତି

କଥିତ ଭାଷାରେ ପଢ଼ିଅଛି—ପଢ଼ିଛି, ପଢ଼ିଅଛୁ—ପଢ଼ିଛୁ ଏପରି ହୁଏ ।

(୩) ଅସଂପୂର୍ଣ୍ଣ ଅତୀତ କାଳ

ପଢ଼ୁଥିଲି	ପଢ଼ୁଥିଲୁ	ପଢ଼ୁଥିଲା
ପଢ଼ୁଥିଲୁଁ	ପଢ଼ୁଥିଲ	ପଢ଼ୁଥିଲେ

Digitized by PPRACHIN, SOA

(୪) ସଂପୂର୍ଣ୍ଣ ଅତୀତ କାଳ

ପଢ଼ିଥିଲି	ପଢ଼ିଥିଲୁ	ପଢ଼ିଥିଲ
ପଢ଼ିଥିଲୁଁ	ପଢ଼ିଥିଲ	ପଢ଼ିଥିଲେ

(୫) ଅସମ୍ପୂର୍ଣ୍ଣ ଭବିଷ୍ୟତ କାଳ

ପଢ଼ୁଥିବି	ପଢ଼ୁଥିବୁ	ପଢ଼ୁଥିବ
ପଢ଼ୁଥିବୁଁ	ପଢ଼ୁଥିବ	ପଢ଼ୁଥିବେ

(୬) ସମ୍ପୂର୍ଣ୍ଣ ଭବିଷ୍ୟତ କାଳ

ପଢ଼ିଥିବି	ପଢ଼ିଥିବୁ	ପଢ଼ିଥିବ
ପଢ଼ିଥିବୁଁ	ପଢ଼ିଥିବ	ପଢ଼ିଥିବେ

(୭) ଅସମ୍ପୂର୍ଣ୍ଣ ଅନୁଜ୍ଞା ଭାବ

(ଅନୁମତି)	(ଆଦେଶ)	(ଆଦେଶ)
ପଢ଼ୁଥାଏଁ	ପଢ଼ୁଥା	ପଢ଼ୁଥାଉ
ପଢ଼ୁଥାଉଁ	ପଢ଼ୁଥାଅ	ପଢ଼ୁଥାଆନ୍ତୁ

(୮) ସମ୍ପୂର୍ଣ୍ଣ ଅନୁଜ୍ଞା ଭାବ

ପଢ଼ିଥାଏଁ	ପଢ଼ିଥା	ପଢ଼ିଥାଉ
ପଢ଼ିଥାଉଁ	ପଢ଼ିଥାଅ	ପଢ଼ିଥାଆନ୍ତୁ

(୯) ଅସମ୍ପୂର୍ଣ୍ଣ ସମ୍ଭାବ୍ୟ କାଳ

ପଢ଼ୁଥାଆନ୍ତି	ପଢ଼ୁଥାଆନ୍ତୁ	ପଢ଼ୁଥାଆନ୍ତା
ପଢ଼ୁଥାଆନ୍ତୁ	ପଢ଼ୁଥାଆନ୍ତ	ପଢ଼ୁଥାଆନ୍ତେ

Digitized by PPRACHIN, SOA

(୧୦) ସମ୍ପୂର୍ଣ୍ଣ ସମ୍ଭାବ୍ୟ କାଳ

ପଢ଼ିଥାଆନ୍ତ	ପଢ଼ିଥାଆନ୍ତୁ	ପଢ଼ିଥାଆନ୍ତା
ପଢ଼ିଥାଆନ୍ତୁ	ପଢ଼ିଥାଆନ୍ତ	ପଢ଼ିଥାଆନ୍ତେ

କଥିତ ଭାଷାରେ ପଢ଼ୁଥାନ୍ତା, ପଢ଼ୁଥାନ୍ତି, ପଢ଼ିଥାନ୍ତା, ପଢ଼ିଥାନ୍ତି—ଏପରି ମଧ୍ୟ ହୁଏ ।

ପ୍ରା. ଭା. ଆ. ଭାଷାରେ ଯୌଗିକ କ୍ରିୟା ଆଦୌ ନ ଥିଲା । ସେକାଳରେ ସମସ୍ତ କ୍ରିୟା ଥିଲ ଏକଧାତୁ ବିଶିଷ୍ଟ । କେତେକ କ୍ରିୟାରେ ଅବଶ୍ୟ ଏକାଧିକ ପ୍ରତ୍ୟୟ ଥିଲ, କିନ୍ତୁ ଏକାଧିକ ଧାତୁ କୌଣସି କ୍ରିୟାରେ ନଥିଲ । ଉଦାହରଣ—ପଠତି, ପଠେତ୍, ପଠତୁ, ଅପଠତ୍ ପଠିଷ୍ୟତି, ପପାଠ, ଅପାଠୀତ୍, ଅପଠିଷ୍ୟତ୍, ଇତ୍ୟାଦି । ଏସବୁରେ ଧାତୁ ଗୋଟିଏ ମାତ୍ର 'ପଠ୍', ଅନ୍ୟ କୌଣସି ଧାତୁ ସହକାରୀ ଅଂଶରୂପେ ନାହିଁ ।

କିନ୍ତୁ ଯୌଗିକ ଅର୍ଥରେ କ୍ରିୟା ଅର୍ଥାତ୍ ଏକାଧିକ ଧାତୁ-ବିଶିଷ୍ଟ କ୍ରିୟା ସମସ୍ତ ନ. ଭ. ଆ. ଭାଷାରେ ରହିଛି । ହିନ୍ଦୀରେ ଯଥା—ପଢ଼୍‌ତା ହୁଁ, ପଢ଼୍‌ତା ଥା, ପଢ଼୍‌ତା ହୋଗା ଇତ୍ୟାଦି । ଏ ଗୁଡ଼ିକରେ ମୁଖ୍ୟ ଧାତୁ 'ପଢ଼୍', ସହକାରୀ ଧାତୁ 'ହୋ' ଏବଂ 'ଥା' । ବଙ୍ଗଳାରେ ଯଥା—ପଢ଼ିୟାଛେ, ପଢ଼ିତେଛିଲ ଇତ୍ୟାଦି । ଏଗୁଡ଼ିକର ମୁଖ୍ୟଧାତୁ 'ପଢ଼୍' ଏବଂ ସହକାରୀ ଧାତୁ 'ଅଛ୍' ।

ଯଦି ପ୍ରା. ଭା. ଆ. ଭାଷାରେ ଯୌଗିକ କ୍ରିୟା ନ ଥିଲ, ନ. ଭା. ଆ. ଭାଷାମାନଙ୍କରେ ଯୌଗିକ କ୍ରିୟା ଆସିଲ କାହୁଁ ? ଉତ୍ତରରେ କୁହାଯାଇପାରେ—ଭାରତୀୟ ଅନାର୍ଯ୍ୟ ଭାଷା [illegible]

Digitized by PPRACHIN, SOA

ଥିଲ ସଂଶ୍ଳେଷାତ୍ମକ । ତାହା କ୍ରମେ କ୍ରମେ ବିଶ୍ଳେଷାତ୍ମକ ଅବସ୍ଥାକୁ ଆସିଛି । ଦୁଇଟି ନମୁନା ଦେଖ । ସଂସ୍କୃତରେ 'ପିପଠିଷତି' ଏହି ଗୋଟିଏ ପଦରେ ଯେଉଁ ଭାବ ବ୍ୟକ୍ତ ହୁଏ, ସେହି ଭାବକୁ ବ୍ୟକ୍ତ କରିବାପାଇଁ ଓଡ଼ିଆରେ ଗୁବେଟି ପଦ ଦରକାର ହୁଏ—'ସେ ପଢ଼ିବାକୁ ଇଚ୍ଛା କରୁଛି ।' ସଂସ୍କୃତରେ 'ପର୍ବତେଷୁ ହିମାଳୟଃ' ଏଥିରେ 'ପର୍ବତେଷୁ' ଏହି କ୍ଷୁଦ୍ର ଅଂଶରେ ଯେଉଁ ଭାବ ବ୍ୟକ୍ତ କରାଯାଏ, ଓଡ଼ିଆରେ ସେହି ଭାବ ବ୍ୟକ୍ତ କରିବାପାଇଁ ଏକ ଲମ୍ବା ଅଂଶ ଦରକାର ହୁଏ—'ପର୍ବତମାନଙ୍କ ମଧ୍ୟରେ' । ଏହିପରି ଭାବ-ଅଭିବ୍ୟକ୍ତିର କ୍ଷୁଦ୍ର ଆକୃତି କ୍ରମେ କ୍ରମେ ଲମ୍ବା ହୋଇଛି । ଯୌଗିକ କ୍ରିୟାକ୍ଷେତ୍ରରେ ମଧ୍ୟ ସେହିଭଳି ଘଟିଛି ।

ଯୌଗିକ କ୍ରିୟାଗୁଡ଼ିକୁ ଲକ୍ଷ୍ୟ କଲେ ଜାଣିପାରିବ, ସେଗୁଡ଼ିକ କେବଳ ଅସଂପୂର୍ଣ୍ଣ କାଳ ବା ଭାବ (Tense or Mood) ରେ ରହିଛି । ଅସଂପୂର୍ଣ୍ଣ କାଳ କିମ୍ବା ଭାବରେ ମୁଖ୍ୟ ଧାତୁରେ ଉ ପ୍ରତ୍ୟୟ ଲାଗିଛି । ଯଥା—ପଢ଼ୁ/ଅଛି, ପଢ଼ୁ/ଥିଲ, ପଢ଼ୁ/ଥିବ ଇତ୍ୟାଦି । ସଂପୂର୍ଣ୍ଣ କାଳ କିମ୍ବା ଭାବରେ ମୁଖ୍ୟ ଧାତୁରେ ଇ ପ୍ରତ୍ୟୟ ଲାଗିଛି । ଯଥା—ପଢ଼ି/ଅଛି, ପଢ଼ି/ଥିଲ, ପଢ଼ି/ଥିବ ଇତ୍ୟାଦି ।

କୃଦନ୍ତମୂଳକ କ୍ରିୟା

ଏ ଶ୍ରେଣୀର କ୍ରିୟାକୁ ସଂକ୍ଷେପରେ କୃଦନ୍ତ କ୍ରିୟା କୁହାଯାଏ । ଏହାର ଅନ୍ୟ ନାମ ଧାତୁଜବିଶେଷଣାତ୍ମକ କ୍ରିୟା ଏବଂ କୃଦନ୍ତ-ବିଶେଷଣାତ୍ମକ କ୍ରିୟା । ଇଂରାଜୀରେ ଏହାକୁ କୁହାଯାଏ Participal verbs.

Digitized by PPRACHIN, SOA

ଓଡ଼ିଆରେ ସାଧାରଣ ଅତୀତ, ସାଧାରଣ ଭବିଷ୍ୟତ ଓ ସାଧାରଣ ସମ୍ଭାବ୍ୟ କାଳର କ୍ରିୟାଗୁଡ଼ିକ କୃଦନ୍ତମୂଳକ କ୍ରିୟା । ଯଥା—

ଧାତୁ ପଢ଼୍

(୧) ସାଧାରଣ ଅତୀତ କାଳ

	୧ମ ପୁରୁଷ	୨ୟ ପୁରୁଷ	୩ୟ ପୁରୁଷ
ଏକବଚନ	ପଢ଼ିଲି	ପଢ଼ିଲୁ	ପଢ଼ିଲା
ବହୁବଚନ	ପଢ଼ିଲୁଁ	ପଢ଼ିଲ	ପଢ଼ିଲେ

ଏହି କ୍ରିୟାଗୁଡ଼ିକୁ ବିଶ୍ଳେଷଣ କଲେ ଦେଖିପାରିବ, ସେଗୁଡ଼ିକରେ ଗୋଟିଏ ମୂଳପିଣ୍ଡ ରହିଛି । ସେହି ମୂଳପିଣ୍ଡଟି ହେଉଛି 'ପଢ଼ିଲ' । 'ପଢ଼ିଲ' ରେ ବିଭିନ୍ନ ପୁରୁଷ ଓ ବଚନବୋଧକ ପ୍ରତ୍ୟୟମାନ ଲାଗିଛି । ଯେପରି—ପଢ଼ିଲ+ଇ = ପଢ଼ିଲି, ପଢ଼ିଲ+ଉଁ = ପଢ଼ିଲୁଁ, ପଢ଼ିଲ+ଉ = ପଢ଼ିଲୁ, ପଢ଼ିଲ+ଅ = ପଢ଼ିଲ, ପଢ଼ିଲ+ଆ = ପଢ଼ିଲା, ପଢ଼ିଲ+ଏ = ପଢ଼ିଲେ ।

ସେହିପରି ଶୁଣିଲି, ଶୁଣିଲେ, ଶୁଣିଲା ପ୍ରଭୃତିର ମୂଳପିଣ୍ଡ 'ଶୁଣିଲ'; ଗଲି, ଗଲୁ, ଗଲେ ପ୍ରଭୃତିର ମୂଳପିଣ୍ଡ 'ଗଲ' ।

ଏହି ପ୍ରକାର ମୂଳପିଣ୍ଡ ଆସିଲା କୁଆଡ଼ୁ ? ଦେଖ—

ପ୍ରା. ଭା. ଆ. (ସଂସ୍କୃତ/ବୈଦିକ) ଭାଷାରେ ଧାତୁରୁ 'ତ' ପ୍ରତ୍ୟୟ ଲାଗି ପଦ ଗଠିତ ହେଉଥିଲା । ଯେପରି—ଗମ୍+ତ = ଗତ, ପଠ୍+ତ = ପଠିତ, କଥ୍+ତ = କଥିତ, ଜ୍ଞା+ତ = ଜ୍ଞାତ ।

Digitized by PPRACHIN, SOA

ସେହିପରି ଜାତ, ଶ୍ରୁତ, ଦତ୍ତ, ଅମାଦ, ଜୀବିତ, ଇତ୍ୟାଦି । ଏହି 'ତ' ପ୍ରତ୍ୟୟାନ୍ତ ପଦଗୁଡ଼ିକରୁ ଓଡ଼ିଆ ସାଧାରଣ ଅତୀତକାଳ କ୍ରିୟାଗୁଡ଼ିକର ମୂଳପିଣ୍ଡ ଉତ୍ପନ୍ନ । ଯେପରି—ସଂସ୍କୃତ ଗତ > ପ୍ରାକୃତ ଗଲ୍ଲ > ଓଡ଼ିଆ ଗଲା, ସଂ. ପଠିତ > ପ୍ରା. ପଢିଲ୍ଲ > ଓ. ପଢିଲ; କଥିତ > କହିଲ୍ଲ > କହିଲ; ଜୀବିତ > ଜିଇଲ୍ଲ > ଜିଇଲ ଇତ୍ୟାଦି । ଏହି ମୂଳପିଣ୍ଡଗୁଡ଼ିକରୁ ବିଭିନ୍ନ ପୁରୁଷ ଓ ବଚନବୋଧକ ପ୍ରତ୍ୟୟମାନ ଲାଗି ସାଧାରଣ ଅତୀତକାଳର କ୍ରିୟାମାନ ଗଠିତ ହୋଇଅଛି । ଯେପରି—ଗଲ + ଆ ଗଲା, ଗଲ + ଇ = ଗଲି ଇତ୍ୟାଦି ।

ତୁମେ ଜାଣିଥିବ, ଧାତୁରୁ ପ୍ରତ୍ୟୟ ଲାଗି ପଦ ଗଠିତ ହେଲେ ସେହି ପଦକୁ କୃଦନ୍ତ ପଦ କହନ୍ତି । ଯେପରି—ପଠ୍ + ଅକ = ପାଠକ, ଶୀ + ଅନ = ଶୟନ, ଜି + ଅ ଜୟ ଇତ୍ୟାଦି । ସେହିପରି, ଗମ୍ + ତ = ଗତ, ପଠ୍ + ତ = ପଠିତ, କଥ୍ + ତ = କଥିତ ପ୍ରଭୃତି ପଦଗୁଡ଼ିକ କୃଦନ୍ତ ପଦ । ଏହି 'ତ' ପ୍ରତ୍ୟୟାନ୍ତ କୃଦନ୍ତ ପଦଗୁଡ଼ିକରୁ ଓଡ଼ିଆ ଅତୀତକାଳ କ୍ରିୟାଗୁଡ଼ିକ ଉତ୍ପନ୍ନ । ତେଣୁ ଓଡ଼ିଆ ଅତୀତ କାଳ କ୍ରିୟାଗୁଡ଼ିକ କୃଦନ୍ତମୂଳକ କ୍ରିୟା ବା କୃଦନ୍ତ କ୍ରିୟା ।

ଗତ, କଥିତ, ପଠିତ, ଜୀବିତ ପ୍ରଭୃତି 'ତ' ପ୍ରତ୍ୟୟାନ୍ତ ପଦଗୁଡ଼ିକ ସ୍ୱଭାବତଃ ବିଶେଷଣ । ବ୍ୟବହାରରେ ଦେଖ—ଗତ କଥା, କଥିତ ବିଷୟ, ପଠିତ ପୁସ୍ତକ, ଜୀବିତ ଲୋକ ଇତ୍ୟାଦି । ଏ ପ୍ରକାର ଧାତୁଜ ବିଶେଷଣରୁ ଓଡ଼ିଆ ଅତୀତ କାଳ କ୍ରିୟାଗୁଡ଼ିକ ଉତ୍ପନ୍ନ ହୋଇଥିବା ହେତୁ ସେହି କ୍ରିୟାଗୁଡ଼ିକୁ ଧାତୁବିଶେଷଣାତ୍ମକ,

Digitized by PPRACHIN, SOA

କ୍ରିୟାବିଶେଷଣାତ୍ମକ ବା କୃଦନ୍ତବିଶେଷଣାତ୍ମକ କ୍ରିୟା କୁହାଯାଏ ।

ପ୍ରା. ଭା. ଆ. ଭାଷାରେ 'ତ' ପ୍ରତ୍ୟୟାନ୍ତ ଧାତୁଜବିଶେଷଣ କିପରି ବ୍ୟବହୃତ ହେଉଥିଲା, ଦିଙ୍‌ମାତ୍ର ଦେଖ—

ଗମ୍ + ତ ଗତ

ବାଳକଃ ଗତଃ (ବାଳକ ଗଲା)

ବାଳକାଃ ଗତାଃ	ତ୍ୱଂ ଗତଃ
ବାଳିକା ଗତା	ବୟଂ ଗତାଃ
ବାଳିକାଃ ଗତାଃ	ଯୂୟଂ ଗତାଃ
ଅହଂ ଗତଃ	ଇତ୍ୟାଦି

ପଠ୍ + ତ = ପଠିତ

ବାଳକେନ ପୁସ୍ତକଂ ପଠିତମ୍ (ବାଳକଦ୍ୱାରା ପୁସ୍ତକ ପଢ଼ାଗଲା)

ବାଳକୈଃ	ପୁସ୍ତକମ୍	ପଠିତମ୍			
ବାଳିକୟା	,,	,,	ଅସ୍ମାଭିଃ	ପୁସ୍ତକଂ	ପଠିତମ୍
ବାଳିକାଭିଃ	,,	,,	ବାଳକେନ	ଗ୍ରନ୍ଥଃ	ପଠିତଃ
ମୟା	,,	,,	ବାଳକୈଃ	,,	,,
			ବାଳକେନ	ଗ୍ରନ୍ଥାଃ	ପଠିତାଃ
ତ୍ୱୟା	,,	,,	ମୟା	,,	,,

ଇତ୍ୟାଦି

ଉପର ଉଦାହରଣଗୁଡ଼ିକରୁ ଜାଣି ପାରୁଥିବ ଯେ, 'ଗତ' ଧାତୁଜବିଶେଷଣଟି କର୍ତ୍ତୃବାଚ୍ୟରେ ଏବଂ 'ପଠିତ' ଧାତୁଜବିଶେଷଣଟି

Digitized by PPRACHIN, SOA

କର୍ମବାଚ୍ୟରେ ବ୍ୟବହୃତ ହୋଇଅଛି । ଯେଉଁ ବାଚ୍ୟରେ ବ୍ୟବହୃତ ହୋଇଥାଏ ନା କାହିଁକି, ଦୁଇଟିଯାକ ଅତୀତକାଳ ପ୍ରକାଶ କରୁଅଛି ।

ବଙ୍ଗଳା, ହିନ୍ଦୀ ପ୍ରଭୃତି ଭାଷାରେ ମଧ୍ୟ ସାଧାରଣ ଅତୀତ କାଳ କ୍ରିୟାଗୁଡ଼ିକ 'ତ' ପ୍ରତ୍ୟୟାନ୍ତ କୃଦନ୍ତ ଶବ୍ଦରୁ ଉତ୍ପନ୍ନ । ଯେପରି ବଙ୍ଗଳାରେ ଗେଲ୍, ଗେଲେ, ଗେଲ, ଗେଲମ୍ ପ୍ରଭୃତି କ୍ରିୟା 'ଗତ' ରୁ ଉତ୍ପନ୍ନ । ହିନ୍ଦୀରେ ଗୟା, ଗୟେ, ଗୟୀ ପ୍ରଭୃତି 'ଗତ' ରୁ ଉତ୍ପନ୍ନ ।

(୬) ସାଧାରଣ ଭବିଷ୍ୟତ କାଳ

	୧ମ ପୁରୁଷ	୨ୟ ପୁରୁଷ	୩ୟ ପୁରୁଷ
ଏକବଚନ	ପଢ଼ିବି	ପଢ଼ିବୁ	ପଢ଼ିବ
ବହୁବଚନ	ପଢ଼ିବୁଁ	ପଢ଼ିବ	ପଢ଼ିବେ

ଏହି କ୍ରିୟାଗୁଡ଼ିକୁ ଅନୁଧ୍ୟାନ କଲେ ଦେଖିପାରିବ, ଏଗୁଡ଼ିକରେ ଗୋଟିଏ ମୂଳପିଣ୍ଡ ଅଛି । ତାହା ହେଉଛି 'ପଢ଼ିବ' । 'ପଢ଼ିବ' ରେ ବିଭିନ୍ନ ପୁରୁଷ ଓ ବଚନବୋଧକ ପ୍ରତ୍ୟୟମାନ ଲାଗି ସାଧାରଣ ଭବିଷ୍ୟତ କାଳ କ୍ରିୟା ଗଠିତ ହୋଇଅଛି । ଯେପରି— ପଢ଼ିବ+ଇ = ପଢ଼ିବି, ପଢ଼ିବ+ଉଁ = ପଢ଼ିବୁଁ, ପଢ଼ିବ+ଉ = ପଢ଼ିବୁ, ପଢ଼ିବ+ଅ = ପଢ଼ିବ, ପଢ଼ିବ + ଏ = ପଢ଼ିବେ ।

ସେହିପରି ହସିବି, ହସିବୁଁ, ହସିବେ ପ୍ରଭୃତି କ୍ରିୟାର ମୂଳପିଣ୍ଡ 'ହସିବ'; ଦେବେ, ଦେବ ପ୍ରଭୃତି କ୍ରିୟାର ମୂଳପିଣ୍ଡ 'ଦେବ' ଇତ୍ୟାଦି ।

Digitized by PPRACHIN, SOA

ଏହି ଧରଣର ମୂଳପିଣ୍ଡ ଆସିଲା କୁଆଡ଼ୁ ? ଦେଖ—

ପ୍ରା. ଭା. ଆ. ଭାଷାରେ ଧାତୁରୁ 'ତବ୍ୟ' ପ୍ରତ୍ୟୟ ଲାଗି ପଦ ଗଠିତ ହେଉଥିଲା । ଯେପରି—ପଠ୍‌+ତବ୍ୟ=ପଠିତବ୍ୟ, ହସ୍‌+ତବ୍ୟ=ହସିତବ୍ୟ, ଯା+ତବ୍ୟ=ଯାତବ୍ୟ, କଥ୍‌+ତବ୍ୟ= କଥିତବ୍ୟ ଇତ୍ୟାଦି । ଏହି ତବ୍ୟପ୍ରତ୍ୟୟାନ୍ତ ପଦଗୁଡ଼ିକରୁ ଓଡ଼ିଆ ଭବିଷ୍ୟତ କାଳ କ୍ରିୟାଗୁଡ଼ିକର ମୂଳପିଣ୍ଡ ଆସିଅଛି । ଯେପରି—ସଂସ୍କୃତ ପଠିତବ୍ୟ > ପ୍ରାକୃତ ପଢିଅବ୍ବ > ଓଡ଼ିଆ ପଢିବ, ସଂ. କଥିତବ୍ୟ > ପ୍ରା. କହିଅବ୍ବ > ଓ. କହିବ; ଜୀବିତବ୍ୟ > ଜୀଇଅବ୍ବ > ଜୀଇବ ଇତ୍ୟାଦି । ଏ ପ୍ରକାର ମୂଳପିଣ୍ଡରୁ ବିଭିନ୍ନ ପୁରୁଷ ଓ ବଚନବୋଧକ ପ୍ରତ୍ୟୟମାନ ଲଗି ଭବିଷ୍ୟତ କାଳ କ୍ରିୟାଗୁଡ଼ିକ ଗଠିତ ହୋଇଅଛି । ଯେପରି—ପଢିବ+ଇ = ପଢିବି, ପଢିବ+ଏ = ପଢିବେ ଇତ୍ୟାଦି ।

ତୁମେ ଜାଣ, ଧାତୁରୁ ପ୍ରତ୍ୟୟ ଲାଗି ପଦ ଗଠିତ ହେଲେ ସେହି ପଦକୁ କୃଦନ୍ତ ପଦ କହନ୍ତି । ତେଣୁ, ପଠ୍‌+ତବ୍ୟ = ପଠିତବ୍ୟ, କଥ୍‌+ତବ୍ୟ = କଥିତବ୍ୟ—ଏଭଳି ପଦଗୁଡ଼ିକ କୃଦନ୍ତପଦ । ଏହି ଧରଣର କୃଦନ୍ତ ପଦରୁ ଓଡ଼ିଆ ଭବିଷ୍ୟତ କାଳ କ୍ରିୟା ଉତ୍ପନ୍ନ । ତେଣୁ ଓଡ଼ିଆ ଭବିଷ୍ୟତ କାଳ କ୍ରିୟା କୃଦନ୍ତମୂଳକ କ୍ରିୟା ବା ସଂକ୍ଷେପରେ କହିଲେ କୃଦନ୍ତ କ୍ରିୟା ଅଟେ ।

ପୁନଶ୍ଚ, ତବ୍ୟ ପ୍ରତ୍ୟୟାନ୍ତ ପଦଗୁଡ଼ିକ ସ୍ୱଭାବତଃ ବିଶେଷଣ । ଅବଶ୍ୟ ଓଡ଼ିଆରେ ଏଭଳି ବିଶେଷଣ ପଦର ବିଶେଷ ବ୍ୟବହାର ନାହିଁ, କିନ୍ତୁ ସଂସ୍କୃତରେ ବହୁଳ ବ୍ୟବହାର ଅଛି । ଯେପରି— ଦାତବ୍ୟ ଧନ, ଗନ୍ତବ୍ୟ ଗ୍ରାମ, ଶ୍ରୋତବ୍ୟ ବିଷୟ, ପଠିତବ୍ୟ

Digitized by PPRACHIN, SOA

ପୁସ୍ତକ ଇତ୍ୟାଦି । ଏ ପ୍ରକାର ଧାତୁଜ ବିଶେଷଣରୁ ଓଡ଼ିଆ ଭବିଷ୍ୟତ କାଳ କ୍ରିୟାଗୁଡ଼ିକ ଉତ୍ପନ୍ନ । ତେଣୁ ଓଡ଼ିଆ ଭବିଷ୍ୟତ କାଳ କ୍ରିୟା-ଗୁଡ଼ିକୁ ମଧ୍ୟ ଧାତୁଜବିଶେଷଣାତ୍ମକ କ୍ରିୟା କୁହାଯାଏ ।

ପ୍ରା. ଭା. ଆ. ଭାଷାରେ ତବ୍ୟପ୍ରତ୍ୟୟାନ୍ତ ବିଶେଷଣଗୁଡ଼ିକ କିପରି ବ୍ୟବହୃତ ହେଉଥିଲା, ଦୃଷ୍ଟାନ୍ତ ଦେଖ—

ପଠ୍ + ତବ୍ୟ = ପଠିତବ୍ୟ

ବାଳକେନ ପୁସ୍ତକଂ ପଠିତବ୍ୟମ୍ (ବାଳକଦ୍ୱାରା ପୁସ୍ତକ ପଢ଼ା ହେବ ବା ପଢ଼ାହେବା ଉଚିତ ।) ସେହିପରି—

ବାଳକୈଃ	ପୁସ୍ତକଂ	ପଠିତବ୍ୟମ୍	ବାଳକେନ	ଗ୍ରନ୍ଥଃ	ପଠିତବ୍ୟଃ
ବାଳିକୟା	,,	,,	ବାଳିକୟା	,,	,,
ମୟା	,,	,,	ମୟା	,,	,,
ତ୍ୱୟା	,,	,,	ତ୍ୱୟା	,,	,, ଇତ୍ୟାଦି

ଉପର ଉଦାହରଣଗୁଡ଼ିକରୁ ଜାଣିପାରୁଥିବ ଯେ, ତବ୍ୟ-ପ୍ରତ୍ୟୟାନ୍ତ ଧାତୁଜ ବିଶେଷଣ କର୍ମବାଚ୍ୟରେ ବ୍ୟବହୃତ ହେଉଥିଲା ଏବଂ ଭବିଷ୍ୟତକାଳ ବୁଝାଉଥିଲା । କିନ୍ତୁ ସେଥିରୁ ଉତ୍ପତ୍ତି ଲାଭ କରିଥିବା ଓଡ଼ିଆ ଭବିଷ୍ୟତ କାଳ କ୍ରିୟା କର୍ତ୍ତୃବାଚ୍ୟରେ ବ୍ୟବହୃତ ହୁଏ । ଯଥା— ମୁଁ ପଢ଼ିବି, ତୁମେ ପଢ଼ିବ ଇତ୍ୟାଦି ।

ବଙ୍ଗଳାରେ ମଧ୍ୟ ଭବିଷ୍ୟତ କାଳ କ୍ରିୟା ତବ୍ୟପ୍ରତ୍ୟୟାନ୍ତ ପଦରୁ ଉତ୍ପନ୍ନ । ଯେପରି—ପଡ଼୍‌ବ, ପଡ଼୍‌ବେନ୍ ଇତ୍ୟାଦି ।

Digitized by PPRACHIN, SOA

(୩) ସାଧାରଣ ସମ୍ଭାବ୍ୟ କାଳ

ଧାତୁ ପଢ଼୍

	୧ମ ପୁରୁଷ	୨ୟ ପୁରୁଷ	୩ୟ ପୁରୁଷ
ଏକବଚନ	(ମୁଁ) ପଢ଼ନ୍ତି	(ତୁ) ପଢ଼ନ୍ତୁ	(ସେ) ପଢ଼ନ୍ତା
ବହୁବଚନ	(ଆମେ) ପଢ଼ନ୍ତୁ	(ତୁମେ, ତୁମେମାନେ) ପଢ଼ନ୍ତ	(ସେମାନେ) ପଢ଼ନ୍ତେ

ଏହି କ୍ରିୟାଗୁଡ଼ିକୁ ଲକ୍ଷ୍ୟ କଲେ ଜାଣିପାରିବ, ଏଗୁଡ଼ିକରେ ଗୋଟିଏ ମୂଳପିଣ୍ଡ ରହିଛି । ତାହା ହେଉଛି 'ପଢ଼ନ୍ତ' । ଏଥିରେ ବିଭିନ୍ନ ପୁରୁଷ ଓ ବଚନ ବୋଧକ ପ୍ରତ୍ୟୟମାନ ଲଗି ସମ୍ଭାବ୍ୟ କାଳ କ୍ରିୟାମାନ ଗଠିତ ହୋଇଛି । ଯେପରି—ପଢ଼ନ୍ତ+ଇ = ପଢ଼ନ୍ତି, ପଢ଼ନ୍ତ+ଆ = ପଢ଼ନ୍ତା, ପଢ଼ନ୍ତ+ଏ = ପଢ଼ନ୍ତେ ଇତ୍ୟାଦି ।

ସେହିପରି ହସନ୍ତା, ହସନ୍ତେ, ହସନ୍ତି, ହସନ୍ତ ପ୍ରଭୃତିର ମୂଳପିଣ୍ଡ 'ହସନ୍ତ'; ଶୁଣନ୍ତା, ଶୁଣନ୍ତେ, ଶୁଣନ୍ତୁ ପ୍ରଭୃତିର ମୂଳପିଣ୍ଡ 'ଶୁଣନ୍ତ' ଇତ୍ୟାଦି ।

ଏ ପ୍ରକାର ମୂଳପିଣ୍ଡଗୁଡ଼ିକ ଆସିଲା କୁଆଡ଼ୁ ? ଦେଖ—

ପ୍ରା. ଭା. ଆ. ଭାଷାରେ ଧାତୁରୁ 'ଶତୃ' ପ୍ରତ୍ୟୟ ଲଗି ପଦ ଗଠିତ ହେଉଥିଲା । ଶୁଣିବାକୁ ସିନା 'ଶତୃ', କିନ୍ତୁ ପ୍ରକୃତ ପ୍ରତ୍ୟୟ ଥିଲା 'ଅତ୍' । ଯେପରି— ପଠ୍+ଶତୃ = ପଠତ୍, ହସ୍+ଶତୃ = ହସତ୍, ଖାଦ୍+ଶତୃ = ଖାଦତ୍ । ସଂସ୍କୃତ ବ୍ୟାକରଣମାନଙ୍କରେ ଏହିପରି ଅନେକ ପ୍ରତ୍ୟୟ ଅଛି, ଯେଉଁଗୁଡ଼ିକ ଶୁଣିବାକୁ ଗୋଟିଏ ପ୍ରକାର, କିନ୍ତୁ କାର୍ଯ୍ୟରେ ଅନ୍ୟ ପ୍ରକାର । ଆଉ ଗୋଟିଏ ନମୁନା ଦେଖ—

ବି—ହୃ+ଘଞ୍ = ବିହାର, ଦିଶ୍+ଘଞ୍ = ଦେଶ,

Digitized by PPRACHIN, SOA

ପଚ୍ + ଘଞ୍ = ପାକ,   ତ୍ୟଜ୍ + ଘଞ୍ — ତ୍ୟାଗ ଇତ୍ୟାଦି । ଶୁଣିବାକୁ ପିନା 'ଘଞ୍', କିନ୍ତୁ ପ୍ରକୃତରେ ତାହା 'ଅ' ପ୍ରତ୍ୟୟ । ତେବେ କାହିଁକି 'ଅ' ନ କହି 'ଘଞ୍' କୁହାଯାଉଛି ? 'ଅତ୍' ନ କହି 'ଶତୃ' କୁହାଯାଉଛି ? ଏହାର ରହସ୍ୟ ତୁମେ ସଂସ୍କୃତ ବ୍ୟାକରଣ ଅଧ୍ୟୟନ କଲେ ଜାଣିବ ।

ଏହି ଶତୃ (ଅତ୍) ପ୍ରତ୍ୟୟାନ୍ତ ପଦମାନଙ୍କରୁ ହିଁ ଓଡ଼ିଆ ସମ୍ଭାବ୍ୟ କାଳ କ୍ରିୟା ଗୁଡ଼ିକର ମୂଳପିଣ୍ଡ ଆସିଅଛି । ଯେପରି— ସଂସ୍କୃତ ପଠତ୍ > ପ୍ରାକୃତ ପଠନ୍ତ > ଓଡ଼ିଆ ପଢନ୍ତ; ସଂ. ହସତ୍ > ପ୍ରା. ହସନ୍ତ > ଓ. ହସନ୍ତ; କଥୟତ୍ > କହନ୍ତ > କହନ୍ତ ଇତ୍ୟାଦି । ଏ ପ୍ରକାର ମୂଳପିଣ୍ଡରୁ ବିଭିନ୍ନ ପୁରୁଷ ଓ ବଚନବୋଧକ ପ୍ରତ୍ୟୟମାନ ଲଗି ଓଡ଼ିଆ ସମ୍ଭାବ୍ୟକାଳ କ୍ରିୟା-ଗୁଡ଼ିକ ଗଠିତ ହୋଇଅଛି । ଯେପରି — ପଢନ୍ତ + ଇ — ପଢନ୍ତି, ପଢନ୍ତ + ଏ = ପଢନ୍ତେ; ପଢନ୍ତ + ଆ = ପଢନ୍ତା ଇତ୍ୟାଦି । (ମୁଁ ପଢନ୍ତି, ସେମାନେ ପଢନ୍ତେ, ସେ ପଢନ୍ତା ଇତ୍ୟାଦି)

'ତ' ଏବଂ 'ତବ୍ୟ' ପ୍ରତ୍ୟୟାନ୍ତ ପଦ ପରି 'ଶତୃ' (ଅତ୍) ପ୍ରତ୍ୟୟାନ୍ତ ପଦ ମଧ୍ୟ କୃଦନ୍ତ ପଦ । କାରଣ, 'ଶତୃ' ପ୍ରତ୍ୟୟ ଧାତୁରୁ ଲଗେ । ଏ ଶ୍ରେଣୀର କୃଦନ୍ତ ପଦରୁ ଓଡ଼ିଆ ସମ୍ଭାବ୍ୟ କାଳର କ୍ରିୟାଗୁଡ଼ିକ ଉତ୍ପନ୍ନ ହୋଇଥିବା ହେତୁ ସେଗୁଡ଼ିକୁ କୃଦନ୍ତମୂଳକ କ୍ରିୟା ବା ସଂକ୍ଷେପରେ କୃଦନ୍ତ କ୍ରିୟା କୁହାଯାଏ ।

'ଶତୃ' (ଅତ୍) ପ୍ରତ୍ୟୟାନ୍ତ ପଦଗୁଡ଼ିକ ମଧ୍ୟ ସ୍ୱଭାବତଃ ବିଶେଷଣ । ପ୍ରା. ଭା. ଆ. ଭାଷାରେ ସେଗୁଡ଼ିକର ବ୍ୟବହାର କିପରି ଥିଲା, ଦୃଷ୍ଟାନ୍ତ ଦେଖ—

ବାଳକଃ   ପଠନ୍ (ବାଳକ   ପଢୁଥିବା   ଅବସ୍ଥାରେ)

Digitized by PPRACHIN, SOA

ବାଳକାଃ   ପଠନ୍ତଃ (ବାଳକମାନେ ପଢୁଥିବା ଅବସ୍ଥାରେ)
ବାଳିକା   ପଠନ୍ତୀ (ବାଳିକା ,, ,,)
ବାଳିକାଃ   ପଠନ୍ତ୍ୟଃ (ବାଳିକାମାନେ ,, ,,)
ପଠନ୍   ବାଳକଃ (ପଢୁଥିବା ବାଳକଃ)
ପଠନ୍ତଃ   ବାଳକାଃ (,, ବାଳକମାନେ)
ପଠନ୍ତୀ   ବାଳିକା (,, ବାଳିକା)
ପଠନ୍ତ୍ୟଃ   ବାଳିକାଃ (,, ବାଳିକାମାନେ) ଇତ୍ୟାଦି ।

ଏଥିରୁ ଜାଣିଲ, 'ଶତୃ' ପ୍ରତ୍ୟୟାନ୍ତ ପଦ ଥିଲ ଧାତୁଜ-ବିଶେଷଣ ବା କୃଦନ୍ତ ବିଶେଷଣ । ଓଡ଼ିଆ ସମ୍ଭାବ୍ୟକାଳ କ୍ରିୟାଗୁଡ଼ିକ ଏଥିରୁ ଉତ୍ପତ୍ତି ଲାଭ କରିଛି । ତେଣୁ ଓଡ଼ିଆ ସମ୍ଭାବ୍ୟ କାଳ କ୍ରିୟାଗୁଡ଼ିକୁ ମଧ୍ୟ ଧାତୁଜବିଶେଷଣାତ୍ମକ କ୍ରିୟା କୁହାଯାଏ । (କ୍ରିୟାଜ ବିଶେଷଣାତ୍ମକ କ୍ରିୟା ମଧ୍ୟ କୁହାଯାଏ ।)

ହିନ୍ଦୀରେ ମଧ୍ୟ ସମ୍ଭାବ୍ୟ କାଳ କ୍ରିୟାଗୁଡ଼ିକ କୃଦନ୍ତ-କ୍ରିୟା ଏବଂ ସେଗୁଡ଼ିକ 'ଶତୃ' ପ୍ରତ୍ୟୟାନ୍ତ ପଦରୁ ଉତ୍ପନ୍ନ । ଯେପରି—ପଢ଼୍ତା (ମୈଁ ପଢ଼୍ତା ତୋ ପାସ୍ କର୍ତା) (ମୁଁ ପଢ଼ନ୍ତି, ପାସ୍ କରନ୍ତି ।) ପଢ଼୍ତେ (ଲଡ଼୍କେ ପଢ଼୍ତେ ତୋ ପାସ୍ କର୍ତେ) ଇତ୍ୟାଦି ।

ଯୌଗିକ କ୍ରିୟାର ସହକାରୀ ଅଂଶରୂପେ କୃଦନ୍ତ କ୍ରିୟା

ଆଗରୁ ଯୌଗିକ କ୍ରିୟା କଥା କୁହାଯାଇଛି । ସେଗୁଡ଼ିକ ଅନୁଧ୍ୟାନ କଲେ ଦେଖିପାରିବ, ସେଗୁଡ଼ିକ ମଧ୍ୟରୁ କେତେକରେ

Digitized by PPRACHIN, SOA

ସହକାରୀ ଅଂଶ ରୂପେ କୃଦନ୍ତ କ୍ରିୟା ରହୁଛି । ଯେପରି— 'ପଢୁ/ଥିଲ', ଏଥିରେ 'ପଢୁ' ମୁଖ୍ୟ ଅଂଶ, 'ଥିଲ' ସହକାରୀ ଅଂଶ । 'ଥିଲ' ଏକ କୃଦଂତକ୍ରିୟା । କାରଣ, ଏହାର ମୂଳପିଣ୍ଡ 'ଥିଲ' ଏବଂ ଉକ୍ତ 'ଥିଲ' ପ୍ରା. ଭା. ଆ. 'ସ୍ଥିତ' (ସ୍ଥା+ତ) କୃଦଂତ ପଦରୁ ଉତ୍ପନ୍ନ । ସେହିପରି 'ପଢୁ/ଥିବ' ଏଥିରେ 'ଥିବ' ସହକାରୀ ଅଂଶ । ଏହା ଏକ କୃଦଂତ କ୍ରିୟା । କାରଣ, ଏହାର ମୂଳପିଣ୍ଡ 'ଥିବ' ଏବଂ ଉକ୍ତ 'ଥିବ' ପ୍ରା. ଭା. ଆ. 'ସ୍ଥାତବ୍ୟ' (ସ୍ଥା+ତବ୍ୟ) କୃଦଂତ ପଦରୁ ଉତ୍ପନ୍ନ । ସେହିପରି 'ପଢୁ/ଥାନ୍ତା', ଏଥିରେ 'ଥାନ୍ତା' ସହକାରୀ ଅଂଶ । ଏହା ମଧ୍ୟ ଏକ କୃଦଂତ କ୍ରିୟା । କାରଣ, ଏହାର ମୂଳ-ପିଣ୍ଡ 'ଥାନ୍ତ' ଏବଂ ଉକ୍ତ 'ଥାନ୍ତ' ପ୍ରା. ଭା. ଆ. *ସ୍ଥାନ୍ତ୍ (ସ୍ଥା+ଶତୃ) କୃଦଂତ ପଦରୁ ଉତ୍ପନ୍ନ ।

ତୁମକୁ ଆଗରୁ ଦର୍ଶାଇ ଦିଆଯାଇଛି, ଓଡ଼ିଆ ସାଧାରଣ ଅତୀତ, ସଧାରଣ ଭବିଷ୍ୟତ ଓ ସାଧାରଣ ସମ୍ଭାବ୍ୟ କାଳ କ୍ରିୟା-ଗୁଡ଼ିକ କୃଦଂତ କ୍ରିୟା । ତା' ଛଡ଼ା, ଅତୀତ, ଭବିଷ୍ୟତ ଓ ସମ୍ଭାବ୍ୟ କାଳରେ ଯେତେ ଯୌଗିକ କ୍ରିୟା (ପଢୁ/ଥିଲ, ପଢ଼ି/ଥିଲ; ପଢୁ/ଥିବ, ପଢ଼ି/ଥିବ; ପଢୁ/ଥାଂତା, ପଢ଼ି/ଥାଂତା ଇତ୍ୟାଦି) ସେ ସମସ୍ତରେ ସହକାରୀ ଅଂଶରୂପେ କୃଦଂତ କ୍ରିୟା ରହିଛି । ସହକାରୀ ଅଂଶରୂପେ ଯେତେ କୃଦଂତ କ୍ରିୟା, ସେସବୁର ଧାତୁ ହେଉଛି ଏକମାତ୍ର 'ଥା' (ସଂସ୍କୃତ—ସ୍ଥା)

ଏ ପ୍ରସଙ୍ଗରେ ଜାଣିରଖିବାର କଥା, ଆମର ପୂର୍ବାଞ୍ଚଳୀୟ ଭାରତରେ ଯେଉଁ ମୁଖ୍ୟ ଛଅଟି ଭାଷା— ଓଡ଼ିଆ, ବଙ୍ଗଳା,

Digitized by PPRACHIN, SOA

ଅସମିୟା, ଭୋଜପୁରୀ, ମୈଥିଳୀ ଓ ମଗଧୀ—ଏଗୁଡ଼ିକରେ ସାଧାରଣ ଅତୀତ, ସାଧାରଣ ଭବିଷ୍ୟତ ଓ ସାଧାରଣ ସମ୍ଭାବ୍ୟ କାଳ କ୍ରିୟା-ଗୁଡ଼ିକ କୃଦଂତ କ୍ରିୟା । ଏ ସବୁଥିରେ ଅତୀତ କାଳର ସୂଚକ ହୋଉଛି 'ଲ୍‌', ଭବିଷ୍ୟତ କାଳର ସୂଚକ 'ବ୍‌' ଏବଂ ସମ୍ଭାବ୍ୟ କାଳର ସୂଚକ 'ତ୍‌' । ଏ ତିନି କାଳରେ ଯେତେ ଯୌଗିକ କ୍ରିୟା ସେ ସବୁର ସହକାରୀ ଅଂଶ ମଧ୍ୟ କୃଦଂତ କ୍ରିୟା ।

ଓଡ଼ିଆ ବିଭକ୍ତି

ଓଡ଼ିଆ ଭାଷାରେ ଯେତେ ବିଭକ୍ତିପ୍ରତ୍ୟୟ ବ୍ୟବହୃତ ଥିଲା ଏବଂ ବର୍ତ୍ତମାନ ଅଛି, ସେଗୁଡ଼ିକର ତାଲିକା ତଳେ ଦିଆଗଲା ।

ପ୍ରଥମା—ଏ

ଦ୍ୱିତୀୟା—କଇ, କଇଂ, କୁଇ, କୁଇଂ, କୈ, କୈଂ, କେ, କେଂ, କୁ, କ, ଏ, ରେ, ତେ, ନ୍ତ, ନ୍ତୁ, ଠାକୁ, ଠିକ, ଠିକୁ

ତୃତୀୟା—ଏ, ଏଁ, ଏଣ, ରେ ରେଣ, ଦ୍ୱାରା, ଦେଇ, କର୍ତ୍ତୃକ

ଚତୁର୍ଥୀ—ଦ୍ୱିତୀୟା ସହିତ ସମାନ (ଶେଷ ତିନୋଟି ବ୍ୟତୀତ) ଲାଗି, ପାଇଁ, ନିମିତ୍ତ, ନିମଂତେ, ସକାଶେ

ପଞ୍ଚମୀ—ଉ, ଉଁ, ହୁଁ, ରୁ. ଠାରୁ. ଠୁ, ଠୁଁ, ଠଉଁ. ତହୁଁ, ସୁଁ ।

ଷଷ୍ଠୀ—ର, ଋ, କ, କର, କଋ

ସପ୍ତମୀ—ଇ, ଇଁ, ଏ, ଏଣ, ରେ, ରେଣ, ତେ, ଠାରେ, ଠାଇଁ, ଠେଇଁ, ଠି, ଠିଁ, ତହିଁ ।

ଏଗୁଡ଼ିକର ବ୍ୟବହାର ଦିଆଗଲା ।

Digitized by PPRACHIN, SOA

ପ୍ରଥମା

ସମ୍ମାନସୂଚକ ଏକବଚନରେ କିମ୍ବା ବହୁବଚନରେ ପ୍ରଥମା 'ଏ' ବ୍ୟବହୃତ ହୁଏ । ଯଥା ମିଶ୍ର + ଏ = ମିଶ୍ରେ, ଲୋକ + ଏ = ଲୋକେ (ଲୋକମାନେ) । ରାଜା + ଏ = ରାଜାଏ, (ରାଜାମାନେ) ସେହିପରି ପିଲାଏ, ମୁଣ୍ଡଏ, କୁମାଣ୍ଡଏ, ସାଧୁଏ ଇତ୍ୟାଦି । ପ୍ରାଚୀନ ଓଡ଼ିଆରେ ଏହା 'ଯେ' ଆକୃତିରେ ମଧ୍ୟ ଲେଖା ଯାଉଥିଲା । ଯେପରି—ରାଜାଯେ, ସାଧୁଯେ ।

ଦ୍ୱିତୀୟା

କଇ, କଇଂ, କୁଇ, କୁଇଂ, କୈ, କୈଂ, କେ, କେଂ—ଏ ଆଠଟି ପ୍ରାଚୀନ ପ୍ରୟୋଗ ।

"ତାହାକଇ ପୂଜା କରଇ ପ୍ରଭୃତିନେ ।"
"ଛତ୍ରକଇଂ ସେବା କଲା ।"
"ମୁକୁଇ ବୋଇଲେ ଜନନୀ ।"
"ଯାହାକୁଇଂ ପ୍ରହାରଇ ସ୍ୱପୋଡ଼େ ।"
"ବଦୁରକୈ ରହିଲା ପାଶେ ।"
"ଋଷିକୈଂ ପକାଇଲା ହାଣି ।"
"ଏ ସୁନା କଳନ୍ତରକେ ।" (କଳନ୍ତରକୁ)
"ଅରୁର୍ଯ୍ୟକେଂ ପୁଚ୍ଛିଲେକ ।"

କଇଂ, କୁଇଂ, କୈଂ, କେଂ— ଏଗୁଡ଼ିକରେ ଯେଉଁ ଅନୁସ୍ୱାର ଲଗିଛି, ତାହାର ଉଚ୍ଚାରଣ ଚନ୍ଦ୍ରବିନ୍ଦୁ ପରି । ଯଥା— କଇଁ, କୁଇଁ, କୈଁ, କେଁ । ତାଳପତ୍ର ପୋଥିରେ ଚନ୍ଦ୍ରବିନ୍ଦୁ

Digitized by PPRACHIN, SOA

ଲେଖିବା ଅସୁବିଧାଜନକ ଥିଲ ବୋଲି ଚନ୍ଦ୍ରବିନ୍ଦୁ ସ୍ଥାନରେ ଅନୁସ୍ୱାର ଦିଆ ହୋଇ ଲେଖାଯାଇଛି । ସେହିପରି 'ତହିଁ' ସ୍ଥାନରେ 'ତହିଂ' 'ତହୁଁ' ସ୍ଥାନରେ 'ତହୁଂ', 'ଜିଁ' ସ୍ଥାନରେ 'ଜିଂ' ଲେଖା ହୋଇଛି ।

କୁ, କ—ଏ ଦୁଇଟି ଆଜିପର୍ଯ୍ୟନ୍ତ ପ୍ରଚଳିତ ଅଛି । ଯଥା—ବାଳକକୁ ଡାକ । ନରକ ପଡ଼ିଲେ ।

ଯେଉଁ ବିଭକ୍ତି ପ୍ରତ୍ୟୟ ଗୁଡ଼ିକର ମୂଳରେ 'କ୍' ଧ୍ୱନି ଅଛି, ସେଗୁଡ଼ିକ ବହୁବଚନରେ କିମ୍ବା ସମ୍ମାନସୂଚକ ଏକବଚନରେ ବ୍ୟବହୃତ ହେଲବେଳେ ପ୍ରାତିପଦିକ ଅର୍ଥାତ୍ ମୂଳଶବ୍ଦ ଅନୁସ୍ୱାର-ଯୁକ୍ତ ହୋଇଯାଏ । ଯେପରି—ଲୋକ+କୁ=ଲୋକଂକୁ, ହରି+କି=ହରିଂକି, ମାଆ+କୁ=ମାଆଙ୍କୁ, ଦୁର୍ଗା+କଇ=ଦୁର୍ଗାଂକଇ, ବଧୂ+କୁଇଂ=ବଧୂଂକୁଇଂ, ଆଚାର୍ଯ୍ୟ+କେ=ଆଚାର୍ଯ୍ୟଂକେ ଇତ୍ୟାଦି । ଏହି ଅନୁସ୍ୱାରକୁ ପରବର୍ତ୍ତୀ 'କ୍' ଧ୍ୱନି ସହିତ ମିଶାଇ-ଦେଲେ ଏହିପରି ହୋଇଯାଏ—ଲୋକଙ୍କୁ, ହରିଙ୍କି, ମାଆଙ୍କୁ, ଦୁର୍ଗାଙ୍କଇ, ବଧୂଙ୍କୁଇଂ, ଆଚାର୍ଯ୍ୟଙ୍କେ ଇତ୍ୟାଦି । ତେଣୁ ଙ୍କୁ, ଙ୍କି, ଙ୍କୁଇ ଏମିତି ବିଭକ୍ତି ଚିହ୍ନ ଲେଖିବା ଅନାବଶ୍ୟକ । 'କ୍' ଧ୍ୱନି ମୂଳରେ ଥିବା ବିଭକ୍ତିଚିହ୍ନ ଲଗିଲେ ବହୁବଚନରେ ବା ସମ୍ମାନ-ସୂଚକ ଏକବଚନରେ ମୂଳଶବ୍ଦ କାହିଁକି ଅନୁସ୍ୱାରଯୁକ୍ତ ହୋଇଯାଏ ତାହା ତୁମେ ଅଧିକ ଭାଷାତତ୍ତ୍ୱ ଅନୁଶୀଳନ କଲେ ଜାଣିପାରିବ ।

ଏ— ଏହା ବିଶେଷଭାବେ ପଦ୍ୟରେ ବ୍ୟବହୃତ ହୁଏ । ଯଥା – "ପୁଚ୍ଛିଲେ ବାଳକେ କିଏ ତୋ ପିତା" (ବାଳକ+ଏ = ବାଳକେ ଅର୍ଥାତ୍ ବାଳକକୁ)

Digitized by PPRACHIN, SOA

ରେ—ଏହା ମଧ୍ୟ ପଦ୍ୟଗତ ଦ୍ୱିତୀୟା । ଯଥା—"ମୃଗୟା ସାରି ରାଜନ ଅଇଲେ ରାଜ୍ୟରେ" (ରାଜ୍ୟରେ— ରାଜ୍ୟକୁ)

ତେ—ଏହା କେବଳ ପ୍ରଥମ ପୁରୁଷ ସର୍ବନାମ ଓ ଦ୍ୱିତୀୟ ପୁରୁଷ ସର୍ବନାମ ଏକବଚନରେ ଲାଗେ । ଯଥା—ମୋତେ କହିଲ । ତୋତେ ଡାକୁଛି ।

ନ୍ତ, ନ୍ତି—ଏ ଦୁଇଟି ପ୍ରାଚୀନ ଦ୍ୱିତୀୟା ଚିହ୍ନ । [ସାରଳା-ମହାଭାରତ, ଦାଣ୍ଡୀରାମାୟଣ ପ୍ରଭୃତିରେ ଏ ଦୁଇଟିର ବହୁଳ ବ୍ୟବହାର ଅଛି । ଯଥା—ବ୍ୟାସନ୍ତ ସଂଗେ ଦେଖ ଅଇଲେ । (ବ୍ୟାସନ୍ତ—ବ୍ୟାସଙ୍କୁ) ଦୈତ୍ୟ ଦାନବନ୍ତ କରୁଅଛୁ ନା ସାଧେ ? (ଦାନବନ୍ତ—ଦାନବମାନଙ୍କୁ) ହେପୁତ୍ର ନମନ୍ତେ ମୁଁ ବରଇ ସବୁନ୍ତ । (ସବୁନ୍ତ— ସମସ୍ତଙ୍କୁ) ଅମ୍ବିକା ଅମ୍ବାଳିକା ତଆର ଦୁହିନ୍ତ । (ଦୁହିନ୍ତି—ଦୁହିଁଙ୍କୁ) (ସା: ମ.)

ଠାକୁ, ଠିକୁ, ଠିକ —ଏ ତିନୋଟି ସପ୍ତମୀବୋଧକ ଦ୍ୱିତୀୟା । ଯଥା—ମୁଁ ତାଙ୍କଠାକୁ/ତାଙ୍କଠିକୁ/ତାଙ୍କଠିକ ଯାଉଛି ।

ତୃତୀୟା

ଏ— ଏହା ପଦ୍ୟରେ ବିଶେଷଭାବେ ବ୍ୟବହୃତ ହୁଏ । ଯଥା— ଛେଦିଲ କୁଠାରେ । (କୁଠାର+ଏ=କୁଠାରେ) ଅର୍ଥାତ୍ କୁଠାର ଦ୍ୱାରା ।

"କ୍ଷୁଧାୟେ ତୁମେ ମୋତେ କୋପ କରିବ ବୋଲି"

(କ୍ଷୁଧା+ଏ=କ୍ଷୁଧାଏ/କ୍ଷୁଧାୟେ ଅର୍ଥାତ୍ କ୍ଷୁଧାଦ୍ୱାରା)

Digitized by PPRACHIN, SOA

ଏଂ—ଏହା ପ୍ରାଚୀନ କାବ୍ୟକବିତାରେ ବିଶେଷଭାବେ ବ୍ୟବହୃତ ହୋଇଥିଲା । ଯଥା—"ଭୁଜେଂ ଠେଲିଲେକ ତୋଳି ।" (ଭୁଜ+ଏଂ = ଭୁଜେଂ ଅର୍ଥାତ୍ ଭୁଜଦ୍ୱାରା)

ଏଣ—ଏହା ମଧ୍ୟ ଏକ ପ୍ରାଚୀନ ପ୍ରୟୋଗ । ଯଥା—"କରେଣ ଶଙ୍ଖଚକ୍ରଧାରୀ ।" (କର+ଏଣ = କରେଣ ଅର୍ଥାତ୍ କରଦ୍ୱାରା)

ରେ—ଏହା ବର୍ତ୍ତମାନ ସୁଦ୍ଧା ପ୍ରଚଳିତ ମୁଖ୍ୟ ତୃତୀୟା ଚିହ୍ନ । ଯଥା—କଲମରେ ଲେଖୁଛି ।

ରେଣ—ଏହା ଏକ ପ୍ରାଚୀନ ପ୍ରୟୋଗ । ଯଥା—"ମୃତେ ମାରିଣ ପାଦରେଣ ପ୍ରହାରି" (ପାଦରେଣ—ପାଦଦ୍ୱାରା) •

ଦ୍ୱାରା, କର୍ତ୍ତୃକ—ଏ ଦୁଇଟି ବିଶେଷଭାବେ ସାହିତ୍ୟ ଭାଷାରେ ବ୍ୟବହୃତ ହୁଏ । ଯଥା—ତୁମଦ୍ୱାରା କିଛି ହୋଇପାରିବ-ନାହିଁ । ମତ୍କର୍ତ୍ତୃକ/ମୋ କର୍ତ୍ତୃକ ସଂଗୃହୀତ ।

ଦେଇ—ମୋ ଦେଇ ଏ କାର୍ଯ୍ୟ ହେବନାହିଁ । (ମୋ ଦ୍ୱାରା)

ଚତୁର୍ଥୀ

ଯାହାଙ୍କୁ ବିଭିନ୍ନ ଚିହ୍ନ, ସେ ସମସ୍ତ ଚତୁର୍ଥୀ ହୋଇଯାଏ, ଯବ ଦାନ ଅର୍ଥ ବୁଝାଏ । ଯଥା—ଭିକାରୀଙ୍କୁ ଭିକ ଦିଅ । "ଦେବନ୍ତ ସମର୍ପିଲେ ନେଇ ।" (ଦେବନ୍ତ—ଦେବତାମାନଙ୍କୁ)

ନିବାରଣ, ନିମନ୍ତେ ପ୍ରଭୃତି ଅର୍ଥରେ କୁ, କି ପ୍ରଭୃତି ବ୍ୟବହୃତ ହେଲେ ତାହା ଚତୁର୍ଥୀ ନାମ ଧାରଣ କରେ । ଯଥା—ମଶାକୁ ଧୂଆଁ ଦିଅ । ଟଙ୍କାକୁ ସୁନା ୨୫୦ ଗ୍ରାମ୍ ।

Digitized by PPRACHIN, SOA

ପାଇଁ, ନିମିତ୍ତ, ନିମନ୍ତେ, ସକାଶେ, ଲାଗି—ଏଗୁଡ଼ିକ ମଧ୍ୟ ଚତୁର୍ଥୀଦ୍ୟୋତକ । ଯଥା—ଦେଶପାଇଁ କାମ କର । ତୁମ ଲାଗି ମୁଁ ଏତେ କଷ୍ଟ ଭୋଗିଲି । 'ନିମିତ୍ତ' ବିଶେଷଭାବେ ସାହିତ୍ୟ-ଭାଷାରେ ବ୍ୟବହୃତ ହୁଏ ।

ପଞ୍ଚମୀ

ଉ, ଉଁ— ଆକାଶୁ (ଆକାଶ + ଉ = ଆକାଶୁ) (ଆକାଶରୁ)
ପର୍ବତ + ଉଁ = ପର୍ବତୁଁ (ଅର୍ଥାତ୍ ପର୍ବତରୁ)

ହୁଁ—ଆଜିହୁଁ ଏପରି ହେଲାଣି ? କେବେହୁଁ ହୁଏ ନାହିଁ ଆଉ ହୁଅ ।

ରୁ, ଠାରୁ—ଗଛରୁ, ତୁମଠାରୁ

ଠୁ, ଠୁଁ, ଠଉଁ—ଏ ତିନୋଟି ବିଶେଷଭାବେ କଥିତ ଭାଷାରେ ବ୍ୟବହୃତ ହୁଏ । ଯଥା—ମୋଠୁ, ମୋଠୁଁ, ମୋଠଉଁ ।

ଠାରୁ—ଏହା ବିଶେଷଭାବେ ପଦ୍ୟଗତ । ଯଥା—କାଳଠାରୁ ନାହିଁ ବଳିଆର (କାଳଠାରୁ) । ସୁଁ—ଏତେ ବେଳସୁଁ ଖାଇ-ପାରିଲଣି ?

ଷଷ୍ଠୀ

ର—ଗଛର ପତ୍ର, ଦେଶର ଖବର ।

ଋ—ଏହା କେବଳ ସର୍ବନାମରେ ଲାଗେ ଏବଂ ନିର୍ଦ୍ଦିଷ୍ଟତା ବୁଝାଏ । ଯଥା ମୋର, ତୋର, ତାର, ଆମର, ତୁମର ଇତ୍ୟାଦି ।

କ, କର, କେ—ଏଗୁଡ଼ିକର ମୂଳରେ କ୍ ଧ୍ୱନି ଅଛି । ଏଗୁଡ଼ିକ ଯେଉଁ ପ୍ରାତିପଦିକ ଅର୍ଥାତ୍ ମୂଳଶବ୍ଦରେ ଲାଗେ, ତାହା ଅନୁସ୍ୱାରଯୁକ୍ତ ହୋଇଯାଏ । ଯେପରି ପିଲ + କ = ପିଲଂକ,

Digitized by PPRACHIN, SOA

ଲୋକ+ କର = ଲୋକଂକର, ତା+କର = ତାଂକର । ଅନୁସ୍ୱାରକୁ ପରବର୍ତ୍ତୀ 'କ୍' ଧ୍ୱନି ସହିତ ମିଶାଇଦେଲେ ଏହିପରି ହେବ— ପିଲଙ୍କ, ଲୋକଙ୍କର, ତାଙ୍କର । ତେଣୁ, ଙ୍କ, ଙ୍କର, ଏପରି ସ୍ୱତନ୍ତ୍ର ବିଭକ୍ତି କହିବା ଅନାବଶ୍ୟକ । କ, କର, କର—ଏଗୁଡ଼ିକ ଲାଗିଲେ ମୂଳଶବ୍ଦ ଯେ କାହିଁକି ଅନୁସ୍ୱାରଯୁକ୍ତ ହୋଇଯାଏ, ଏହା ତୁମେ ଅଧିକ ଅଧ୍ୟୟନ କଲେ ଜାଣିବ ।

ସପ୍ତମୀ

ଇ, ଇଁ—ଏ ଦୁଇଟି ପ୍ରାଚୀନ ପ୍ରୟୋଗ । ଯଥା—ଘାଟଇ (ଘାଟରେ), ହନ୍ତିବାସ୍ତୁଇଂ (ହସ୍ତୀବାସ୍ତୁରେ)

ଏ—ଏହା ବିଶେଷଭାବେ ପଦ୍ୟରେ ବ୍ୟବହୃତ ହୁଏ । ଗଗନ+ଏ ଗଗନେ (ଗଗନରେ) ନାଉକା+ଏ = ନାଉକାଏ/ନାଉକାୟେ (ନୌକାରେ), "ବସ୍ତାଏ ବସ୍ତାଏ (ବସ୍ତାରେ ବସ୍ତାରେ) ଯିବୁ ।"

ଏଣ—ପ୍ରାଚୀନ ପ୍ରୟୋଗ । "ଆକାଶେଣ ଉଷ୍ଣ ଶୋ ପାତାଳେଣ ବୃଷ୍ଟି" (ଆକାଶରେ, ପାତାଳରେ) 'ବଜେକଲେ ସୁରନାଥ ସୂର୍ଯ୍ୟସଭାୟେଣ' (ସଭା+ଏଣ = ସଭାଏଣ/ସଭାୟେଣ)

ରେ—ବର୍ତ୍ତମାନ ମୁଖ୍ୟ ସପ୍ତମୀ ଚିହ୍ନ । ଦାଣ୍ଡରେ, ଆକାଶରେ, ସଭାରେ ।

ରେଣ—ପ୍ରାଚୀନ ପ୍ରୟୋଗ । "ଏମାନ ବସାଇଲେ ନେଇ ଭୁଜାଦଣ୍ଡ କାଠିରେଣ" (କାଠିରେ) ।

ତେ—ପଦ୍ୟଗତ ପ୍ରୟୋଗ । ଅଙ୍ଗତେ (ଅଙ୍ଗରେ), ସଙ୍ଗତେ (ସଙ୍ଗରେ)

Digitized by PPRACHIN, SOA

ଠାରେ—"ସିଂହଠାରେ ସିଂହର ଗୁଣ, ଶୃଗାଳଠାରେ ଶୃଗାଳର ଗୁଣ"

ଠାଇଁ, ଠେଇଁ, ଠିଁ, ଠି—ଏଗୁଡ଼ିକ କଥିତ ଭାଷାରେ ପ୍ରଚଳିତ, ତାଙ୍କଠି/ଠିଁ/ଠାଇଁ/ଠେଇଁ ତୁମର କି କାମ ?

ତହିଁ—ପ୍ରାଚୀନ ପଦ୍ୟରେ ବ୍ୟବହୃତ ହେଉଥିଲା । ଯଥା—"ତୋ ତହିଁ ରହୁ ମୋର ମନ" (ତୋ ତହିଁ - ତୋଠାରେ)

ବିଭକ୍ତି ଚିହ୍ନଗୁଡ଼ିକର ଉତ୍ପତ୍ତି ଓ ବିକାଶ

(୧) ନିମ୍ନଲିଖିତ ବିଭକ୍ତି ଚିହ୍ନଗୁଡ଼ିକ ମୌଳିକ :

ପ୍ରଥମା—ଏ
ଦ୍ୱିତୀୟା/ଚତୁର୍ଥୀ—ଏ
ତୃତୀୟା—ଏଁ, ଏ, ଏଣ
ପଞ୍ଚମୀ—ଉ, ଉଁ
ସପ୍ତମୀ—ଇଁ, ଇ, ଏ, ଏଣ

ଲକ୍ଷ୍ୟ କରିପାରୁଥିବ, ଯେଉଁ ବିଭକ୍ତିଗୁଡ଼ିକ ସ୍ୱରମୂଳକ, ସେଗୁଡ଼ିକ ମୌଳିକ । ଏଗୁଡ଼ିକୁ କାହିଁକି 'ମୌଳିକ' କୁହାଯାଏ ?

ତୁମେ ଜାଣ, ଆମ ଭାଷାମାନଙ୍କର ମୂଳ ହେଉଛି ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷା ଅର୍ଥାତ୍ ବୈଦିକ ଓ ସଂସ୍କୃତ ଭାଷା । ଉପରେ ଯେଉଁ ବିଭକ୍ତିପ୍ରତ୍ୟୟଗୁଡ଼ିକ ଦିଆଯାଇଛି, ସେଗୁଡ଼ିକର ମୂଳ ପ୍ରା. ଭା. ଆ. ରେ ମିଳୁଛି । ତେଣୁ ସେଗୁଡ଼ିକୁ 'ମୌଳିକ' କୁହାଯାଏ ।

ପ୍ରଥମା ଏ— ପ୍ରା. ଭା. ଆ. ତୃତୀୟା ବହୁବଚନ 'ଏଭିଃ' ରୁ ଉତ୍ପନ୍ନ । ଯେପରି—ନରୈଭିଃ > ନରେହି > ନରେହ > ନରେ ।

Digitized by PPRACHIN, SOA

ମ. ଭା. ଆ. ରେ କର୍ତ୍ତୃବାଚ୍ୟ ଓ କର୍ମବାଚ୍ୟ ଏକ ହୋଇଯିବା ଫଳରେ ପ୍ରା. ଭା. ଆ. ର କର୍ମବାଚ୍ୟର କର୍ତ୍ତା କ୍ରମେ କର୍ତ୍ତୃବାଚ୍ୟର କର୍ତ୍ତା ହୋଇଗଲା । ଯେପରି— ନରେଣଃ କୃତଂ > ନରେ କଲେ ।

ଦ୍ୱିତୀୟା/ଚତୁର୍ଥୀ ଏ—ପ୍ରଥମା 'ଏ' ର ମୂଳ ଯାହା, ଏହାର ମଧ୍ୟ ମୂଳ ତାହା ।

ତୃତୀୟା ଏଁ, ଏ, ଏଣ—ପ୍ରା. ଭା. ଆ. ତୃତୀୟା ଏକବଚନ 'ଏନ' ଓ 'ଏଣ'ରୁ ଉତ୍ପନ୍ନ । ଯେପରି— ଭୁଜେନ > ଭୁଜେଁ/ଭୁଜେ, (ଭୁଜଦ୍ୱାରା), କରେଣ (କରଦ୍ୱାରା)

ପଞ୍ଚମୀ ଉ, ଉଁ, ହୁଁ—ପ୍ରା. ଭା. ଆ. ପଞ୍ଚମୀ-ଅର୍ଥକ 'ତଃ' ପ୍ରତ୍ୟୟରୁ ଉତ୍ପନ୍ନ । ଯେପରି— ଗୃହତଃ > ଘରଦୋ > ଘରଦୁ > ଘରଉ > ଘରୁ । ସେହିପରି ଆକାଶତଃ > ଆକାଶୁ/ଆକାଶୁଁ । ଉଁ ଯାହା ହୁଁ ତାହା । ଉଚ୍ଚାରଣରେ ଉ ହୋଇଯାଏ ହୁଁ ।

ସପ୍ତମୀ ଇଁ, ଇ, ଏ—ପ୍ରା. ଭା ଆ. ସ୍ମିନ୍ > ମ. ଭା. ଆ. ମ୍ହି > ନ. ଭା. ଆ. ହିଁ > ଇଁ/ଇ/ଏ ।

ସପ୍ତମୀ ଏଣ—ତୃତୀୟା 'ଏଣ'ର ମୂଳ ଯାହା, ସପ୍ତମୀ 'ଏଣ'ର ମୂଳ ମଧ୍ୟ ତାହା । କରଣ କାରକ ଓ ଅଧିକରଣ କାରକର ଏକୀଭବ ଫଳରେ ତୃତୀୟା 'ଏଣ' ସପ୍ତମୀରେ ପ୍ରଚଳିତ ।

(୨) ନିମ୍ନଲିଖିତ ବିଭକ୍ତିଗୁଡ଼ିକ ଅନୁସର୍ଗାତ୍ମକ :

ଦ୍ୱିତୀୟା—କଇ, କଇଂ, କୁଇ, କୁଇଂ, କୈ, କୈଂ, କେ, କେଂ, କୁ, କି, ତେ, ନ୍ତି, ନ୍ତୁ, ଠାକୁ, ଠିକି ।

ତୃତୀୟା—ତେ, ତେଣେ, ଦ୍ୱାରା, ଦେଇ, କର୍ତ୍ତୃକ

Digitized by PPRACHIN, SOA

ଚତୁର୍ଥୀ—ଦ୍ୱିତୀୟା ସହିତ ସମାନ (ଶେଷ ତିନିଟି ବ୍ୟତୀତ)
ପାଇଁ, ନିମିତ୍ତ, ନିମନ୍ତେ, ସକାଶେ, ଲାଗି,

ପଞ୍ଚମୀ—ରୁ, ଠାରୁ, ଠୁଁ, ଠାଉ, ଠଉଁ, ଦେହୁଁ, ସୁଁ, ଅପେକ୍ଷା

ଷଷ୍ଠୀ—ର, ର, କ, କର, କେର

ସପ୍ତମୀ—ରେ, ରେଣ, ଏ, ଠାରେ, ଠାଇଁ, ଠେଇଁ, ଠିଁ; ଠି, ଠହିଁ

ଲକ୍ଷ୍ୟ କରିପାରୁଥିବ, ଅନୁସର୍ଗାତ୍ମକ ବିଭକ୍ତିଗୁଡ଼ିକର ମୂଳରେ ବ୍ୟଞ୍ଜନ ଧ୍ୱନି ଅଛି । ଅନୁସର୍ଗାତ୍ମକ ବିଭକ୍ତି କଅଣ ?

ଶବ୍ଦ ଉଚ୍ଚାରିତ ହୋଇ ହୋଇ ହଜାର ହଜାର ବର୍ଷରେ କ୍ରମଶଃ କ୍ଷୀଣ ହୋଇଯାଏ । ଧର, 'ପ୍ରଗ୍ରହ' ଗୋଟିଏ ଶବ୍ଦ । ଏଥିରେ ଆଠଟି ଧ୍ୱନି ଥିଲା । (ପ୍+ର୍+ଅ, ଗ୍+ର+ଅ, ହ୍+ଅ) । ଏହି ଶବ୍ଦଟି ଆଜି 'ପଘା' ଶବ୍ଦରେ ପରିଣତ ହୋଇଅଛି । 'ପଘା' ଶବ୍ଦରେ ଅଛି ମାତ୍ର ଚାରିଟି ଧ୍ୱନି (ପ୍+ଅ, ଘ୍+ଆ) । ଏଥିରୁ ଜାଣୁଛ, ଶବ୍ଦଟି ଛିଣ୍ଡି ଛିଣ୍ଡି କ୍ଷୀଣ ହୋଇଗଲାଣି । ଇଂରାଜୀରେ 'King like' ଶବ୍ଦ ହେଲାଣି 'Kingly', 'Manlike' ହେଲାଣି 'Manly' । ବିଭକ୍ତି କ୍ଷେତ୍ରରେ ମଧ୍ୟ ସେହି କଥା । ନମୁନା ସ୍ୱରୂପ, ପ୍ରା. ଭା. ଆ. ନରାଃ (ନରମାନେ), ନରାନ୍ (ନରମାନଙ୍କୁ), ନରାତ୍ (ଜଣେ ନରଠାରୁ) ଏସବୁ ରୂପ କ୍ରମେ ଗୋଟିଏ ରୂପ ହୋଇଗଲା 'ନରା' । ଏପରି ବିଭିନ୍ନ ବିଭକ୍ତିରେ ରୂପ ସମାନ ହୋଇଗଲେ ଭାବ-ଅଭିବ୍ୟକ୍ତି ହୁଅନ୍ତା କିପରି ? ଫଳରେ ଭାବ ଅଭିବ୍ୟକ୍ତି ପାଇଁ ଆଉ ଗୋଟିଏ ଧାରା ଫିଟିଲା । ସେହି ଧାରାଟି ହେଉଛି—ପଦ ପାଖରେ ଆଉ ଗୋଟିଏ ପଦ ଲଗାଇ ବିଭକ୍ତି ପ୍ରକାଶ କରିବା । ପଦ ପାଖରେ ପଦ ଲଗାଇ କିପରି ବିଭକ୍ତି ପ୍ରକାଶ କରାଯାଏ, ଆଗେ ବର୍ତ୍ତମାନର ଭାଷାରୁ ବୁଝ—

Digitized by PPRACHIN, SOA

ରାମ ଅପେକ୍ଷା ଶ୍ୟାମ ବଡ଼ । ଏ ବାକ୍ୟରେ ଯେଉଁ ଚାରିଟି ପଦ ଅଛି, ତନ୍ମଧ୍ୟରେ 'ଅପେକ୍ଷା' ବି ଗୋଟିଏ ପଦ । ତୁମେ ଅନ୍ୟ ବାକ୍ୟରେ 'ଅପେକ୍ଷା'କୁ ବ୍ୟବହାର କରିପାର । ଯେପରି— "କାହାରି ଅପେକ୍ଷା ରଖନାହିଁ ।" ଏଠାରେ 'ଅପେକ୍ଷା' ଗୋଟିଏ ସ୍ୱତନ୍ତ୍ର ପଦ, କିନ୍ତୁ 'ରାମ ଅପେକ୍ଷା ଶ୍ୟାମ ବଡ଼' ଏହି ବାକ୍ୟରେ ତାହା 'ରାମ' ପଦ ପାଖରେ ବସି ପଞ୍ଚମୀ ବିଭକ୍ତି ବୁଝାଉଅଛି । ଯଥା—ରାମ ଠାରୁ ଶ୍ୟାମ ବଡ଼ । ତେଣୁ ବୁଝିଲ, 'ଅପେକ୍ଷା' ପଞ୍ଚମୀ-ବିଭକ୍ତି ପ୍ରକାଶକ ଏକ ପଦ । ଏଭଳି ବିଭକ୍ତି ପ୍ରକାଶ କରୁଥିବା ପଦକୁ ବୋଲିଯାଏ ଅନୁସର୍ଗ ବା ପରସର୍ଗ । ସେହିପରି 'ନିମିତ୍ତ' ଗୋଟିଏ ପଦ । ଏହାର ସ୍ୱତନ୍ତ୍ର ବ୍ୟବହାର ମଧ୍ୟ ହୋଇପାରେ । ଯଥା—"ହେ ଭଗବାନ୍, ତୁମେହିଁ ସବୁ କରୁଛ, ମୁଁ ନିମିତ୍ତ ମାତ୍ର ।" କିନ୍ତୁ 'ଦେଶ ନିମିତ୍ତ ଜୀବନ ବଳି ଦେଲେ' ଏହି ବାକ୍ୟରେ 'ନିମିତ୍ତ' ପଦଟି 'ଦେଶ' ପଦ ପାଖରେ ବସି ଚତୁର୍ଥୀ ବିଭକ୍ତି ବୁଝାଉଛି । ଅର୍ଥାତ୍ 'ଦେଶପାଇଁ ପ୍ରାଣ ଦେଲେ' । ତେଣୁ 'ନିମିତ୍ତ' ଗୋଟିଏ ଅନୁସର୍ଗ ବା ପରସର୍ଗ ।

ପ୍ରା. ଭା. ଆ. ଭାଷାର ଶବ୍ଦରୂପ ଉଚ୍ଚାରଣରେ କ୍ରମଶଃ ଛୁଣ୍ଟିଯିବା ଫଳରେ ଏବଂ ମୂଳ ଶବ୍ଦର ଆକୃତିକୁ ଆସିଯିବା ଫଳରେ ମୂଳ ଶବ୍ଦ ପାଖରେ ଉପର୍ଯ୍ୟୁକ୍ତ ପ୍ରକାରରେ ଅନୁସର୍ଗ ଦେଇ ବିଭକ୍ତି ପ୍ରକାଶ କରିବାର ବାଟ ଫିଟିଲା । କିନ୍ତୁ କାଳର ଦାଉରୁ ଛୁଡ଼ି ପାଉଛି କିଏ ? ଅନୁସର୍ଗ ମଧ୍ୟ କ୍ରମଶଃ ଛୁଣ୍ଟିବାକୁ ଲାଗିଲା । ୨୬-୨୭ ପୃଷ୍ଠାରେ ଯେଉଁ ଅନୁସର୍ଗାତ୍ମକ ବିଭକ୍ତି ଚିହ୍ନଗୁଡ଼ିକର ତାଲିକା ଦିଆଯାଇଛି, ସେଗୁଡ଼ିକ ବିଭିନ୍ନ ଅନୁସର୍ଗର ଛୁଣ୍ଟାରୂପ । ବିଭିନ୍ନ ଅନୁସର୍ଗରୁ ସେଗୁଡ଼ିକ ଉତ୍ପନ୍ନ ହୋଇଛି ବୋଲି ଆମେ

Digitized by PPRACHIN, SOA

ସେଗୁଡ଼ିକୁ ଅନୁସର୍ଗାତ୍ମକ ବିଭକ୍ତି କହୁଅଛୁଁ । ବର୍ତ୍ତମାନ ଦେଖ, କେଉଁ ଅନୁସର୍ଗରୁ କେଉଁ ବିଭକ୍ତିଚିହ୍ନ କିପରି ଭାବରେ ଉତ୍ପନ୍ନ ହୋଇଅଛି ।

ଦ୍ୱିତୀୟା

କଇ, କଇଁ, କୁଇ, କୁଇଁ, କୈ, କୈଁ, କେ, କେଁ, କୁ, କ—ଏଗୁଡ଼ିକ ସମ୍ଭବତଃ 'କକ୍ଷେ' କିମ୍ବା 'କୃତେ' ଅନୁସର୍ଗରୁ ଉତ୍ପନ୍ନ । କକ୍ଷେ > କକ୍‌ଖେ > କହେ > କଏ > କଇ/କଇଁ/କ/କୁ ଇତ୍ୟାଦି । କୃତେ > କଏ > କଇ/କଇଁ/କ/କୁ ଇତ୍ୟାଦି ।

ତେ—'ତସ୍ମିନ୍' ଅନୁସର୍ଗରୁ ଉତ୍ପନ୍ନ । ତସ୍ମିନ୍ > ତମ୍ହି > ତହିଁ > ତଇ > ତେ

ନ୍ତ, ନ୍ତି—'ସନ୍ତଃ' ଅନୁସର୍ଗରୁ ଉତ୍ପନ୍ନ । ସନ୍ତଃ > ହନ୍ତୋ > ଅନ୍ତ > ନ୍ତ, ନ୍ତି । ପ୍ରାଚୀନ ଆସାମୀ ଭାଷାରେ ମଧ୍ୟ ଅନୁସର୍ଗରୂପେ 'ସନ୍ତ' ଓ 'ହନ୍ତ'ର ବ୍ୟବହାର ଥିଲା । ଯଥା—ଏସନ୍ତ (ଏହି ଲୋକ), ଦୁଇହନ୍ତ (ଦୁଇଜଣ) ଆଧୁନିକ ଆସାମୀ ଭାଷାରେ ହନ୍ତ > ହଁତ୍ ହୋଇ ବହୁବଚନ ପ୍ରତ୍ୟୟରେ ପରିଣତ ହୋଇଅଛି ।

ଠାକୁ, ଠିକୁ, ଠିକ— ଏ ତିନୋଟି ଯୌଗିକ ଦ୍ୱିତୀୟା । ଏଥିରେ 'ଠାବ' ଅନୁସର୍ଗରୁ କୁ, କ ଲାଗିଅଛି । 'ଠାବ' ଶବ୍ଦ 'ସ୍ଥାନ' ଶବ୍ଦରୁ ଉତ୍ପନ୍ନ ଏବଂ 'ଠାବ'ରୁ କ୍ରମେ 'ଠା' ଏବଂ 'ଠି' ହୋଇଛି ।

Digitized by PPRACHIN, SOA

ତୃତୀୟା

ରେ, ରେଣେ—ଏ ଦୁଇଟି ଯୌଗିକ ତୃତୀୟା । ଷଷ୍ଠୀ ଚିହ୍ନ 'ର' ସହିତ ତୃତୀୟା ଚିହ୍ନ ଏ, ଏଣ ଲାଗିଅଛି (ର+ଏ=ରେ, ର+ଏଣ=ରେଣ) । ତୃତୀୟା ଏ, ଏଣ ଷଷ୍ଠରେ ଆଗରୁ କୁହାଯାଇଛି) ମୌଳିକ ବିଭକ୍ତି ଦେଖ), 'ର' କେଉଁ ଅନୁସର୍ଗରୁ କପରି ଉତ୍ପନ୍ନ, ଷଷ୍ଠୀ ଦେଖ ।

ଦ୍ୱାରା, କର୍ତ୍ତୃକ—ଏ ଦୁଇଟି ପ୍ରା. ଭା. ଆ. ରୁ ସିଧାସଳଖ ଗୃହୀତ । ଏ ଦୁଇଟିର ପ୍ରୟୋଗ ଏହିପରି ଥିଲା—ଶରଦ୍ୱାରା, ମନ୍ତ୍ରକର୍ତ୍ତୃକଂ ।

ଦେଇ—'ଦେହେ' ଅନୁସର୍ଗରୁ ଉତ୍ପନ୍ନ । (ମୋ ଦେଇ ଏ କାର୍ଯ୍ୟ ହେବନାହିଁ ଅର୍ଥାତ୍ ମୋ ଦେହେ ଏ କାର୍ଯ୍ୟ ହେବ ନାହିଁ ।)

ଚତୁର୍ଥୀ

ଯେଉଁଗୁଡ଼ିକର ମୂଳରେ 'କ୍' ଧ୍ୱନି ଅଛି, ସେଗୁଡ଼ିକ 'କୃତେ' ଅନୁସର୍ଗରୁ ଉତ୍ପନ୍ନ । କୃତେ > କଏ/କଇ/କୁଇ ଇତ୍ୟାଦି ।

ତେ, ନ୍ତ, ନ୍ତୁ – ତିନିଟିର ଉତ୍ପତ୍ତି ଦ୍ୱିତୀୟା ସହିତ ସମାନ ।

ପାଇଁ—'ଆତ୍ମନେ' ଅନୁସର୍ଗରୁ ଉତ୍ପନ୍ନ । ସଂସ୍କୃତରେ 'ଆତ୍ମନେ' ଆତ୍ମନ୍ ଶବ୍ଦର ଚତୁର୍ଥୀ ରୂପ । ଆତ୍ମନେ > ଅପ୍‌ପଣେ > ପ୍‌ପଣେ > ପାଏଁ > ପାଇଁ ।

Digitized by PPRACHIN, SOA

ନିମିତ୍ତ—ଏହା ସଂସ୍କୃତରୁ ଅବିକଳ ଗୃହୀତ । ନିମିତ୍ତ > ନିମନ୍ତେ ହୋଇଅଛି ।

ପ୍ରକାଶେ—'ପ୍ରକାଶ' ଏକ ସଂସ୍କୃତ ଶବ୍ଦ । ଏଥିରୁ ଓଡ଼ିଆରେ ତୃତୀୟା 'ଏ' ଲଗିଅଛି ।

ଲଗି—ଓଡ଼ିଆ 'ଲଗ୍' ଧାତୁର ଅସମାପିକା କ୍ରିୟା ହୁଏ 'ଲଗି' (ଯେପରି ଅନ୍ୟାନ୍ୟ ଧାତୁରୁ ହୁଏ 'ମାରି' 'କରି' 'ଦେଇ' 'ନେଇ' 'ଆଣି' ଇତ୍ୟାଦି) ଏହି 'ଲଗି' ଚତୁର୍ଥୀ ଅର୍ଥରେ ଅନୁସର୍ଗ ରୂପେ ବ୍ୟବହୃତ ହୁଏ ।

ପଞ୍ଚମୀ

ରୁ—ଏହା ଏକ ଯୌଗିକ ପଞ୍ଚମୀ । ଷଷ୍ଠୀ 'ର' ରେ ପଞ୍ଚମୀ 'ଉ' ମିଶିଅଛି । ପଞ୍ଚମୀ 'ଉ' ବିଷୟରେ 'ମୌଳିକ ବିଭକ୍ତି' ଦେଖ । 'ର' କେଉଁ ଅନୁସର୍ଗରୁ କିପରି ଉତ୍ପନ୍ନ ହୋଇଛି, ଷଷ୍ଠୀ ଦେଖ ।

ଠାରୁ—ଏହା ମଧ୍ୟ ଯୌଗିକ ପଞ୍ଚମୀ । 'ସ୍ଥାନ'ରୁ 'ଠାବ' ଏବଂ 'ଠାବ'ରୁ 'ଠା' ହୋଇଛି । ଠା+ର+ଉ=ଠାରୁ । 'ର' ବିଷୟରେ ଷଷ୍ଠୀ ଦେଖ ଏବଂ 'ଉ' ବିଷୟରେ 'ମୌଳିକ ବିଭକ୍ତି' ଦେଖ ।

ଠୁ, ଠୁଁ, ଠଉ, ଠଉଁ—ଏଗୁଡ଼ିକ ମଧ୍ୟ ଯୌଗିକ । ଠା+ଉ = ଠୁ, ଠଉ; ଠା+ଉଁ = ଠଉଁ, ଠୁଁ ।

ଠହୁଁ—'ଠସ୍ମିନ୍' ଅନୁସର୍ଗରୁ 'ଠହିଁ' ଉତ୍ପନ୍ନ । ଠହିଁ+ପଞ୍ଚମୀ ଉ = ଠହୁଁ ।

Digitized by PPRACHIN, SOA

ସୁଁ—ପ୍ରାକୃତରେ ପଞ୍ଚମୀ ଚିହ୍ନ ରୂପେ 'ସୁନ୍ତୋ'ର ପ୍ରଚଳନ ଥିଲା । ଏଥିରୁ ଓଡ଼ିଆ ପଞ୍ଚମୀ ଚିହ୍ନ 'ସୁଁ' ଆସିଅଛି । ପ୍ରାକୃତ 'ସୁନ୍ତୋ' ସମ୍ଭବତଃ ପ୍ରା. ଭା. ଆ. ସପ୍ତମୀ 'ଷୁ' ବା 'ସୁ' (ଯଥା ନରେଷୁ, ଲତାସୁ) ଏବଂ ପଞ୍ଚମୀ 'ତଃ' ପ୍ରତ୍ୟୟର ସଂଯୋଗରୁ ଉତ୍ପନ୍ନ ।

ଷଷ୍ଠୀ

ର, ର, କ, କର, କର—ଏଗୁଡ଼ିକ ସମସ୍ତ ପ୍ରାକୃତ ଅନୁସର୍ଗ 'କେର' ଓ 'କେରା'ରୁ ଉତ୍ପନ୍ନ । 'କେର' ପୁଲିଙ୍ଗ ଓ କ୍ଳୀବ-ଲିଙ୍ଗରେ ଏବଂ 'କେରା' ସ୍ତ୍ରୀଲିଙ୍ଗରେ ବ୍ୟବହୃତ ହେଉଥିଲା । ଉଭୟେ ଶବ୍ଦର ଷଷ୍ଠୀ ବହୁବଚନ ରୂପରୁ ପ୍ରଯୁକ୍ତ ହେଉଥିଲେ । ଯଥା—ସଂସ୍କୃତ ପୁତ୍ରାଣାଂ > ପ୍ରାକୃତ ପୁତ୍ତଣଂ + କେରେ = ପୁତ୍ତଣଂକେରେ ପିଅରେ (ପୁତ୍ରଙ୍କର ପିତା) ପୁତ୍ତଣଂ + କେରା = ପୁତ୍ତଣଂକେରା ମାଆ (ପୁତ୍ରଙ୍କର ମାଆ) ପୁତ୍ତଣଂ + କେରଂ = ପୁତ୍ତଣଂକେରଂ ପୋତ୍ତଅଂ (ପୁତ୍ରଙ୍କର ପୁତ୍ରକ) ।

ଏଥିରୁ ଜାଣୁଛ, 'କେର' ଥିଲା ଲିଙ୍ଗସାପେକ୍ଷ । 'କେର'ରୁ ଓଡ଼ିଆ ଷଷ୍ଠୀ ଚିହ୍ନ 'କର' ଆସିଅଛି । 'କେରା'ରୁ 'କର' ଆସିଅଛି । କିନ୍ତୁ 'କେରା' କେବଳ ସ୍ତ୍ରୀଲିଙ୍ଗରେ ବ୍ୟବହୃତ ଥିଲା ସ୍ଥଳେ 'କର' ବର୍ତ୍ତମାନ ତିନି ଲିଙ୍ଗରେ ବ୍ୟବହୃତ ହେଉଛି । ଯଥା—ତାଙ୍କର ବାପା, ତାଙ୍କର ମା, ତାଙ୍କର ପୁସ୍ତକ । 'କର' କମେ ବିଭକ୍ତ ହୋଇଯାଇ 'କ' ଏବଂ 'ର' ହୋଇଯାଇଛି । 'କର' ସେହିପରି ବିଭକ୍ତ ହୋଇଯାଇ 'କ' ଏବଂ 'ର' ହୋଇଯାଉ । 'ର' ଯଦ୍ୟପି

Digitized by PPRACHIN, SOA

'କେଶ'ରୁ ଉତ୍ପନ୍ନ, ତାହା ବର୍ତ୍ତମାନ ଆଉ ଲିଙ୍ଗସାପେକ୍ଷ ନାହିଁ । ଯଥା—ତୁମର ବାପା, ତୁମର ମା, ତୁମର ବନ୍ଧୁ । ବର୍ତ୍ତମାନ 'ର' ଏବଂ 'ର' ମଧ୍ୟରେ ଯେ ଟିଏ ପାର୍ଥକ୍ୟ ଅନୁଭୂତ ହୁଏ ; ତାହା ହେଉଛି—'ର' ନର୍ଦ୍ଦିଷ୍ଟତା ପ୍ରକାଶ କରେ । ଯେପରି—"ତୁମର ଭାଇ ମୋତେ ଗାଳି ଦେଲା । ତୁମର ଭାଇ ମୋତେ ଗାଳି ଦେଲା ।" ସେ ଯାହା ହେଉ, 'କେର' ଓ 'କେଶ'ରୁ ଆମେ ପାଞ୍ଚଟି ଷଷ୍ଠୀଚିହ୍ନ ପାଉଥାଉଁ—କର, କର, କ, ର, ର ।

କ୍ ଧ୍ୱନି ମୂଳରେ ଥିବା (କର, କର, କ) ଷଷ୍ଠୀ ଚିହ୍ନଗୁଡ଼ିକ ଲଗିଲେ ମୂଳଶବ୍ଦ ଅନୁସ୍ୱାରଯୁକ୍ତ ହୋଇଯାଏ । ଯେପରି—ଲୋକ + କର = ଲୋକଂକର, ସ୍ତ୍ରୀ + କର = ସ୍ତ୍ରୀଂକର, ତା + କର = ତାଂକର, ସାଧୁ + କ = ସାଧୁଂକ । ଏହି ଅନୁସ୍ୱାରକୁ ପରବର୍ତ୍ତୀ କ ସହିତ ମିଶାଇ ଦେଲେ ଏହିପରି ହୁଏ :—ଲୋକଂକର —ଲୋକଙ୍କର, ସ୍ତ୍ରୀଂକର—ସ୍ତ୍ରୀଙ୍କର, ତାଂକର—ତାଙ୍କର, ସାଧୁଂକ—ସାଧୁଙ୍କ । ତେଣୁ ଙ୍କର, ଙ୍କର, ଙ୍କ—ଏମିତି ଷଷ୍ଠୀ ବିଭକ୍ତି ଲେଖିବା ଅନାବଶ୍ୟକ । କର, କର, କ—ଏହି ଷଷ୍ଠୀ ଚିହ୍ନଗୁଡ଼ିକ ଲଗିଲେ ପ୍ରାତିପଦିକ (ମୂଳଶବ୍ଦ) କାହିଁକି ଅନୁସ୍ୱାରଯୁକ୍ତ ହୋଇଯାଏ, ତୁମେ ଅଧିକ ଓଡ଼ିଆ ଭାଷାତତ୍ତ୍ୱ ଅନୁଶୀଳନ କଲେ ଜାଣିବ । 'କୃତ' କିମ୍ବା 'କାର୍ଯ୍ୟ' (କାର୍ଯ୍ୟ) ଶବ୍ଦରୁ ପ୍ରାକୃତ ଅନୁସର୍ଗ 'କର' ଏବଂ ତାର ସ୍ତ୍ରୀଲିଙ୍ଗ 'କେଶ' ଉତ୍ପନ୍ନ ହୋଇଥିବା ଅନୁମାନ ।

ସପ୍ତମୀ

ରେ, ରେଣେ—ଏ ଦୁଇଟି ଯୌଗିକ ସପ୍ତମୀ । ର + ସପ୍ତମୀ ଏ = ରେ । ର + ସପ୍ତମୀ ଏଣ = ରେଣ । 'ର' ବିଷୟରେ ଷଷ୍ଠୀ ଦେଖ ଏବଂ ଏ, ଏଣ ବିଷୟରେ 'ମୌଳିକ ବିଭକ୍ତି' ଦେଖ ।

Digitized by PPRACHIN, SOA

ତେ—ଦ୍ୱିତୀୟା 'ତେ' ସହିତ ସମାନ । (ଦ୍ୱିତୀୟା 'ତେ'ର ଉତ୍ପତ୍ତି ଦେଖ)

ଠାରେ, ଠାଇଁ, ଠେଇଁ, ଠିଁ, ଠି—ଏଗୁଡ଼ିକ ସବୁ ଯୌଗିକ । 'ସ୍ଥାନ' ଶବ୍ଦରୁ 'ଠାବ', 'ଠାବ'ରୁ 'ଠା' ଶବ୍ଦର ଉତ୍ପତ୍ତି । ଠା+ସପ୍ତମୀ ଇଁ=ଠାଇଁ, ଠେଇଁ, ଠିଁ, ଠି । ଠା+ର+ସପ୍ତମୀ ଏ= ଠାରେ । 'ର' ବିଷୟରେ ଷଷ୍ଠୀ ଦେଖ ଏବଂ ସପ୍ତମୀ ଇଁ ବିଷୟରେ ମୌଳିକ ବିଭକ୍ତି ଦେଖ ।

ତହିଁ—'ତସ୍ମିନ୍' ଅନୁସର୍ଗରୁ ଉତ୍ପନ୍ନ । ତସ୍ମିନ୍>ତମ୍ହି>ତହିଁ ।

'ର' ଯୁକ୍ତ ଯୌଗିକ ବିଭକ୍ତି ଚିହ୍ନଗୁଡ଼ିକ ପ୍ରାଚୀନ ଓଡ଼ିଆରେ କେତେକ ସ୍ଥଳରେ ଅସଂଯୁକ୍ତ ଅବସ୍ଥାରେ ମଧ୍ୟ ଦେଖାଯାଏ । ଯେପରି—'ତମ ଚକ୍ରବର୍ତ୍ତୀଙ୍କ ହାଥରଇ' (E. O. L. S. ଶିଳା-ଲେଖ-୧-୨୫) (ହାଥରଇ—ହାତରେ) । 'ଶଙ୍ଖିମା ବିଷଉଁ' (ରୁଦ୍ରସୁଧାନିଧି) (ଶଙ୍ଖିମା ବିଷୟରୁ)

ଯୌଗିକ ବିଭକ୍ତି ଚିହ୍ନର ଉତ୍ପତ୍ତି ପ୍ରସଙ୍ଗରେ ତାହାର ପ୍ରତ୍ୟେକ ଅଂଶର ଉତ୍ପତ୍ତି ଦର୍ଶାଇବ । ଯେପରି—'ଠାରୁ' ଏହାକୁ ଠା+ଷଷ୍ଠୀ ର+୫ମୀ ଉ ଏପରି ଦର୍ଶାଇ ପ୍ରତ୍ୟେକର ଉତ୍ପତ୍ତିବିଷୟ ଲେଖିବ ।

ବ୍ୟାକରଣ ପୁସ୍ତକରେ ମାନେ, ମାନଙ୍କୁ, ମାନଙ୍କ ଦ୍ୱାରା, ମାନଙ୍କ ପାଇଁ, ମାନଙ୍କରୁ, ମାନଙ୍କର, ମାନଙ୍କରେ, ମାନଙ୍କଠାରେ ଇତ୍ୟାଦି ବିଭକ୍ତି ଚିହ୍ନ ବହୁବଚନରେ ଦର୍ଶାଯାଇଥାଏ । କିନ୍ତୁ ପ୍ରକୃତରେ ଏଗୁଡ଼ିକରେ 'ମାନ' ଅଂଶଟି ବହୁବଚନ ପ୍ରତ୍ୟୟ ଏବଂ

Digitized by PPRACHIN, SOA

ସେଥିରେ ଯାହା ଯୁକ୍ତ ହୋଇଛି, ସେତିକ ଅଂଶ ବିଭକ୍ତି ପ୍ରତ୍ୟୟ । ଯେମିତି—'ମାନେ' ଏଥିରେ କେବଳ 'ଏ' ଅଂଶଟି ବିଭକ୍ତି । 'ମାନଙ୍କରୁ' ଏଥିରେ 'ଙ୍କର' ଅଂଶଟି ଷଷ୍ଠୀ ଏବଂ 'ରୁ' ଅଂଶଟି ପଞ୍ଚମୀ ।

ବ୍ୟାକରଣରେ ପ୍ରଥମାରେ ଟି, ଟା, ଲେଖା ହୋଇଥାଏ । ପ୍ରକୃତରେ ତାହା ବିଭକ୍ତି ଚିହ୍ନ ନୁହେଁ, ତାହା ନିର୍ଦ୍ଦେଶସୂଚକ ପ୍ରତ୍ୟୟ ମାତ୍ର । ସେଥିରୁ ସବୁ ବିଭକ୍ତି ଲଗିପାରେ । ଯେପରି—ଲୋକଟି ଲୋକଟିକୁ, ଲୋକଟିଠାରୁ ଇତ୍ୟାଦି ।

ବ୍ୟାକରଣରେ ୨ୟାରେ କୁ, କି ଲେଖା ହୋଇଥାଏ । ଏହା ପ୍ରକୃତରେ କୁ, କ ।

(୨ୟା ବିଭକ୍ତି ପ୍ରସଙ୍ଗରେ କୁହାଯାଇଛି ।)

କ୍ରିୟାଜ ବିଶେଷଣ

ଏହାର ଅନ୍ୟ ନାମ ଧାତୁଜ ବିଶେଷଣ ବା କୃଦନ୍ତ ବିଶେଷଣ, ଇଂରାଜୀରେ Participle ।

କୃଦନ୍ତ କ୍ରିୟା ପ୍ରସଙ୍ଗରେ କୃଦନ୍ତ ବିଶେଷଣ ବା କ୍ରିୟାଜ ବିଶେଷଣ କଥା ପଢ଼ିଛ । ସେହି ପ୍ରସଙ୍ଗରେ ତୁମେ ଜାଣିଛ, ଓଡ଼ିଆରେ ଅତୀତ କାଳ କ୍ରିୟା, ଭବିଷ୍ୟତ କାଳ କ୍ରିୟା ଏବଂ ସମ୍ଭାବ୍ୟ କାଳ କ୍ରିୟା ପ୍ରାଚୀନ ସଂସ୍କୃତ ଅର୍ଥାନୁସାର ଯଥା-କ୍ରମେ 'ତ' ପ୍ରତ୍ୟୟାନ୍ତ କ୍ରିୟାଜ ବିଶେଷଣରୁ, 'ତବ୍ୟ' ପ୍ରତ୍ୟୟାନ୍ତ କ୍ରିୟାଜ ବିଶେଷଣରୁ ଏବଂ 'ଶତୃ' (ଅତ୍) ପ୍ରତ୍ୟୟାନ୍ତ କ୍ରିୟାଜ ବିଶେଷଣରୁ ଉତ୍ପନ୍ନ । (କୃଦନ୍ତ କ୍ରିୟା ଦେଖ)

Digitized by PPRACHIN, SOA

ତୁମେ ବୁଝିଥିବ, ଧାତୁରୁ ପ୍ରତ୍ୟୟ ଲଗି ଯେଉଁ ପଦ ଗଠିତ ହୁଏ, ତାହାକୁ ବୋଲାଯାଏ କୃଦନ୍ତ ପଦ ଏବଂ ସେହି ପଦ ଯଦି ବିଶେଷଣ ହୋଇଥାଏ, ତେବେ ତାହାକୁ ବୋଲାଯାଏ କୃଦନ୍ତ ବିଶ୍ଳେଷଣ ଏବଂ ସେହି କୃଦନ୍ତ ବିଶେଷଣରୁ ଯେଉଁ କ୍ରିୟା ଉତ୍ପନ୍ନ ହୋଇଥାଏ, ତାହାକୁ ବୋଲାଯାଏ କୃଦନ୍ତ ବିଶେଷଣାତ୍ମକ କ୍ରିୟା। (ତାହାକୁ କୃଦନ୍ତ କ୍ରିୟା, କ୍ରିୟାଜବିଶେଷଣାତ୍ମକ କ୍ରିୟା, ଧାତୁଜ-ବିଶେଷଣାତ୍ମକ କ୍ରିୟା ମଧ୍ୟ କୁହାଯାଏ।

ଏ ଅଧ୍ୟାୟରେ ଆମେ ଓଡ଼ିଆ ଭାଷାର କେବଳ କ୍ରିୟାଜ-ବିଶେଷଣ ଗୁଡ଼ିକ ବିଷୟରେ ଆଲୋଚନା କରିବା, ସେଥିରୁ ଉତ୍ପତ୍ତି ଲାଭ କରିଥିବା କ୍ରିୟା ବିଷୟରେ ନୁହେଁ। କାରଣ ସେଭଳି କ୍ରିୟା ବିଷୟରେ ଆଗରୁ କୁହାଯାଇଛି।

ଓଡ଼ିଆରେ ନିମ୍ନଲିଖିତ ଆକୃତିର କ୍ରିୟାଜବିଶେଷମାନ ପ୍ରଚଳିତ।

(୧) -ଅନ୍ତା, -ଅନ୍ତ

ଜଳନ୍ତା ନିଆଁ, ଉଡ଼ନ୍ତା ଚଢ଼େଇ। ଜଳନ୍ତ ନିଆଁ, ଉଡ଼ନ୍ତ ଚଢ଼େଇ ମଧ୍ୟ ହୁଏ। ଏ ଧରଣର କ୍ରିୟାଜବିଶେଷଣକୁ ଏହିପରି ବିଶ୍ଳେଷଣ କରାଯାଏ—ଜଳ୍ ଧାତୁରୁ ଅନ୍ତା ପ୍ରତ୍ୟୟ। ଜଳ୍+ଅନ୍ତା =ଜଳନ୍ତା ବା ଜଳ୍+ଅନ୍ତ=ଜଳନ୍ତ। ସେହିପରି ଉଡ୍ ଧାତୁରୁ ଅନ୍ତା ବା ଅନ୍ତ ପ୍ରତ୍ୟୟ=ଉଡ଼ନ୍ତା, ଉଡ଼ନ୍ତ। ବ୍ୟବହାରରୁ ଜାଣିପାରୁଥିବ ଏଗୁଡ଼ିକ ବିଶେଷଣ।

ଏ ପ୍ରକାର କ୍ରିୟାଜ ବିଶେଷଣ ପ୍ରା. ଭା. ଆ. (ବୈଦିକ/ ସଂସ୍କୃତ)ର 'ଶତୃ' (ଅତ୍ ପ୍ରତ୍ୟୟାନ୍ତ ପଦରୁ ଉତ୍ପନ୍ନ। ଯେପରି

Digitized by PPRACHIN, SOA

ସଂସ୍କୃତ ଜ୍ୱଲ୍ + ଶତୃ = ଜ୍ୱଲତ୍ । ଏହା ପ୍ରାକୃତରେ ହେଲା ଜଳନ୍ତ, ଓଡ଼ିଆରେ ଜଳନ୍ତ ଏବଂ ଜଳନ୍ତା । (କୃଦନ୍ତ ବିସ୍ତୃ ଦେଖ)

-ଅନ୍ତା ବିଧେୟବିଶେଷଣକୁ ବିଶେଷ୍ୟର ପରେ ବ୍ୟବହାର କଲେ ତାହା କ୍ରିୟା ହୋଇଯାଏ । ଯେପରି – ଫୁଙ୍କିଦେଲେ ନିଆଁ ଜଳନ୍ତା । ଦେଖିଲା ଶତ୍ରୁ ହେବେ ପଡ଼ୁଛନ୍ତି ଉଡ଼ନ୍ତା । ଜଳନ୍ତା ନିଆଁ — ଏ ସ୍ଥଳରେ 'ଜଳନ୍ତା' କୃଦନ୍ତ ବିଶେଷଣ (ବା କ୍ରିୟାବିଶେଷଣ ବା ଧାତୁଜବିଶେଷଣ) । ନିଆଁ ଜଳନ୍ତା—ଏ ସ୍ଥଳରେ 'ଜଳନ୍ତା' କୃଦନ୍ତ କ୍ରିୟା (ବା କ୍ରିୟାବିଶେଷଣାତ୍ମକ କ୍ରିୟା ବା ଧାତୁଜବିଶେଷଣାତ୍ମକ କ୍ରିୟା ।)

-ଅନ୍ତା ସ୍ତ୍ରୀଲିଙ୍ଗରେ - ଅନ୍ତୀ ହୁଏ । ଯେପରି—ଚଳନ୍ତୀ ପ୍ରତିମା, ବହନ୍ତୀ ନଈ ।

-ଅନ୍ତା ବା -ଅନ୍ତ କ୍ରିୟାବିଶେଷଣ ହେଉଛି ବର୍ତ୍ତମାନ-କାଳିକ କ୍ରିୟାବିଶେଷଣ । କାରଣ, ଏହା ବର୍ତ୍ତମାନ କାଳର ସୂଚନା ଦିଏ । ଯେପରି – ଯାହା ଜଳୁଥାଏ, ତାହା ଜଳନ୍ତା ବା ଜଳନ୍ତ । ଯେ ଉଡ଼ୁଥାଏ, ସେ ଉଡ଼ନ୍ତା ବା ଉଡ଼ନ୍ତ ।

(୨)–ଇ, –ଇଁ

ଏ ପ୍ରକାର କ୍ରିୟାବିଶେଷଣ ବିଶେଷ୍ୟର କେବଳ ପରେ ବ୍ୟବହୃତ ହୁଏ ।

ଧର୍ମ ଥାଉଁ ଧାର୍ମିକ ନାଶ ଯିବେ ?

ସାଧାରଣତଃ ଏହାର ପୌନଃପୁନିକ ପ୍ରୟୋଗ ହୁଏ । ଯଥା – ଧର୍ମ ଥାଉଁ ଥାଉଁ ଧାର୍ମିକ ନାଶ ଯିବେ ? ସମସ୍ତେ ଦେଖୁ ଦେଖୁ ଘରଟା ଭୂଇଁସାତ୍ ହୋଇଗଲା ।

Digitized by PPRACHIN, SOA

ଧାତୁରୁ 'ଉ' ବା 'ଉଁ' ଲଗିଥିବା ଯେଉଁ କୃଦନ୍ତ ବିଶେଷଣ (ଯଥା—ଥା + ଉଁ = ଥାଉଁ, ଦେଖ୍ + ଉ ଦେଖ୍ + ଉ = ଦେଖୁଦେଖୁ, ଏହିପରି କହୁଁକହୁଁ, ଯାଉଯାଉ, ପଢ଼ୁପଢ଼ୁ ଇତ୍ୟାଦି), ତାହା ସମ୍ଭବତଃ ପ୍ରା. ଭା. ଆ. ଭାଷାର ସ୍ମାରଂ ସ୍ମାରଂ କାରଂକାରଂ, ଖାଦଂଖାଦଂ ପ୍ରଭୃତି ପଦରୁ ଉତ୍ପନ୍ନ । ସଂସ୍କୃତରେ ସ୍ମାରଂସ୍ମାରଂ (ସ୍ମରୁଁସ୍ମରୁଁ), କାରଂକାରଂ (କରୁଁକରୁଁ), ଖାଦଂଖାଦଂ (ଖାଉଁଖାଉଁ) ଏଭଳି ବ୍ୟବହାରମାନ ଅଛି । ସଂସ୍କୃତ ବ୍ୟାକରଣରେ ଏ ପ୍ରକାର ପଦକୁ ଣମୁଲ୍ ପ୍ରତ୍ୟୟାନ୍ତ ପଦ କୁହାଯାଏ । ଯଥା—ସ୍ମୃ + ଣମୁଲ୍ = ସ୍ମାରଂସ୍ମାରଂ, ଖାଦ୍ + ଣମୁଲ୍ = ଖାଦଂଖାଦଂ ଇତ୍ୟାଦି ।

ଓଡ଼ିଆରେ 'ଉ' ବା 'ଉଁ' ପ୍ରତ୍ୟୟାନ୍ତ କୃଦନ୍ତବିଶେଷଣ ମଧ୍ୟ ବର୍ତ୍ତମାନକାଳିକ ।

(ଗ)—ଆ

ଧାତୁର 'ଆ' ପ୍ରତ୍ୟୟ ଲଗିଥିବା କୃଦନ୍ତବିଶେଷଣ ଏହିପରି:—କିଣ୍ + ଆ = କିଣା, ଚିର୍ + ଆ = ଚିରା, ପଢ଼୍ + ଆ = ପଢ଼ା ଇତ୍ୟାଦି । କିଣା ଗୁଡ଼ଜଳ, ଚିରା କାଠ, ପଢ଼ା ବହି । ଏହି—'ଆ' ପ୍ରତ୍ୟୟ ପ୍ରା. ଭା. ଆ. 'ଇତ' ପ୍ରତ୍ୟୟରୁ ଉତ୍ପନ୍ନ । ଯଥା—ପଠିତ > ପଢ଼ା, ମୃତ > ମଆ । -ଆ କୃଦନ୍ତ ବିଶେଷଣ ଅତୀତକାଳିକ । ଅର୍ଥାତ୍ ଯେଉଁ ଗୁଡ଼ଜଳକୁ କିଣି ସାରିଛନ୍ତି, ତାହା କିଣା ଗୁଡ଼ଜଳ । ଯେଉଁ କାଠକୁ ଚିରସାରିଛନ୍ତି, ତାହା ଚିରା କାଠ । ଅବଶ୍ୟ କେତେକ ସ୍ଥଳରେ ଏହା ଅତୀତ କାଳ ବୁଝାଏ ନାହିଁ । ଯେପରି—ଯେଉଁ ବହିକୁ ପଢ଼ନ୍ତି, ତାହା ପଢ଼ା ବହି ।

Digitized by PPRACHIN, SOA

(୪) —ଇଲା, —ଲା

ଝଡ଼ିଲା ପତ୍ର ଆଉ ଗଛରେ ଲାଗେ ନାହିଁ । ଶୋଇଲା ପୁଅର ଜାଗ ନାହିଁ । ଦେଲା ଲୋକ ଗେହ୍ଲା । କଲା କର୍ମ ଭୋଗ କର । ଏ ଧରଣର କ୍ରିୟାବିଶେଷଣଗୁଡ଼ିକୁ ଏହିପରି ବିଶ୍ଳେଷଣ କରାଯାଏ— 'ଝଡ଼୍' ଧାତୁରୁ 'ଇଲା' ପ୍ରତ୍ୟୟ = ଝଡ଼ିଲା । ସେହିପରି ଶୋ + ଇଲା = ଶୋଇଲା, ଦେ + ଲା = ଦେଲା, କର୍ + ଲା = କଲା ।

ଏ ଶ୍ରେଣୀର କ୍ରିୟାବିଶେଷଣ ପ୍ରା. ଭା. ଆ. ଭାଷାର ତ, ଇତ ପ୍ରତ୍ୟୟାନ୍ତ ପଦରୁ ଉତ୍ପନ୍ନ । ଯେପରି— ଖାଦିତ > ଖାଇଲା, ଗର୍ଜିତ > ଗର୍ଜିଲା, ଗତ > ଗଲା, ନୀତ > ନେଲା ।

—ଲା, —ଇଲା ପଦ ବିଶେଷ୍ୟର ପରେ ବ୍ୟବହୃତ ହୁଏ, ତେବେ ତାହା କ୍ରିୟା ହୋଇଯାଏ । ଯେପରି— 'ଗର୍ଜିଲା ମେଘ ବରଷେ ନାହିଁ ।' ଏଠାରେ 'ଗର୍ଜିଲା' କ୍ରିୟାବିଶେଷଣ । କିନ୍ତୁ 'ମେଘ ଗର୍ଜିଲା'; ଏଥିରେ 'ଗର୍ଜିଲା' କ୍ରିୟାବିଶେଷଣାତ୍ମକ କ୍ରିୟା ବା କୃଦନ୍ତ କ୍ରିୟା । ସେହିପରି, 'ଗଲା ବର୍ଷ' ଏଥିରେ 'ଗଲା' ହେଉଛି କ୍ରିୟାବିଶେଷଣ, କିନ୍ତୁ 'ବର୍ଷ ଗଲା', ଏଥିରେ 'ଗଲା' କ୍ରିୟାବିଶେଷଣାତ୍ମକ କ୍ରିୟା ବା କୃଦନ୍ତ କ୍ରିୟା । (କୃଦନ୍ତ କ୍ରିୟା ପ୍ରସଙ୍ଗ ଦେଖ) ସାରକଥା ହେଉଛି, କ୍ରିୟାବିଶେଷଣରେ ମୂଳ ଯାହା, କ୍ରିୟାବିଶେଷଣାତ୍ମକ କ୍ରିୟାର ମୂଳ ତାହା । କେବଳ ବ୍ୟବହାରରେ ପ୍ରଥମ ହେଉଛି ବିଶେଷଣ, ଦ୍ୱିତୀୟ ହେଉଛି କ୍ରିୟା । କ୍ରିୟାର ବିଭିନ୍ନ ପୁରୁଷ ଓ ବଚନରେ

Digitized by PPRACHIN, SOA

ରୂପ ହୁଏ । ତେଣୁ ତାହା ଗଲ୍, ଗଲେ, ଗଲା, ଗଲୁଁ, ଗଲ ଇତ୍ୟାଦି ଆକାର ଧାରଣ କରେ ।

—ଲ୍, —ଇଲ କ୍ରିୟାଜବିଶେଷଣ ମଧ୍ୟ ଅତୀତକାଳିକ । ଯଥା— ଯାହା ଯାଇଛି, ତାହା 'ଗଲ୍', ଯେ କହିଛି ସେ 'କହିଲ୍' ।

(କହିଲ୍ ଲୋକର ଦୋଷ, ଶୁଣିଲ୍ ଲୋକର ରୋଷ)

(୫) —ବା, —ଇବା

ଦେବା ଲୋକକୁ ଦେବ । ତୁ ସ୍କୁଲକୁ ଯିବା ପିଲା, ଏତେ-ବେଳ ଯାଏ ଗାଧୋଇ ନାହୁଁ ?

ବ୍ୟବହାରରୁ ଜାଣୁଥିବ, 'ଦେବା', 'ଯିବା' ଦୁଇଟି ବିଶେଷଣ । ପ୍ରଥମଟିର ବିଶେଷ୍ୟ 'ଲୋକ' ଏବଂ ଦ୍ୱିତୀୟଟିର ବିଶେଷ୍ୟ 'ପିଲା' । ଏ ଦୁଇଟିକୁ ଏହିପରି ବିଶ୍ଳେଷଣ କରାଯିବ— 'ଦେ' ଧାତୁର୍ 'ବା' ପ୍ରତ୍ୟୟ ଲାଗି 'ଦେବା' ହୋଇଛି । 'ଯା' ଧାତୁରୁ 'ଇବା' ପ୍ରତ୍ୟୟ ଲାଗି 'ଯିବା' ହୋଇଛି । ଏହିପରି, ଧାତୁରୁ ଉତ୍ପନ୍ନ ହୋଇ ବିଶେଷଣ ରୂପେ ବ୍ୟବହୃତ ହୋଇଥିବାରୁ ଏ ଦୁଇଟି ଧାତୁଜବିଶେ-ଷଣ ବା କ୍ରିୟାଜବିଶେଷଣ ।

ଏ ଶ୍ରେଣୀର କ୍ରିୟାଜବିଶେଷଣ ପ୍ରା. ଭା. ଆ. ତବ୍ୟପ୍ରତ୍ୟ-ୟାନ୍ତ ପଦରୁ ଉତ୍ପନ୍ନ । ଯେପରି— ଦାତବ୍ୟ>ଦେବା, ଯାତବ୍ୟ>ଯିବା, ପଠିତବ୍ୟ>ପଢ଼ିବା, ଖାଦିତବ୍ୟ>ଖାଇବା ।

—ବା, —ଇବା ପଦ ବିଶେଷ୍ୟର ପରେ ବ୍ୟବହୃତ ହେଲେ କ୍ରିୟା ହୋଇଯାଏ । ଯେପରି— ଖାଇବା ଧାନକୁ ଖଣି

Digitized by PPRACHIN, SOA

ଫଳାଇଦିଅ. ବଳକା ଧାନକୁ ଅମ୍ବାରରେ ରଖ । ଏଠାରେ 'ଖାଇବା' କ୍ରିୟାଜ ବିଶେଷଣ । କିନ୍ତୁ 'ଆଜି ଆମେ ଭଲ ଜିନିଷ ଖାଇବା' ଏଥିରେ 'ଖାଇବା' ଏକ କ୍ରିୟାଜବିଶେଷଣାତ୍ମକ କ୍ରିୟା । ଉଭୟ 'ଖାଇବା' ର ମୂଳ 'ଖାଦିତବ୍ୟ' । କେବଳ ବ୍ୟବହାରରେ ବିଶେଷଣ କିମ୍ବା କ୍ରିୟା ହୋଇଛି । କ୍ରିୟାର ତ ବିଭିନ୍ନ ପୁରୁଷ ଓ ବଚନରେ ବିଭିନ୍ନ ରୂପ ହୁଏ । ତେଣୁ ତାହାର ଖାଇବା, ଖାଇବେ, ଖାଇବ, ଖାଇବୁ ଏପରି ବିଭିନ୍ନ ରୂପ ଅଛି । କିନ୍ତୁ ବିଶେଷଣ ସ୍ୱଭାବରେ 'ଖାଇବା' ସବୁବେଳେ ସମାନ ।

(କୃଦନ୍ତ କ୍ରିୟା ପ୍ରସଙ୍ଗ ଦେଖ)

-ବା, -ଇବା ଆକୃତିର କ୍ରିୟାଜବିଶେଷଣ ଭବିଷ୍ୟତ-କାଳିକ । ଯେପରି— ଖାଇବା ଜିନିଷ ନଷ୍ଟ କର ନାହିଁ । ଅର୍ଥାତ୍ ଯାହାକୁ ଖାଇବ, ତାହାକୁ ନଷ୍ଟ କର ନାହିଁ ।

କ୍ରିୟାଜବିଶେଷଣ ଅସମ୍ପନ୍ନତାସୂଚକ ତଥା ସମ୍ପନ୍ନତା-ସୂଚକ ଆକୃତିର ମଧ୍ୟ ହୋଇପାରେ । ଯେପରି—'ସେ କାନ୍ଦୁଥିବା ଲୋକକୁ ହସାଇ ଦେଇପାରେ ।' ଏଠାରେ 'କାନ୍ଦୁଥିବା' ଅସମ୍ପନ୍ନତାସୂଚକ ଆକୃତିରେ ରହିଛି । 'ଆଖିରେ ଦେଖିଥିଲ ଲୋକକୁ ବିଶ୍ୱାସ କରିବ ନାହିଁ ତ କାହାକୁ ବିଶ୍ୱାସ କରିବ ?' ଏଠାରେ 'ଦେଖିଥିଲ' ସମ୍ପନ୍ନତାସୂଚକ ଆକୃତିରେ ରହିଛି ।

କୃଦନ୍ତ

'କୃଦନ୍ତ ପଦ' ଏପରି ନ କହି ଆମେ ସଂକ୍ଷେପରେ କହୁଁ 'କୃଦନ୍ତ' । 'କୃତ୍' ଅନ୍ତରେ ଅର୍ଥାତ୍ ଶେଷଭାଗରେ ଯେଉଁ ପଦର,

Digitized by PPRACHIN, SOA

ସେହି ପଦକୁ କୃଦନ୍ତ ପଦ ବୋଲଯାଏ । 'କୃତ୍' କଅଣ ? 'କୃତ୍' ଗୋଟିଏ ପାରିଭାଷିକ ନାମ । ସାଧାରଣତଃ ଧାତୁର ପରେ କେତେକ ପ୍ରତ୍ୟୟ ଲଗି ପଦମାନ ଗଠିତ ହୁଏ । ଯେପରି— ପଠ୍+ଅନ=ପଠନ, ଗ୍ରହ୍+ଅକ=ଗ୍ରାହକ, ଦା+ତ=ଦତ୍ତ, ଗମ୍+ତ=ଗତ । 'ପଠ୍', 'ଗ୍ରହ୍', 'ଦା', 'ଗମ୍' ଏଗୁଡ଼ିକ ଧାତୁ ଏବଂ 'ଅନ', 'ଅକ', 'ତ', 'ତ' ଏଗୁଡ଼ିକ ପ୍ରତ୍ୟୟ । ଧାତୁ ପରେ ଯେଉଁସବୁ ପ୍ରତ୍ୟୟ ଲଗେ, ସେ ସବୁକୁ ଗୋଟିଏ କଳ୍ପିତ ପାରିଭାଷିକ ନାମ ଦିଆଯାଇଛି—'କୃତ୍' । 'ଅନ', 'ଅକ', 'ତ', 'ତ' ଏଗୁଡିକ ଗୋଟିଏ ଗୋଟିଏ 'କୃତ୍' । କାରଣ, ଏଗୁଡ଼ିକ ଗୋଟିଏ ଗୋଟିଏ ଧାତୁ ପରେ ଲଗିଛନ୍ତି । ଏଗୁଡ଼ିକ 'ପଠନ', 'ଗ୍ରାହକ', 'ଦତ୍ତ', 'ଗତ' ଶବ୍ଦଗୁଡ଼ିକର ଶେଷ ଭାଗରେ ଅଛନ୍ତି । ତେଣୁ 'ପଠନ', 'ଗ୍ରାହକ', 'ଦତ୍ତ', 'ଗତ' ପଦଗୁଡିକ ଗୋଟିଏ ଗୋଟିଏ କୃଦନ୍ତ ପଦ ।

ଏଠାରେ କେବଳ ଆମର ଖାଣ୍ଟି ଓଡ଼ିଆ କୃଦନ୍ତ ପଦ ଆଲୋଚ୍ୟ, ସଂସ୍କୃତ କୃଦନ୍ତ ପଦ ନୁହେଁ ।

ସଂସ୍କୃତରେ ଧାତୁରୁ ପ୍ରତ୍ୟୟ ଲଗିଲବେଳେ ଧାତୁର କେତେକ ପରିବର୍ତ୍ତନ ଘଟେ । ଯେପରି—ପଠ୍+ଅକ=ପାଠକ । ଏଠାରେ 'ପଠ୍' ହୋଇଗଲା 'ପାଠ୍' । ନୀ+ଅକ=ନାୟକ । ଏଠାରେ 'ନୀ' ହୋଇଗଲା 'ନାୟ୍' । ସଂସ୍କୃତ କୃଦନ୍ତରେ ଧାତୁର ପରିବର୍ତ୍ତନ ବହୁ ସ୍ଥଳରେ ହୁଏ । କିନ୍ତୁ ଓଡ଼ିଆରେ ଅଳ୍ପ କେତେକ ସ୍ଥଳରେ ହୁଏ । ଯେପରି—କାଟ୍+ଆ=କଟା, ବାଟ୍+ଆ=ବଟା । ଏଗୁଡ଼ିକରେ ଧାତୁର ଶେଷ ବ୍ୟଞ୍ଜନ ବର୍ଣ୍ଣର

Digitized by PPRACHIN, SOA

ପୂର୍ବବର୍ତ୍ତୀ 'ଆ' ହୋଇଗଲା 'ଉ' । କହ୍‌+ଆ=କୁହା, ବହ୍‌+ଆ =ବୁହା । ଏଗୁଡ଼ିକରେ ଧାତୁର ଶେଷ ବ୍ୟଞ୍ଜନ ବର୍ଣ୍ଣର ପୂର୍ବ 'ଅ' ହୋଇଛି 'ଉ' । ଏହାପରି, ଧାତୁର ଅଳ୍ପ କେତେକ ପରିବର୍ତ୍ତନ ଘଟେ । ଅନେକ ସ୍ଥଳରେ ଘଟେ ନାହିଁ । ଯେପରି—ପିଠ୍‌+ଅଣା =ପିଠଣା, ଛଦ୍‌+ଅଣି=ଛଦଣି, ମିଶ୍‌+ଆଣେ=ମିଶାଣେ, ଉଠ୍‌+ଆଣ=ଉଠାଣ ।

ଓଡ଼ିଆ କୃଦନ୍ତ ପ୍ରସଙ୍ଗରେ ପ୍ରତ୍ୟୟଗୁଡ଼ିକର ଉତ୍ପତ୍ତି ବିଷୟ ମଧ୍ୟ ଜାଣିବାକୁ ହେବ । ସଂସ୍କୃତ ପ୍ରତ୍ୟୟଗୁଡ଼ିକୁ ତତ୍ସମ ପ୍ରତ୍ୟୟ କୁହାଯାଏ । ସଂସ୍କୃତରୁ ଉତ୍ପନ୍ନ ହୋଇଥିବା ପ୍ରତ୍ୟୟକୁ ତଦ୍‌ଭବ ପ୍ରତ୍ୟୟ କୁହାଯାଏ ।

(୧) ଅ ପ୍ରତ୍ୟୟ

କାନ୍ଦ୍‌+ଅ=କାନ୍ଦ, ରଗଡ଼୍‌+ଅ=ରଗଡ଼, ବଦଳ୍‌+ଅ= ବଦଳ, ମୋଡ଼୍‌+ଅ=ମୋଡ଼ ।

ଅ ପ୍ରତ୍ୟୟ ସଂସ୍କୃତ ଅଳ୍, ଅଚ୍, ଅଣ୍, ଘଞ୍ ପଭୃତି ପ୍ରତ୍ୟୟରୁ ଆସିଛି । ତେଣୁ ତଦ୍‌ଭବ ।

(୨) ଅଡ଼ା ପ୍ରତ୍ୟୟ

ଖସ୍‌+ଅଡ଼ା=ଖସଡ଼ା, ଖୋଞ୍ଚ୍‌+ଅଡ଼ା=ଖୋଞ୍ଚଡ଼ା । ଏ ପ୍ରତ୍ୟୟଟି ଦେଶଜ ।

(୩) ଅଣ ପ୍ରତ୍ୟୟ

ମାଗ୍‌+ଅଣ=ମାଗଣ, ମେଣ୍ଟ୍‌+ଅଣ=ମେଣ୍ଟଣ, ଗଢ଼୍‌+ ଅଣ=ଗଢ଼ଣ, ଝାଡ଼୍‌+ଅଣ=ଝାଡ଼ଣ । 'ଅଣ' ପ୍ରତ୍ୟୟ ସଂସ୍କୃତ 'ଅନ' ପ୍ରତ୍ୟୟରୁ ଆସିଛି । ତେଣୁ ତଦ୍‌ଭବ ।

Digitized by PPRACHIN, SOA

(୪) ଅଣା ପ୍ରତ୍ୟୟ

ଗଞ୍ଜ୍ + ଅଣା = ଗଞ୍ଜଣା, କାନ୍ଦ୍ + ଅଣା = କାନ୍ଦଣା, ପିଟ୍ + ଅଣା = ପିଟଣା, ବାଜ୍ + ଅଣା = ବାଜଣା । ଅଣା ପ୍ରତ୍ୟୟ ସଂସ୍କୃତ 'ଅନ'ରୁ ଆସିଛି । ତେଣୁ ତଦ୍‌ଭବ ।

(୫) ଅଣି ପ୍ରତ୍ୟୟ

କର୍ + ଅଣି = କରଣି, ଖଟ୍ + ଅଣି = ଖଟଣି, ମଣ୍ଡ୍ + ଅଣି = ମଣ୍ଡଣି, ଲେଟ୍ + ଅଣି = ଲେଟଣି, ରହ୍ + ଅଣି = ରହଣି । 'ଅଣି' ପ୍ରତ୍ୟୟ ସଂସ୍କୃତ 'ଅନ'ରୁ ଆସିଛି । ତେଣୁ ତଦ୍‌ଭବ ।

(୬) ଅନ୍ତ ପ୍ରତ୍ୟୟ

ଭର୍ + ଅନ୍ତ = ଭରନ୍ତ, ଗଣ୍ + ଅନ୍ତ = ଗଣନ୍ତ, ମାନ୍ + ଅନ୍ତ = ମାନନ୍ତ ।

'ଅନ୍ତ' ପ୍ରତ୍ୟୟ ସଂସ୍କୃତ 'ଇତ' ପ୍ରତ୍ୟୟରୁ ଆସିଛି । ତେଣୁ ତଦ୍‌ଭବ । (ଭରିତ—ଭରନ୍ତ, ଗଣିତ—ଗଣନ୍ତ, ମାନିତ—ମାନନ୍ତ ।)

(୭) ଅନ୍ତ, ଅନ୍ତା ପ୍ରତ୍ୟୟ

ଗାବ୍ + ଅନ୍ତ = ଗାବନ୍ତ, ଜ୍ୱଳ୍ + ଅନ୍ତ = ଜ୍ୱଳନ୍ତ, ଉଡ଼୍ + ଅନ୍ତା = ଉଡ଼ନ୍ତା, ଗର୍ଜ୍ + ଅନ୍ତା = ଗର୍ଜନ୍ତା । ଏହା ସ୍ତ୍ରୀଲିଙ୍ଗରେ ଅନ୍ତୀ ହୁଏ । ଯଥା— ବହନ୍ତୀ, ଚଳନ୍ତୀ ।

ଅନ୍ତ, ଅନ୍ତା ପ୍ରତ୍ୟୟ ସଂସ୍କୃତ 'ଶତୃ' (ଅତ୍) ପ୍ରତ୍ୟୟରୁ ଉତ୍ପନ୍ନ । ତେଣୁ ତଦ୍‌ଭବ । 'ଶତୃ'ରୁ ସମ୍ଭାବ୍ୟ କାଳର କ୍ରିୟା ମଧ୍ୟ

Digitized by PPRACHIN, SOA

ଉତ୍ପନ୍ନ ହୋଇଛି । (କୃଦଂତ କ୍ରିୟା ଓ କ୍ରିୟାଜବିଶେଷଣ ପ୍ରସଙ୍ଗ ଦେଖ)

(୮) ଆ ପ୍ରତ୍ୟୟ

ପଢ୍ + ଆ = ପଢା, ଚର୍ + ଆ = ଚରା, ଭଙ୍ଗ୍ + ଆ = ଭଙ୍ଗା, କହ୍ + ଆ = କହା, ଦେ + ଆ = ଦିଆ

ଆ ପ୍ରତ୍ୟୟ ସଂସ୍କୃତ ତ/ଇତ ପ୍ରତ୍ୟୟରୁ ଉତ୍ପନ୍ନ । ତେଣୁ ତଦ୍‌ଭବ । (ପଠିତ > ପଢା, ଖାଦିତ > ଖିଆ, ଦତ୍ତ > ଦିଆ)

(୯) ଆଇ, ଏଇ ପ୍ରତ୍ୟୟ

ବାନ୍ଧ୍ + ଆଇ, ଏଇ = ବନ୍ଧାଇ, ବନ୍ଧେଇ, ଜୋଡ୍ + ଆଇ, ଏଇ = ଜୋଡାଇ, ଜୋଡେଇ; ଲଢ୍ + ଆଇ, ଏଇ = ଲଢାଇ, ଲଢେଇ; ଖୋଦ୍ + ଆଇ, ଏଇ = ଖୋଦାଇ, ଖୋଦେଇ ।

ଆଇ, ଏଇ ପ୍ରତ୍ୟୟ ପାଳି ପ୍ରେରଣାର୍ଥକ ପଦର 'ଆପିତ' ଅଂଶରୁ ଆସିଛି । (ବନ୍ଧାପିତ > ବନ୍ଧାଇ, ବନ୍ଧେଇ; ଖୋଦାପିତ > ଖୋଦାଇ, ଖୋଦେଇ ।

(୧୦) ଆଣ ପ୍ରତ୍ୟୟ

ବନ୍ଦ୍ + ଆଣ = ବନ୍ଦାଣ, ବେଢ୍ + ଆଣ = ବେଢାଣ, ଲଗ୍ + ଆଣ = ଲଗାଣ, ବସ୍ + ଆଣ = ବସାଣ ।

'ଆଣ' ପ୍ରତ୍ୟୟ ସଂସ୍କୃତ 'ଅନ'ରୁ ଆସିଛି । ତେଣୁ ତଦ୍‌ଭବ ।

(୧୧) ଆଣି ପ୍ରତ୍ୟୟ

ବାହୁଡ୍ + ଆଣି = ବାହୁଡାଣି, ଖୁନ୍ଦ୍ + ଆଣି = ଖୁନ୍ଦାଣି,

Digitized by PPRACHIN, SOA

ଗଡ଼୍+ଆଣି = ଗଡ଼ାଣି, ଭସ୍+ଆଣି = ଭସାଣି ।

'ଆଣି' ମଧ୍ୟ ସଂସ୍କୃତ 'ଅନ' ରୁ ଆସିଛି । ତେଣୁ ତଦ୍‌ଭବ ।

(୧୨) ଆଣିଆ ପ୍ରତ୍ୟୟ

ଦେଖ୍+ଆଣିଆ = ଦେଖାଣିଆ, ଭୁଲ୍+ଆଣିଆ = ଭୁଲଣିଆ, ଡର୍+ଆଣିଆ = ଡରଣିଆ ।

ଏହା ମଧ୍ୟ ସଂସ୍କୃତ 'ଅନରୁ' ଆସିଛି । ତେଣୁ ତଦ୍ଭବ ।

(୧୩) ଆଳ ପ୍ରତ୍ୟୟ

ଚଢ଼୍+ଆଳ = ଚଢ଼ାଳ, ଖେଳ୍ + ଅଳ = ଖେଳାଳ, ବୁଡ଼୍+ଆଳ = ବୁଡ଼ାଳ, ବୁଣ୍+ଆଳ—ବୁଣାଳ ।

'ଆଳ' ପ୍ରତ୍ୟୟ ସଂସ୍କୃତ 'କାର' ରୁ ଆସିଛି । ତେଣୁ ଏହା ତଦ୍ଭବ ।

(ଖେଳକାର—ଖେଳାଳ, ବୁଣାକାର—ବୁଣାଳ)

(୧୪) ଇ ପ୍ରତ୍ୟୟ

ଗୁଳ୍+ଇ = ଗୁଳି, ରଡ଼୍+ଇ = ରଡ଼ି, ପୋଡ଼୍+ଇ = ପୋଡ଼ି, ଧୋ+ଇ = ଧୋଇ, ଲୁଟ୍+ଇ = ଲୁଟି ।

'ଇ' ପ୍ରତ୍ୟୟ ସଂସ୍କୃତ 'ଇତ' ରୁ ଆସିଛି । ତେଣୁ ତଦ୍‌ଭବ । (ରଡ଼ିତ—ରଡ଼ି, ଗୁଳିତ—ଗୁଳି ଇତ୍ୟାଦି । ସଂସ୍କୃତ ଧାତୁରୁ ବିଶେଷ୍ୟ ଅର୍ଥରେ ମଧ୍ୟ 'ଇତ' ପ୍ରତ୍ୟୟ ଲାଗେ । ଯେପରି ପଠିତ (ପଠନ) ଜୀବିତ (ଜୀବନ) । ସେଇ ଢାଞ୍ଚାରେ ଓଡ଼ିଆ ଧାତୁରେ 'ଇତ' ଲାଗି ତାହା କ୍ରମେ 'ଇ' ହୋଇଛି ।)

Digitized by PPRACHIN, SOA

(୧୫) ଇଣି, ଏଣି ପ୍ରତ୍ୟୟ

ବାଜ୍+ଇଣି, ଏଣି - ବାଜଣି, ବାଜେଣି; ଗ୍ଭଲ୍+ଇଣି, ଏଣି = ଗ୍ଭଲଣି, ଗ୍ଭଲେଣି; ଷାଜ୍+ଇଣି, ଏଣି = ଷାଜଣି, ଷାଜେଣି; ବାନ୍ଧ୍+ଇଣି, ଏଣି = ବାନ୍ଧଣି, ବାନ୍ଧେଣି ।

'ଇଣି' 'ଏଣି' ପ୍ରତ୍ୟୟ ମଧ୍ୟ ସଂସ୍କୃତ 'ଅନ' ରୁ ଆସିଛି । ତେଣୁ ତଦ୍ଭବ ।

(୧୬) ଇବା, ବା ପ୍ରତ୍ୟୟ

ପଢ୍+ଇବା = ପଢିବା, ଦେ+ବା = ଦେବା, ନେ+ବା = ନେବା, ଖା+ଇବା = ଖାଇବା ।

'ବା' 'ଇବା' ପ୍ରତ୍ୟୟ ସଂସ୍କୃତ 'ତବ୍ୟ' ପ୍ରତ୍ୟୟରୁ ଆସିଅଛି । ତେଣୁ ତଦ୍ଭବ ।

ଦେବା, ନେବା, ପଢିବା ପ୍ରଭୃତି ପଦ ବିଶେଷ୍ୟ ହୋଇ ପାରେ, ବିଶେଷଣ ବି ହୋଇପାରେ । ଯେପରି— ଦେବା, ମରିବା କାହାକୁ ଭଲ ଲାଗେନାହିଁ । ଏଠାରେ 'ଦେବା' 'ମରିବା' ଦୁଇଟି ବିଶେଷ୍ୟ ପଦ । କିନ୍ତୁ, ଦେବା ଜିନିଷକୁ ଆଣିବ ନାହିଁ । ଏଠାରେ 'ଦେବା' ଏକ ବିଶେଷଣ ପଦ । ବିଶେଷଣ ହେଲେ ଏ ପ୍ରକାର ପଦକୁ କ୍ରିୟାଜବିଶେଷଣ କୁହାଯାଏ । ଏଥିରୁ ଭବିଷ୍ୟତ କାଳର କ୍ରିୟା ସୃଷ୍ଟି ହୋଇଛି । (କ୍ରିୟାଜବିଶେଷଣ ଓ କୃଦନ୍ତ-କ୍ରିୟା ପ୍ରସଙ୍ଗ ଦେଖ ।)

(୧୭) ଇଲା, ଲା ପ୍ରତ୍ୟୟ

ଶୋ+ଇଲା = ଶୋଇଲା, ଝଡ୍+ଇଲା = ଝଡିଲା, ଦେ+ଲା = ଦେଲା, ନେ+ଲା = ନେଲା ।

Digitized by PPRACHIN, SOA

ଲ, ଇଲ ପ୍ରତ୍ୟୟ ସଂସ୍କୃତ 'ତ' 'ଇତ' ପ୍ରତ୍ୟୟରୁ ଆସିଅଛି, ଯେଣୁ ତଦ୍ଭବ ।

ଲ, ଇଲ ଲଗିଥିବା ପଦ ବିଶେଷଣ । ତେଣୁ ଏହାକୁ କୃଦନ୍ତବିଶେଷଣ ବା କ୍ରିୟାଜବିଶେଷଣ କୁହାଯାଏ । 'ତ' 'ଇତ' ପ୍ରତ୍ୟୟରୁ ଅତୀତ କାଳର କ୍ରିୟା ମଧ୍ୟ ହୋଇଛି । (କୃଦନ୍ତ କ୍ରିୟା ଏବଂ କ୍ରିୟାଜ ବିଶେଷଣ ପ୍ରସଙ୍ଗ ଦେଖ ।)

(୧୮) ଉ ପ୍ରତ୍ୟୟ

ଝାଡ଼୍ + ଉ = ଝାଡ଼ୁ , ଗଡ଼୍ + ଉ = ଗଡ଼ୁ , ଗୁଲ୍ + ଉ = ଗୁଲୁ , ମାର୍ + ଉ = ମାରୁ ।

'ଉ' ପ୍ରତ୍ୟୟ ସଂସ୍କୃତ 'ଉକ' ପ୍ରତ୍ୟୟରୁ ଉତ୍ପନ୍ନ । ସଂସ୍କୃତରେ ଉକ ପ୍ରତ୍ୟୟ ଯଥା— ନିନ୍ଦ୍ + ଉକ = ନିନ୍ଦୁକ, ହିଂସ୍ + ଉକ = ହିଂସୁକ, ଭୂ + ଉକ = ଭବୁକ ।

(୧୯) ଉଆ ପ୍ରତ୍ୟୟ

ପଢ଼୍ + ଉଆ = ପଢ଼ୁଆ, ଡାକ୍ + ଉଆ = ଡାକୁଆ, ଭଖ + ଉଆ = ଭଖୁଆ, ଜଗ୍ + ଉଆ = ଜଗୁଆ ।

'ଉଆ' ମଧ୍ୟ ସଂସ୍କୃତ 'ଉକ'ରୁ ଉତ୍ପନ୍ନ । ତେଣୁ ତଦ୍ଭବ ।

(୨୦) ଉଆଳ ପ୍ରତ୍ୟୟ

ଖେଳ୍ + ଉଆଳ = ଖେଳୁଆଳ, ଢଗ୍ + ଉଆଳ = ଢଗୁଆଳ, ରଖ୍ + ଉଆଳ = ରଖୁଆଳ ।

'ଉଆଳ' ପ୍ରତ୍ୟୟ ଦେଶଜ ।

Digitized by PPRACHIN, SOA

(୨୧) ଉଣା ପ୍ରତ୍ୟୟ

ପା + ଉଣ = ପାଉଣା, ଗା + ଉଣା = ଗାଉଣା ।
'ଉଣା' ସଂସ୍କୃତ 'ଅନ'ରୁ ଉତ୍ପନ୍ନ । ତେଣୁ ତଦ୍ଭବ ।

(୨୨) ଉଣି ପ୍ରତ୍ୟୟ

ଘଷ୍ + ଉଣି = ଘଷୁଣି, ଡାକ୍ + ଉଣି = ଡାକୁଣି, ମାଗ୍ + ଉଣି = ମାଗୁଣି, ପରଶ୍ + ଉଣି = ପରଶୁଣି ।
'ଉଣି'ର ମଧ୍ୟ ମୂଳ 'ଅନ' । ତେଣୁ ଏହା ତଦ୍ଭବ ।

ଯେଉଁ କୃଦନ୍ତ ପ୍ରତ୍ୟୟଗୁଡ଼ିକ ସଂସ୍କୃତ ପ୍ରତ୍ୟୟରୁ ଉତ୍ପନ୍ନ ଏବଂ ଯେଉଁଗୁଡ଼ିକ ଦେଶଜ, ସେଗୁଡ଼ିକୁ ଆମେ ଖାଣ୍ଟି ଓଡ଼ିଆ କୃଦନ୍ତ ପ୍ରତ୍ୟୟ କହୁଁ ଏବଂ ସେଗୁଡ଼ିକର ଯୋଗରେ ଗଠିତ ପଦକୁ ଖାଣ୍ଟି ଓଡ଼ିଆ କୃଦନ୍ତ ପଦ କହୁଁ ।

—o—

ତଦ୍ଧିତ

କୃଦନ୍ତରେ ଧାତୁରୁ ପ୍ରତ୍ୟୟ ଲଗି ପଦ ଗଠିତ ହୋଇଥାଏ । (ଶବ୍ଦ ଯାହା, ପଦ ତାହା) କିନ୍ତୁ ଶବ୍ଦରୁ ପ୍ରତ୍ୟୟ ଲଗି ଯେଉଁ ଶବ୍ଦ ଗଠିତ ହୋଇଥାଏ, ତାହାକୁ ତଦ୍ଧିତ ଶବ୍ଦ କୁହାଯାଏ । ଧର, 'ବନ' ଗୋଟିଏ ଶବ୍ଦ, ସେଥିରୁ 'ଯ' ପ୍ରତ୍ୟୟ ଲଗି ଆଉ ଗୋଟିଏ ଶବ୍ଦ ତିଆରି ହୋଇଛି—ବନ୍ୟ । ତେଣୁ 'ବନ୍ୟ' ଏକ ତଦ୍ଧିତ ଶବ୍ଦ । 'ସମାଜ' ଗୋଟିଏ ଶବ୍ଦ । ସେଥିରୁ 'ଇକ' ପ୍ରତ୍ୟୟ ଲଗି ଆଉ ଗୋଟିଏ ଶବ୍ଦ ହୋଇଛି 'ସାମାଜିକ' । ତେଣୁ 'ସାମାଜିକ' ଗୋଟିଏ ତଦ୍ଧିତ ଶବ୍ଦ ।

Digitized by PPRACHIN, SOA

ତତ୍+ହିତ=ତଦ୍ଧିତ (ତାହାର ହିତକର)। ଗୋଟିଏ ଶବ୍ଦରୁ ଆଉ ଗୋଟିଏ ଶବ୍ଦ ଗଠିତ ହେବା ଫଳରେ ମୂଳ ଶବ୍ଦର ହିତ ସାଧିତ ହୁଏ, କାରଣ ତାହାର ବଂଶ ବଢ଼େ। ଦ୍ୱିତୀୟ ଶବ୍ଦ ହେଉଛି ମୂଳ ଶବ୍ଦର ହିତକର। ତେଣୁ ତାର ନାମ ତଦ୍ଧିତ ଶବ୍ଦ ବା ତଦ୍ଧିତ ପଦ। ଆମେ ସଂକ୍ଷେପରେ କହୁଁ—ତଦ୍ଧିତ।

ଏଥିରୁ ଜାଣିଲ, ତଦ୍ଧିତ ଶବ୍ଦ ହେଉଛି ଦ୍ୱିତୀୟକ (Secondary) ଶବ୍ଦ। କିନ୍ତୁ କୃଦନ୍ତ ହେଉଛି ପ୍ରଥମକ (Primary) ଶବ୍ଦ।

ମୂଳ ଶବ୍ଦ ଓ ତଦ୍ଧିତ ଶବ୍ଦ ମଧ୍ୟରେ ଅର୍ଥଗତ ପାର୍ଥକ୍ୟ ରହେ। କେଉଁଠି ମୂଳ ଶବ୍ଦ ବିଶେଷ୍ୟ ତ ତଦ୍ଧିତ ଶବ୍ଦ ବିଶେଷଣ, କେଉଁଠି ମୂଳ ଶବ୍ଦ ବିଶେଷଣ ତ ତଦ୍ଧିତ ଶବ୍ଦ ବିଶେଷ୍ୟ ହୁଏ। ଯଥା ବନ—ବନ୍ୟ, ସୁନ୍ଦର—ସୌନ୍ଦର୍ଯ୍ୟ। ଅବଶ୍ୟ କେତେକ ସ୍ଥଳରେ ଏପରି ଘଟେ ନାହିଁ। ଯେପରି ତିଲ-ତୈଳ। ଏଥିରେ ଉଭୟେ ବିଶେଷ୍ୟ, କିନ୍ତୁ ଅର୍ଥ ଭିନ୍ନ। କେତେକ ସ୍ଥଳରେ ଅର୍ଥଗତ ପାର୍ଥକ୍ୟ ମଧ୍ୟ ରହେ ନାହିଁ। ଯେପରି, ସବୁ+ଆ=ସବୁଆ। ଏଥିରେ 'ସବୁ'ର ଯାହା ଅର୍ଥ, 'ସବୁଆ'ର ମଧ୍ୟ ସେହି ଅର୍ଥ। ତେଣୁ ଏଠାରେ 'ଆ' ପ୍ରତ୍ୟୟ ସ୍ୱାର୍ଥେ (ସ୍ୱ ଅର୍ଥରେ) ହୋଇଛି ବୋଲି କୁହାଯାଏ। ସଂସ୍କୃତରେ ମଧ୍ୟ ଏଭଳି ସ୍ୱାର୍ଥେ ତଦ୍ଧିତ ପ୍ରତ୍ୟୟ ହୁଏ। ଯେପରି ବାଳ+କ= ବାଳକ। 'ବାଳ'ର ଅର୍ଥ ଯାହା, 'ବାଳକ'ର ଅର୍ଥ ମଧ୍ୟ ତାହା। ତେଣୁ 'କ' ପ୍ରତ୍ୟୟ ସ୍ୱାର୍ଥେ (ସ୍ୱ ଅର୍ଥରେ) ହୋଇଅଛି।

ସଂସ୍କୃତରେ ତଦ୍ଧିତ ପ୍ରତ୍ୟୟ ଲାଗିଲେ ମୂଳ ଶବ୍ଦର ଅନେକ ସ୍ଥଳରେ ପରିବର୍ତ୍ତନ ହୁଏ। ଯଥା—ବିପ୍ଳବ+ଇକ=

Digitized by PPRACHIN, SOA

ବୈପ୍ଳବିକ, ସ୍ୱଜନ+ଯ=ସୌଜନ୍ୟ । ଏଠାରେ 'ବି' ହେଲା 'ବୈ' ଏବଂ 'ସ୍ୱ' ହେଲା 'ସୌ' । କିନ୍ତୁ ଓଡ଼ିଆରେ କୌଣସି ପରିବର୍ତ୍ତନ ହୁଏନାହିଁ । ଯଥା—କଣ୍ଟକ+ଈ=କଣ୍ଟକୀ, ଲୁଣ+ଇଆ=ଲୁଣିଆ ।

ଓଡ଼ିଆ ଭାଷାରେ ବ୍ୟବହୃତ ତଦ୍ଧିତ ପ୍ରତ୍ୟୟଗୁଡ଼ିକୁ ତିନିଭାଗରେ ବିଭକ୍ତ କରାଯାଇପାରେ (୧) ତତ୍ସମ ବା ସଂସ୍କୃତ (୨) ତଦ୍ଭବ (୩) ବୈଦେଶିକ । ତତ୍ସମ ପ୍ରତ୍ୟୟ ଏଠାରେ ଆଲୋଚ୍ୟ ନୁହେଁ । ତଦ୍ଭବ ଓ ବୈଦେଶିକ ପ୍ରତ୍ୟୟ ଯୋଗରେ ଯେଉଁ ତଦ୍ଧିତ ଶବ୍ଦଗୁଡ଼ିକ ଗଠିତ ହୁଏ, ସେଗୁଡ଼ିକୁ ଖାଣ୍ଟି ଓଡ଼ିଆ ଶବ୍ଦ ରୂପେ ଗ୍ରହଣ କରାଯାଏ ।

(୧) ଆ ପ୍ରତ୍ୟୟ

ଅଛି ଅର୍ଥରେ—ପେଟ+ଆ=ପେଟା (ଯାହାର ପେଟ ଅଛି) ଦାଢ଼ି+ଆ=ଦାଢ଼ିଆ, କାଛୁ+ଆ=କାଛୁଆ, ଦନ୍ତ+ଆ=ଦନ୍ତା । ଗଣ୍ଡିଆ, ଦଣିଆ ।

ଅନାଦର ଅର୍ଥରେ--ରାମ+ଆ=ରମା, ହରି+ଆ=ହରିଆ, ମଧୁ+ଆ=ମଧୁଆ

ସ୍ୱ ଅର୍ଥରେ—ସରୁ+ଆ=ସରୁଆ, ମୋଟ+ଆ=ମୋଟା, କାଳ+ଆ=କାଳ, ଗରୁ+ଆ=ଗରୁଆ,

ଲିପ୍ତ ଅର୍ଥରେ—ଧୂଳି+ଆ=ଧୂଳିଆ, ବାଲି+ଆ=ବାଲିଆ,

Digitized by PPRACHIN, SOA

ଜାତ ଅର୍ଥରେ—ଦକ୍ଷିଣ+ଆ=ଦକ୍ଷିଣା, ପଶ୍ଚିମ+ଆ=ପଶ୍ଚିମା ।
ତୁଲ୍ୟ ଅର୍ଥରେ—ଗଧ+ଆ=ଗଧା, ପ୍ରଜାପତି+ଆ=ପ୍ରଜାପତିଆ, ବରକୋଳି+ଆ=ବରକୋଳିଆ, କାଳି+ଆ=କାଳିଆ, ଗୋଡ଼ାଳି+ଆ=ଗୋଡ଼ାଳିଆ ।

'ଆ' ପ୍ରତ୍ୟୟ ସଂସ୍କୃତ 'ଈୟ' ପ୍ରତ୍ୟୟରୁ ଉତ୍ପନ୍ନ । ତେଣୁ ତଦ୍‌ଭବ ।

(୨) ଆଣ ପ୍ରତ୍ୟୟ

ସମ୍ପର୍କ ଅର୍ଥରେ—ଜାତଆଣ

'ଆଣ' ଦେଶଜ ପ୍ରତ୍ୟୟ ।

(୩) ଆଣି, ଉଆଣି ପ୍ରତ୍ୟୟ

ପରିମାଣ ଅର୍ଥରେ—ଆଣ୍ଠୁ+ଆଣି=ଆଣ୍ଠୁଆଣି, ଆଗ+ଉଆଣି =ଆଗୁଆଣି ।

ଏ ଦୁଇଟି ପ୍ରତ୍ୟୟ ସଂସ୍କୃତ 'ଅଗ୍ରଣୀ' ପ୍ରଭୃତି ପଦର 'ଣୀ' ଅଂଶରୁ ଉତ୍ପନ୍ନ ।

(୪) ଆଳ ପ୍ରତ୍ୟୟ

ବୃତ୍ତି ଅର୍ଥରେ—ଗାଈଆଳ, ପାଇଟିଆଳ
ଅସ୍ତି ଅର୍ଥରେ—ପଙ୍କ+ ଆଳ= ପଙ୍କାଳ, ଗଣ୍ଡି+ଆଳ= ଗଣ୍ଡିଆଳ, ଶିଙ୍ଗ+ଆଳ=ଶିଙ୍ଗାଳ,

(୫) ଆଳି ପ୍ରତ୍ୟୟ

ଉତ୍ପତ୍ତି ଅର୍ଥରେ—ଚଇତ+ଆଳି=ଚଇତାଳି

Digitized by PPRACHIN, SOA

(୬) ଆଳିଆ ପ୍ରତ୍ୟୟ

ଅସ୍ତି ଅର୍ଥରେ— କଣ୍ଟା + ଆଳିଆ = କଣ୍ଟାଳିଆ, ଝଙ୍କା + ଆଳିଆ = ଝଙ୍କାଳିଆ, ମୁଣ୍ଡ + ଆଳିଆ = ମୁଣ୍ଡାଳିଆ

ଆଳ, ଆଳି, ଆଳିଆ ପ୍ରତ୍ୟୟ ସଂସ୍କୃତ 'ଆଳୁ' 'ଳ' 'ଇଲ' ପ୍ରଭୃତି ପ୍ରତ୍ୟୟରୁ ଉତ୍ପନ୍ନ ।

(୭) ଇ ପ୍ରତ୍ୟୟ

କ୍ଷୁଦ୍ର ଅର୍ଥରେ— ଚକ + ଇ = ଚକି, ମାଳ + ଇ = ମାଳି, ଖଣ୍ଡ + ଇ = ଖଣ୍ଡି, ଛଡ଼ + ଇ = ଛଡ଼ି, ଗୁଳ + ଇ = ଗୁଳି, କାଠ + ଇ = କାଠି, ଚାବ + ଇ = ଚାବି

ସ୍ତ୍ରୀ ଅର୍ଥରେ— କାଙ୍ଗାଳ + ଇ = କାଙ୍ଗାଳି, ଗଉଳ + ଇ = ଗଉଳି, ମେଳ + ଇ = ମେଳି, ଘୁଣ + ଇ = ଘୁଣି

'ଇ' ପ୍ରତ୍ୟୟ ସଂସ୍କୃତ ସ୍ତ୍ରୀଲିଙ୍ଗ 'ଈ' ପ୍ରତ୍ୟୟରୁ ଉତ୍ପନ୍ନ । ଏହା କ୍ରମଶଃ ସ୍ତ୍ରୀଲିଙ୍ଗକୁ ପରିତ୍ୟାଗ କରୁଛି ।

(୮) ଇଆ ପ୍ରତ୍ୟୟ

ଅସ୍ତି ଅର୍ଥରେ— ଲୁଣ + ଇଆ = ଲୁଣିଆ, ଅନ୍ଧାର + ଇଆ = ଅନ୍ଧାରିଆ, ମୁନ + ଇଆ = ମୁନିଆ, କପଟ + ଇଆ = କପଟିଆ

ବୃତ୍ତି ଅର୍ଥରେ— ହଳ + ଇଆ = ହଳିଆ, ଗୁଡ଼ + ଇଆ = ଗୁଡ଼ିଆ, ଜାଲ + ଇଆ = ଜାଲିଆ

Digitized by PPRACHIN, SOA

ସାଦୃଶ୍ୟ ଅର୍ଥରେ— ସୋରଷ + ଇଆ = ସୋରଷିଆ, ଗୁଜୁଳ + ଇଆ = ଗୁଜୁଳିଆ, ବଉଳଫୁଲ + ଇଆ = ବଉଳଫୁଲିଆ ।

ସ୍ୱ ଅର୍ଥରେ— କଅଁଳ + ଇଆ = କଅଁଳିଆ, ଭେଣ୍ଡା + ଇଆ = ଭେଣ୍ଡିଆ, ଟାଉଟର + ଇଆ = ଟାଉଟରିଆ, ବଦଳ + ଇଆ = ବଦଳିଆ ।

ପରିମାଣ ବା ବ୍ୟାପ୍ତି ଅର୍ଥରେ— ପାଞ୍ଚହାତ + ଇଆ = ପାଞ୍ଚହାତିଆ, ଦଶବର୍ଷ + ଇଆ = ଦଶବର୍ଷିଆ ।

ସଂବନ୍ଧ ଅର୍ଥରେ— ସହର + ଇଆ = ସହରିଆ, ବଜାର + ଇଆ = ବଜାରିଆ,

ବସତି ଅର୍ଥରେ— କଟକ + ଇଆ = କଟକିଆ, ସମ୍ବଲପୁର + ଇଆ = ସମ୍ବଲପୁରିଆ ।

'ଇଆ' ପ୍ରତ୍ୟୟ ସଂସ୍କୃତ 'ଇୟ' ପ୍ରତ୍ୟୟରୁ ଉତ୍ପନ୍ନ ।

(୯) ଈ ପ୍ରତ୍ୟୟ

ଅସ୍ତି ଅର୍ଥରେ— ଭୋକ + ଈ = ଭୋକୀ, ଶୋଷ + ଈ = ଶୋଷୀ, ଦାଗ + ଈ = ଦାଗୀ, ରାଗ + ଈ = ରାଗୀ, ଅଭାବ + ଈ = ଅଭାବୀ

ସମ୍ବନ୍ଧ ଅର୍ଥରେ— କଟକ + ଈ = କଟକୀ, କାନପୁର + ଈ = କାନପୁରୀ ।

ସାଦୃଶ୍ୟ ଅର୍ଥରେ— କଳାମେଘ + ଈ = କଳାମେଘୀ, ଗୋଲାପ + ଈ = ଗୋଲାପୀ ।

'ଈ' ପ୍ରତ୍ୟୟ ସଂସ୍କୃତ 'ଇନ୍' ପ୍ରତ୍ୟୟରୁ ଆସିଛି ।

Digitized by PPRACHIN, SOA

(୧୦) ଉଆ ପ୍ରତ୍ୟୟ

ଅଳ୍ପ ଅର୍ଥରେ— ଅନ୍ଧାର+ଉଆ = ଅନ୍ଧାରୁଆ, ପେଟ+ଉଆ = ପେଟୁଆ । ମେଘୁଆ, ରସୁଆ, ପାଠୁଆ

ବୃତ୍ତି ଅର୍ଥରେ— ଘର+ଉଆ = ଘରୁଆ, ନାଟ+ଉଆ= ନାଟୁଆ । ଧଳୁଆ, ଲଞ୍ଜୁଆ

ଜାତ ଅର୍ଥରେ— ଆଷାଢ଼+ଉଆ = ଆଷାଢୁଆ । ସକାଳୁଆ ସଂଜୁଆ, ବଣୁଆ, ଖାଲୁଆ

ଅଭ୍ୟାସ ଅର୍ଥରେ— ମାଡ଼+ଉଆ=ମାଡୁଆ । ଖଚୁଆ, ଗପୁଆ, ଗାଲୁଆ, ସଲୁଆ, ହଟୁଆ, ମଦୁଆ, ଢାଲୁଆ ।

'ଉଆ' ପ୍ରତ୍ୟୟ ସଂସ୍କୃତ 'ଉକ' ପ୍ରତ୍ୟୟରୁ ଆସିଛି ।

(୧୧) ଉଆଳ ପ୍ରତ୍ୟୟ

ଅଭ୍ୟାସ ତଥା ବୃତ୍ତି ଅର୍ଥରେ— ମଙ୍ଗ+ଉଆଳ=ମଙ୍ଗୁଆଳ, ଘଗ+ଉଆଳ = ଘଗୁଆଳ । ଖେଳୁଆଳ, ବୋଇତୁଆଳ

ଅଳ୍ପ ଅର୍ଥରେ - ରସ+ଉଆଳ = ରସୁଆଳ,

'ଉଆଳ' ପ୍ରତ୍ୟୟ 'ଆଳ' ପ୍ରତ୍ୟୟର ରୂପାନ୍ତର । 'ଆଳ' ଏବଂ 'ଉଆଳ' କେତେକ କ୍ଷେତ୍ରରେ ସଂସ୍କୃତ 'ପାଳ' ରୁ ଉତ୍ପନ୍ନ । ଯେପରି – ମଙ୍ଗପାଳ > ମଙ୍ଗୁଆଳ, ବହିତ୍ରପାଳ > ବୋଇତୁଆଳ ।

(୧୨) ଉକ ପ୍ରତ୍ୟୟ

ଅଳ୍ପ ଅର୍ଥରେ — ଲଜ+ଉକ = ଲଜୁକ, ପେଟ+ଉକ = ପେଟୁକ

Digitized by PPRACHIN, SOA

'ଢକ' ପ୍ରତ୍ୟୟ ସଂସ୍କୃତ 'ଜକ' ପ୍ରତ୍ୟୟର ଅବକଳ ରୂପ । 'ଲଜ' ଓ 'ପେଟ' ଶବ୍ଦ ଦୁଇଟି ଅସଂସ୍କୃତ ପଦ ହୋଇଥିବାରୁ ସେଥିରେ ସଂସ୍କୃତ 'ଉକ' ପ୍ରତ୍ୟୟ ଲଗିଲେ ମଧ୍ୟ 'ଲଜୁକ' ଓ 'ପେଟୁକ' ଶବ୍ଦ ଦୁଇଟିକୁ ସଂସ୍କୃତ ପଦ କୁହାଯିବ ନାହିଁ ।

(୧୩) ଢର ପ୍ରତ୍ୟୟ

ଅଚ୍ଛୁ ବା ଅଭ୍ୟାସ ଅର୍ଥରେ— ଦାନ୍ତ+ଢର=ଦାନ୍ତୁର, କାନ୍ଧ+ ଢର=କାନ୍ଧୁର । ହଗୁର, ମୁତୁର

'ଉର' ଏକ ଦେଶଜ ପ୍ରତ୍ୟୟ ।

(୧୪) ଏଲ ପ୍ରତ୍ୟୟ

ସାଦୃଶ୍ୟ ଅର୍ଥରେ— ସୁନା+ଏଲ=ସୁନେଲ, ରୂପା+ଏଲ= ରୂପେଲ

(୧୫) ଏଇ, ଓଇ ପ୍ରତ୍ୟୟ

ସମ୍ବନ୍ଧ ଅର୍ଥରେ— ପୂର୍ବ+ଏଇ=ପୂର୍ବେଇ, ପୂବେଇ, ବାଟ+ ଓଇ=ବାଟୋଇ, ଘାଟ+ଏଇ, ଓଇ=ଘାଟେଇ, ଘାଟୋଇ, ଏ ଦୁଇଟି ଦେଶଜ ପ୍ରତ୍ୟୟ ।

(୧୬) କା, କାର

ସମୟ ସମ୍ବନ୍ଧ ଅର୍ଥରେ— ଆଜକା, ଆଜକାର ; କାଲକା, କାଲକାର; ଏବକା, ଏବକାର; କେବକା, କେବକାର ।

'କାର' ସଂସ୍କୃତ 'କାର୍ଯ୍ୟ' ପଦରୁ ଉତ୍ପନ୍ନ ।

Digitized by PPRACHIN, SOA

(୧୭) କୁଳା ପ୍ରତ୍ୟୟ

ସ୍ୱଭାବ ଅର୍ଥରେ – ଡରକୁଳା, ଲାଜକୁଳା, ହସକୁଳା

'କୁଳା' ଏକ ଦେଶଜ ପ୍ରତ୍ୟୟ ।

(୧୮) ଠ ପ୍ରତ୍ୟୟ

କର୍ମ, ସାଦୃଶ୍ୟ ଆଦି ଅର୍ଥରେ—ଚହ୍ଲଠ, କୁହାଠ, ଚଗଠ

ଏହା ଏକ ଦେଶଜ ପ୍ରତ୍ୟୟ ।

(୧୯) ଟିଆ ପ୍ରତ୍ୟୟ

ଦୈନ୍ୟ ଅର୍ଥରେ—ଖରଟିଆ, ଧୂଆଁଟିଆ, ଭଡ଼ାଟିଆ, ରଙ୍ଗଟିଆ

ଏହା ମଧ୍ୟ ଦେଶଜ ପ୍ରତ୍ୟୟ

(୨୦) ଡା ପ୍ରତ୍ୟୟ

ସ୍ୱାର୍ଥେ—ଚମଡ଼ା, ଖଦଡା, ବୃଷଡ଼ା । ଅଳ୍ପ ଅର୍ଥରେ—ଶିଙ୍ଗଡ଼ା,

ସାଦୃଶ୍ୟ ଅର୍ଥରେ—ଆମ୍ବଡା

ଏହା ମଧ୍ୟ ଦେଶଜ ପ୍ରତ୍ୟୟ ।

(୨୧) ଚିଆ ପ୍ରତ୍ୟୟ

ସାଦୃଶ୍ୟ ଅର୍ଥରେ— ମାଣ୍ଡ+ଚିଆ = ମାଣ୍ଡଚିଆ, ପାଣି + ଚିଆ = ପାଣିଚିଆ ।

ଏହା ମଧ୍ୟ ଦେଶଜ ପ୍ରତ୍ୟୟ ।

Digitized by PPRACHIN, SOA

(୨୨) ପଣ, ପଣିଆ ପ୍ରତ୍ୟୟ

ଭାବ ଅର୍ଥରେ—ପାଗଳପଣ, ଚାଣପଣ, ଦୁଷ୍ଟପଣ, ମଦୁଆପଣିଆ ।

ଏ ଦୁଇଟି ପ୍ରତ୍ୟୟ ବୈଦିକ 'ତ୍ୱନ' ପ୍ରତ୍ୟୟରୁ ଆସିଛି । ତ୍ୱନ>ପ୍ରା. ପ୍‌ପଣ>ଓ. ପଣ ।

(୨୩) ବନ୍ତ, ମନ୍ତ ପ୍ରତ୍ୟୟ

ଅଛି ଅର୍ଥରେ—ଧନବନ୍ତ, ଗୁଣବନ୍ତ, ବୁଦ୍ଧିମନ୍ତ, ଲକ୍ଷ୍ମୀମନ୍ତ ।

'ବନ୍ତ' ସଂସ୍କୃତ 'ବତ୍' ଏବଂ 'ମନ୍ତ' ସଂସ୍କୃତ 'ମତ୍' ପ୍ରତ୍ୟୟରୁ ଆସିଛି ।

(୨୪) ଘ ପ୍ରତ୍ୟୟ

ବୃତ୍ତି ଅର୍ଥରେ—କାଟ+ଘ=କାଟଘ । ପାନଘ, ପାଟଘ,
ସ୍ୱ ଅର୍ଥରେ—ଗୁଣ୍ଡ+ଘ=ଗୁଣ୍ଡଘ । ଠେକଘ, ଡାକଘ
ଅଛି ଅର୍ଥରେ—ପେଟ+ଘ=ପେଟଘ । 'ଘ' ଏକ ଦେଶଜ ପ୍ରତ୍ୟୟ

(୨୫) ର ପ୍ରତ୍ୟୟ

ବୃତ୍ତି ଅର୍ଥରେ—କଂସା+ର=କଂସାର, ଶଙ୍ଖା+ର=ଶଙ୍ଖାର ।
ସୁନାର, ପୂଜାର,

'ର' ପ୍ରତ୍ୟୟ ସଂସ୍କୃତ 'କାର' ରୁ ଉତ୍ପନ୍ନ । ଯେପରି ସ୍ୱର୍ଣ୍ଣକାର—ସୁନାର, ଶଙ୍ଖାକାର—ଶଙ୍ଖାର, ପୂଜାକାର—ପୂଜାର

ବୈଦେଶିକ ତଦ୍ଧିତ ପ୍ରତ୍ୟୟ

ଭାବ ଅର୍ଥରେ—ହାକମ+ଇ=ହାକମି, ଡାକ୍ତର+ଇ=ଡାକ୍ତରି ।
ନୌକର, ବାହାଦୁର, ଉକାଲତ, କରାମତ

Digitized by PPRACHIN, SOA

(୨) ଆମି ପ୍ରତ୍ୟୟ

ଭାବ ଅର୍ଥରେ—ଦୁଷ୍ଟ+ଆମି = ଦୁଷ୍ଟାମି । ଠକାମି, ମୂର୍ଖାମି, ପାଗଳାମି ।

(୩) ଖୋର ପ୍ରତ୍ୟୟ

ଅଭ୍ୟାସ ଅର୍ଥରେ—ନିଶା+ଖୋର = ନିଶାଖୋର । ଅଫିମ-ଖୋର, ଲାଞ୍ଚଖୋର

(୪) ଗିରି ପ୍ରତ୍ୟୟ

ଭାବ ଅର୍ଥରେ—ବାବୁ+ଗିରି = ବାବୁଗିରି । କିରାଣିଗିରି,

(୫) ଦାର ପ୍ରତ୍ୟୟ

ଅସ୍ତି ଅର୍ଥରେ ଚୂଡ଼ି+ଦାର = ଚୁଡ଼ିଦାର । ସିରସ୍ତାଦାର, ଜମିଦାର, ଭାଗଦାର

(୬) ବାଜ ପ୍ରତ୍ୟୟ

ନିପୁଣ ଅର୍ଥରେ—ଧପା+ବାଜ = ଧପାବାଜ । ମାମଲବାଜ, ଧୋକାବାଜ

(୭) ବାଲ ପ୍ରତ୍ୟୟ

ଅସ୍ତି ଅର୍ଥରେ—ଗାଡ଼ି+ବାଲ = ଗାଡ଼ିବାଲ । ରିକ୍ସାବାଲ, ଘର-ବାଲ, ପଇସାବାଲ

ଅସଂସ୍କୃତ ଭିନ୍ନ ପ୍ରତ୍ୟୟ କହିଲେ ତଦ୍ଭବ, ଦେଶଜ ଓ ବୈଦେଶିକ— ଏ ତିନି ଶ୍ରେଣୀର ଗଠିତ ପ୍ରତ୍ୟୟକୁ ବୁଝିବ ।

ଓଡ଼ିଆ ଉପଭାଷା

ଭାଷାର ପରିବର୍ତ୍ତନରେ ସ୍ଥାନ ଓ କାଳ ଦୁଇଟି ମୁଖ୍ୟ ହେତୁ । ଗୋଟିଏ ଭାଷାଭାଷୀ ଲୋକମାନେ ବହୁ ବିସ୍ତୃତ ଅଞ୍ଚଳରେ ବାସ କରନ୍ତି, ତେବେ ସେମାନଙ୍କର ଭାଷାରେ କ୍ରମେ ପାର୍ଥକ୍ୟ

Digitized by PPRACHIN, SOA

ଆସିଥାଏ । ଦୂରତା ହେତୁ ଏବଂ ବଣଜଙ୍ଗଲ, ପାହାଡ଼ ପର୍ବତ ନଦୀ ସମୁଦ୍ର ପ୍ରଭୃତି ପ୍ରାକୃତିକ ପ୍ରତିବନ୍ଧକ ହେତୁ ସେମାନଙ୍କ ମଧ୍ୟରେ ଯୋଗାଯୋଗ ଶିଥିଳ ହୋଇପଡ଼େ । ତେଣୁ ଭାଷାରେ ପାର୍ଥକ୍ୟ ଆସିବା ସ୍ୱାଭାବିକ । ତା ଛଡ଼ା, ଗୋଟିଏ ଭାଷାଭାଷୀ ଲୋକମାନେ ସୀମିତ ଅଞ୍ଚଳରେ ରହିଲେ ମଧ୍ୟ ଏବଂ ସେହି ଅଞ୍ଚଳରେ କୌଣସି ପ୍ରାକୃତିକ ପ୍ରତିବନ୍ଧକ ନ ଥିଲେ ମଧ୍ୟ ସେମାନଙ୍କ ଭାଷାରେ କାଳକ୍ରମେ ସ୍ୱତଃ ପରିବର୍ତ୍ତନ ଘଟେ । ପୁନଶ୍ଚ ଅନ୍ୟ ଭାଷାର ସଂସ୍ପର୍ଶରେ ଆସିଲେ ଭାଷା ପରିବର୍ତ୍ତିତ ହୁଏ ।

ଓଡ଼ିଆ ଭାଷା ଅଞ୍ଚଳ ଭେଦରେ ବିଭିନ୍ନରୂପ ଧାରଣ କରୁଛି । ଓଡ଼ିଆ ଭାଷା ପଶ୍ଚିମରେ ହିନ୍ଦୀଭାଷା ସଂସ୍ରବରେ, ଦକ୍ଷିଣରେ ତେଲୁଗୁ ଭାଷା ସଂସ୍ରବରେ ଏବଂ ଉତ୍ତରରେ ବଙ୍ଗଳା ଭାଷା ସଂସ୍ରବରେ ଆସୁଛି । ଫଳରେ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା ଓ ଉତ୍ତର ଓଡ଼ିଶାରେ ଓଡ଼ିଆ ଭାଷା ଆଉ ସମାନ ଆକାରରେ ନାହିଁ । କଟକ, ପୁରୀ, ବାଲେଶ୍ୱର, ଢେଙ୍କାନାଳ ପ୍ରଭୃତି କେତେକ ଜିଲ୍ଲାର ପରସ୍ପର ସଂଲଗ୍ନ ଅଞ୍ଚଳର ଭାଷା ବର୍ତ୍ତମାନ ଲିଖିତ ଓଡ଼ିଆ ଭାଷାର ବେଶୀ ନିକଟବର୍ତ୍ତୀ । ତେଣୁ ବର୍ତ୍ତମାନର ଲିଖିତ ଓଡ଼ିଆ ଏହି କେନ୍ଦ୍ରୀୟ ଅଞ୍ଚଳର କଥିତ ଭାଷା ଉପରେ ପ୍ରତିଷ୍ଠିତ ବୋଲି କୁହାଯାଇପାରେ । ଯେଉଁ ଅଞ୍ଚଳ ବିଭିନ୍ନ ଦୃଷ୍ଟିରୁ ପ୍ରାଧାନ୍ୟ ଲାଭ କରେ, ସେହି ଅଞ୍ଚଳର କଥିତ ଭାଷା ହିଁ ସାହିତ୍ୟର ଭାଷା ଅର୍ଥାତ୍ ଲେଖାପଢ଼ାର ଭାଷା-ରୂପେ ଗୃହୀତ ହୁଏ । ସମଗ୍ର ବଙ୍ଗ ପ୍ରଦେଶର ବିଭିନ୍ନ ଅଞ୍ଚଳରେ ବଙ୍ଗଳା ଭାଷା ବିଭିନ୍ନ ରୂପ ଧାରଣ କରିଥିଲେ ମଧ୍ୟ ଲିଖିତ ବଙ୍ଗଳା ପ୍ରତିଷ୍ଠିତ ହୋଇଛି କଲିକତା ଓ ହୁଗୁଳି ଅଞ୍ଚଳର କଥିତ

Digitized by PPRACHIN, SOA

ଭାଷା ଉପରେ । କାରଣ, ସମଗ୍ର ବଙ୍ଗ ପ୍ରଦେଶରେ ଏହି ଅଞ୍ଚଳ ହିଁ ପ୍ରାଧାନ୍ୟ ଲାଭ କରିଛି । ସେହିପରି ହିନ୍ଦୀ ଭାଷା ବିଭିନ୍ନ ଅଞ୍ଚଳରେ ପୃଥକ୍ ହୋଇଯାଉଥିଲେ ମଧ୍ୟ ଦିଲ୍ଲୀ, ଆଗ୍ରା ପ୍ରଭୃତି କେନ୍ଦ୍ରୀୟ ଅଞ୍ଚଳର କଥିତ ହିନ୍ଦୀ ଭାଷା ଉପରେ ଲିଖିତ ହିନ୍ଦୀ ଭାଷା ଆଧାରିତ ହୋଇଯାଇଛି । ଯେହେତୁ ଦିଲ୍ଲୀ, ଆଗ୍ରା ପ୍ରଭୃତି କେନ୍ଦ୍ରୀୟ ଅଞ୍ଚଳ ଅନ୍ୟାନ୍ୟ ହିନ୍ଦୀ ଅଞ୍ଚଳଠାରୁ ଅଧିକ ପ୍ରାଧାନ୍ୟ ଲାଭ କରିଛି । ଗୋଟିଏ ଅଞ୍ଚଳର ଭାଷା ଲିଖିତ ରୂପ ଧାରଣ କଲେ ତାହା ଷ୍ଟାଣ୍ଡାର୍ଡ ବା ମାନକ ଭାଷା ରୂପେ ଗୃହୀତ ହୁଏ ଏବଂ ଯେଉଁ ଅଞ୍ଚଳର ଭାଷା ସେହିମାନଙ୍କ ଭାଷାଠାରୁ ପୃଥକ୍ ହୋଇଉଠେ, ତାହାକୁ ଉପଭାଷା ନାମ ଦିଆଯାଏ । ବର୍ତ୍ତମାନ ପଶ୍ଚିମ ଓଡ଼ିଶା ଅର୍ଥାତ୍ ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗିର, ବୌଦ୍ଧ କନ୍ଧମାଳ ଓ କଳାହାଣ୍ଡି— ଏହି ଜିଲ୍ଲାଗୁଡ଼ିକର ଭାଷା ମାନକ ଓଡ଼ିଆ ଭାଷାଠାରୁ ବେଶ୍ ପୃଥକ ରୂପ ଧାରଣ କଲାଣି । ତେଣୁ ସମ୍ବଲପୁର, ସୁନ୍ଦରଗଡ଼, ବଲାଙ୍ଗିର ବୌଦ୍ଧ କନ୍ଧମାଳ ଓ କଳାହାଣ୍ଡି— ଏହି ଜିଲ୍ଲାଗୁଡ଼ିକର ଭାଷା, ଯାହାକୁ ସଂକ୍ଷେପରେ 'ସମ୍ବଲପୁରୀ ଉପଭାଷା' ବା ସମ୍ବଲପୁରୀ ବୋଲି କୁହାଯାଏ ଏବଂ କୋରାପୁଟର 'ଦେଶିଆ' ଭାଷା ଓଡ଼ିଆ ଭାଷାର ଦୁଇଟି ଉପଭାଷା ରୂପେ ଗ୍ରହଣୀୟ । ତା'ଛଡ଼ା, ମଧ୍ୟପ୍ରଦେଶର ବସ୍ତର ଜିଲ୍ଲାରେ ପ୍ରଚଳିତ 'ଭତ୍ରୀ'କୁ ଗ୍ରିୟରସନ୍ ପ୍ରମୁଖ ଭାଷାବିତ୍‌ମାନେ ଓଡ଼ିଆ ଭାଷାର ଉପଭାଷା ରୂପେ ଆଗରୁ ଗ୍ରହଣ କରିଯାଇଛନ୍ତି । ଉତ୍ତର ଓଡ଼ିଶାର ଭାଷା ଅଦ୍ୟାବଧି ଉପଭାଷା ସ୍ତରକୁ ଆସିନାହିଁ । କାରଣ ମାନକ ଓଡ଼ିଆଠାରୁ ତାହାର ପାର୍ଥକ୍ୟ ଏତେ ସ୍ପଷ୍ଟ ହୋଇନାହିଁ ।

Digitized by PPRACHIN, SOA

କୌଣସି ଉପଭାଷା ଯଦି ବଳିଷ୍ଠ ହୋଇଉଠେ, ତେବେ ତାହା ଲିଖିତ ରୂପ ଧାରଣ କରେ, ଅର୍ଥାତ୍ ଲେଖାପଢ଼ାର ଭାଷା ହୁଏ । ସେତେବେଳେ ତାହାକୁ ଆଉ ଉପଭାଷା କୁହାଯାଏ ନାହିଁ । ସେ ହୋଇଯାଏ ଭାଷା ଅର୍ଥାତ୍ ମାନକ ଭାଷା । କାଳକ୍ରମେ ତାହାର ମଧ୍ୟ ଉପଭାଷା ସୃଷ୍ଟି ହୁଏ । ଏହିପରି ଏକ ଭାଷା ବହୁ ଭାଷା-ଉପଭାଷାରେ ପରିଣତ ହୁଏ । ଏଭଳି ପାର୍ଥକ୍ୟ ବା ବୈଚିତ୍ର୍ୟ କାଳେକାଳେ ଲାଗି ରହିଛି । ଆଜିର ସମ୍ବଲପୁରୀ ଉପଭାଷା ଯେ ଦିନେ ମାନକ ଭାଷାରେ ପରିଣତ ନହେବ, ତାହା କେହି କହି-ପାରିବେ ନାହିଁ । କିନ୍ତୁ ଏହା ନିଶ୍ଚିତ ଯେ ଗୋଟାଏ ଭାଷା ଯେତେବେଳେ ଦୁଇଟା ଭାଷା ହୋଇଯାଏ, ସେତେବେଳେ ଗୋଟାଏ ପ୍ରଦେଶ ଦୁଇଟା ପ୍ରଦେଶ ହେବାର ସୂତ୍ର ଆରମ୍ଭ ହୁଏ ।

ଏଠାରେ ସମ୍ବଲପୁରୀ, ଦେଶିଆ ଓ ଭତ୍ରୀ ଉପଭାଷାର କେତେକ ବୈଶିଷ୍ଟ୍ୟ ପ୍ରଦର୍ଶିତ ହେଲା ।

ସମ୍ବଲପୁରୀ ଉପଭାଷା

(୧) ଧ୍ୱନିଗତ ବୈଶିଷ୍ଟ୍ୟ

(କ) ଶବ୍ଦ ଶେଷରେ ଥିବା ଅ ଉଚ୍ଚାରଣରେ ଲୋପ ପାଏ । ଯେପରି ଘର-ଘର୍, ଭାତ-ଭାତ୍, ଜଭ-ଜଭ୍, କାମ-କାମ୍ ।

(ଖ) ଶବ୍ଦ ମଧ୍ୟଗତ ଇ କେତେକ ସ୍ଥଳରେ ଅତି ହ୍ରସ୍ୱ ହୁଏ । ଫଳରେ ସେଠାରେ ଇ ନଥିଲା ଭଳି ଜଣାପଡ଼େ । କରିବ-କର୍ବ, କର୍ମି, ପଡ଼ିବୁ-ପଡ୍ବୁ ।

(ଗ) କେତେକ ସ୍ଥଳରେ ଏ-ଇ ହୁଏ । ଏଠାରେ-ଇଠାରେ, ଏ ସ୍ଥାନେ-ଇଥାନେ ।

Digitized by PPRACHIN, SOA

(ଘ) କେତେକ ସ୍ଥଳରେ ଓ-ଉ ହୁଏ । ଓଠ-ଉଠ, ଓଦା-ଉଦା, ଶୋଇବ-ଶୁଇବ ।

(ଙ) କେତେକ ସ୍ଥଳରେ ପରବର୍ତ୍ତୀ ଇ ପୂର୍ବକୁ ଘୁଞ୍ଚିଆସେ । (ଏହାକୁ 'ଅପିନିହିତି' କୁହାଯାଏ) କାଲି-କାଇଲ୍, ଉଲି-ଉଇଲ୍, ଥାଲି-ଥାଇଲ୍ ।

(ଚ) କେତେକ ସ୍ଥଳରେ ଇ ପୂର୍ବକୁ ଆସି ଏ ହୋଇଯାଏ । ପାନି-ପାଏନ୍, ରାତି-ରାଏତ୍ ।

(ଛ) ଅଳ୍ପ କେତେକ ଶବ୍ଦ ଛଡ଼ା ସର୍ବତ୍ର 'ଣ' ଉଚ୍ଚାରିତ ହୁଏ 'ନ' । ବଣ-ବନ୍, ଜଣ-ଜନ୍ ।

(ଜ) 'ଳ' ସର୍ବତ୍ର 'ଲ' ଉଚ୍ଚାରିତ ହୁଏ ଯେତେବେଳେ-ଯେତେବେଲେ, ତଳ-ତଲ୍ ।

(ଝ) କେତେକ ସ୍ଥଳରେ ଡ଼୍ ହୁଏ ର୍ । ଦଉଡ଼-ଦଉର୍, ମାଙ୍କଡ଼-ମାଙ୍କର୍ ।

(୨) ବିଭକ୍ତିଗତ ବୈଶିଷ୍ଟ୍ୟ

(କ) ୨ୟା/୪ର୍ଥୀରେ 'କେ' ଲାଗେ । ମୋକେ (ମୋତେ), ତୋକେ (ତୋତେ) ।

(ଖ) ୫ମୀରେ ନୁ, ଠାନୁ । ଗଛନୁ (ଗଛରୁ), ରାମଠାନୁ (ରାମଠାରୁ) ।

(ଗ) ୭ମୀରେ ନେ, ଠାନେ । ଗଛନେ (ଗଛରେ), ଇଠାନେ (ଏଠାରେ) ।

(୩) ସର୍ବନାମଗତ ବୈଶିଷ୍ଟ୍ୟ

ମୁଇଁ (ମୁଁ), ତୁଇ (ତୁ), ହେ (ସେ), ଇ (ଏ), ଯେନ୍ (ଯେ), କେନ୍ (କଏ) ।

Digitized by PPRACHIN, SOA

(୪) କ୍ରିୟାଗତ ବୈଶିଷ୍ଟ୍ୟ

କରନ୍ (କରନ୍ତି), କରଛନ୍ (କରୁଛନ୍ତି), କର୍‌ଛୁ (କରୁଛୁ) କର୍‌ଲା (କଲା), କର୍‌ଲ (କଲ), କର୍‌ଥାଇଲା (କରିଥିଲା), କର୍‌ବ (କରିବ), କରବ (କରେ), କର୍‌ନ୍ତ (କରନ୍ତ), କର୍‌ନ୍ତୁ (କରନ୍ତୁ), କର୍‌ଥାଇନ୍ତୁ (କରୁଥାନ୍ତୁ), କର୍‌ଥାଇତା (କରିଥାଆନ୍ତା), ମୁଇଁ କର୍‌ସି (ମୁଁ କରୁଛି), ତୁଇ କର୍‌ସୁ (ତୁଇ କରୁଛୁ), ହେମାନେ କର୍‌ହନ୍ (ସେମାନେ କରୁଛନ୍ତି), କରୁନ୍ (କରନ୍ତୁ), କର୍‌ଲଣ୍ (କରିଲଣି, କଲଣି), ନାଇଁ କରେ (କରେ ନାହିଁ), ନାଇଁ କର୍‌ବ (କରିବ ନାହିଁ), ନାଇଁ କର୍‌ଲେ (କଲେ ନାହିଁ), ନାଇଁ କର୍‌ତା (କରନ୍ତା ନାହିଁ), ନାଇଁ କର୍ (କର ନାହିଁ) ।

(୫) ଶବ୍ଦଗତ ବୈଶିଷ୍ଟ୍ୟ

ଅନେକ ଆଞ୍ଚଳିକ ଶବ୍ଦ ବ୍ୟବହୃତ ହୁଏ । ମାଖନ୍ (ବୋଇତି କଖାରୁ), ଗୁଡ଼ (ମନ୍ଦିର), ଗୁଣ୍ଡି (ଡାଳ), ଥିର୍ (ଭାତମଣ୍ଡ), ପାଖନ୍ (ପଥର), ପରୁ (ଗତବର୍ଷ), କାଗ୍ (କାଠ), ଗୁର୍‌ମେ (ମେଣ୍ଢା), ଗୁରସ୍ (ଗୋ କ୍ଷୀର) ଇତ୍ୟାଦ ।

ଦେଶିଆ ଉପଭାଷା

(୧) ଧ୍ୱନିଗତ ବୈଶିଷ୍ଟ୍ୟ

(କ) ସମ୍ବଲପୁରୀ ଉପଭାଷା ପରି ଏଥିରେ ମଧ୍ୟ 'ଣ' ଏବଂ 'ଳ' ଧ୍ୱନି ନାହିଁ ।

(ଖ) ସାଧାରଣତଃ ମହାପ୍ରାଣ ଧ୍ୱନି (ଖ, ଘ, ଛ, ଝ, ଠ, ଢ, ଥ, ଧ, ଫ, ଭ, ଢ) ଅଳ୍ପପ୍ରାଣ ହୋଇଯାଏ । ଭାତ-ବାନ୍ତ୍, ଅନ୍ଧାର-ଅଁଦାର୍, ଫଳ-ଅଲ୍, ବାଘ-ବାଗ୍ ।

Digitized by PPRACHIN, SOA

(ଗ) ଅନୁନାସିକ ଧ୍ୱନି ଲୋପ—କୁଞ୍ଚ-କୁଚ, ଖଣ୍ଡି-କୁଟି, ମଞ୍ଚା-ମାଚ, ଜନ୍ତା-ଜାତା, କୁର୍ମି-କୁପି, ମୁଣ୍ଡଳ-ମୁଣ୍ଡେ ।

(ଘ) ଅନ୍ତ୍ୟ ବ୍ୟଞ୍ଜନ ଲୋପ—ଘଟ—ଅନ୍, ଚାକେଜ-ଚଜ୍, ଶ୍ମଶାନ-ମସନ୍, ଶ୍ଳେଷ୍ମ—ଲସମ୍ ।

(ଙ) ଘୋଷୀକରଣ—କନ୍ଥା—ଗନ୍ଥା, କଦ୍ଧା—ଗଧ, ଶୃଚ-ସୁଜ, ସଙ୍କଟ—ସାଙ୍ଗଡ, ବେପାର—ବେବାର, ଫାଇଦା—ବାଇଦା । (ବର୍ଗର ୧ମ ଓ ୨ୟ ବର୍ଣ୍ଣ ଯଥାକ୍ରମେ ବର୍ଗର ୩ୟ ଓ ୪ର୍ଥ ବର୍ଣ୍ଣ ହେବାର ନାମ ଘୋଷୀକରଣ । କ—ଗ, ଖ—ଘ, ଚ—ଜ, ଛ—ଝ, ଟ—ଡ଼ ଇତ୍ୟାଦି)

(ଚ) ବର୍ଣ୍ଣ ବିପର୍ଯ୍ୟାସ (ବର୍ଣ୍ଣ ଓଲଟପାଲଟ)—ଗରୁଡ—ରଗୁଡ, ମେଲେଇଆ—ମାଲାଅଇ, ପୋଡ଼ିବା—ଡ଼ପିବା, ରକତ—ରତକା

(ଛ) ଶ, ସ = ଚ —ଶାମୁକା—ଚୁମୁକା, ଶିରା—ଚର୍, ସେକିବା—ଚେଙ୍କବା, ସିମେଣ୍ଟ—ଚମଟି

(ଜ) ଶବ୍ଦର ଅନ୍ତ୍ୟ ଅ ସ୍ୱର ଲୋପ—ଜର—ଜର୍, କାକର—କାକର୍

(ଝ) ଶବ୍ଦ ମଝିରେ 'ଉ' ର ଆଗମ—ଚରା—ଚଉରା, ପିଟି—ପିଉଟି, ସଡ଼ା ସାଉଡ଼ା

(ଞ) ଶବ୍ଦ ମଝିରେ ନାସିକା ଧ୍ୱନିର ଆଗମ—ମୟୂର-ମଁଜୁର ଜୋକ ଜଁକ୍, ପୋହଳା—ପଁଲ, ମୁହ-ମୁଁହ, ସାପ୍-ସାଁପ୍, ଆଖି— ଆଁକ

(୨) ରୂପତତ୍ତ୍ୱଗତ ବୈଶିଷ୍ଟ୍ୟ

୨ୟା/୪ର୍ଥୀ— କେ । ରାମ୍‌କେ (ରାମକୁ)

୩ୟା—ଆଚେ । ରାମର ଆଚେ (ରାମ ଦ୍ୱାରା)

Digitized by PPRACHIN, SOA

୪ର୍ଥୀ— କାଜେ । ରାମର କାଜେ (ରାମ ପାଇଁ)

୫ମୀ — ଉନ, ଠାନୁ । ଗଛ ଉନ (ଗଛରୁ)
ରାମର ଠାନୁ (ରାମ ଠାରୁ)

୭ମୀ— ଇ, ଏ, ଠାନେ, ଲଗେ । ଗାଓଁଇ ଗାଓଁଏ (ଗାଆଁରେ) । ରାମର ଠାନେ, ରାମର ଲଗେ (ରାମଠାରେ)

(୩) ସର୍ବନାମଗତ ବୈଶିଷ୍ଟ୍ୟ

ହେ (ସେ), କୋନ୍ (କିଏ), ଜୋନ୍ (ଯେ), ମୁଇଁ (ମୁଁ), ତୁଇ (ତୁ)

(୪) କ୍ରିୟାଗତ ବୈଶିଷ୍ଟ୍ୟ

ନମୁନା ସ୍ୱରୂପ 'କା' (ମାନକ ଓଡ଼ିଆ ଖା) ଧାତୁର କେତେକ ରୂପ—

ତୁ କାଇଲୁସ୍ (ତୁ ଖାଇଲୁ), ହେମନ୍ କାଇଲସ୍ (ସେମାନେ ଖାଇଲେ), ତୁ କାଇସୁ (ତୁ ଖାଇବୁ), ତମେମନ୍ କାଇଲ (ତୁମେମାନେ ଖାଇଲ), ମୁଇଁ କାଇନ୍ତି (ମୁଁ ଖାଆନ୍ତି), ଆମେମନ୍ କାଇତୁ (ଆମ୍ଭେମାନେ ଖାଆନ୍ତୁ), ତୁଇ କାଇତୁସ୍ (ତୁ ଖାଆନ୍ତୁ) ତମେମନ୍ କାଇଟାସ୍ (ତୁମେମାନେ ଖାଆନ୍ତ), ସେ କାଇଥା (ସେ ଖାଆନ୍ତା), ହେମନ୍ କାଇଥାସ୍ (ସେମାନେ ଖାଆନ୍ତେ), ମୁଇଁ କାଇଥେ ରଇଲି (ମୁଁ ଖାଉଥିଲି), ଅମେମନ୍ କାଇଥେ ରଇଲୁ (ଆମେମାନେ ଖାଉଥିଲୁ), ତୁଇ କାଇଥେ ରଇଲୁସ୍ (ତୁ ଖାଉଥିଲୁ), ତମେମନ୍ କାଇଥେ ରଇଲସ୍ (ତୁମେମାନେ ଖାଉଥିଲ), ମୁଇଁ କାଇ ରଇଲି (ମୁଁ ଖାଇଥିଲି), ଅମେମନ୍

Digitized by PPRACHIN, SOA

କାଉରଉଲ୍ (ଆମେମାନେ ଖାଇଥିଲୁଁ), ମୁଇଁ କାଇଟେ ରଉବ (ମୁଁ ଖାଉଥିବ), ଆମେମନ୍ କାଇଟେ ରଇବୁ (ଆମେମାନେ ଖାଉଥିବୁ), ମୁଇଁ କାଇ ରଇବ (ମୁଁ ଖାଇଥିବ), ଆମେମନ୍ କାଇ ରଇବୁ (ଆମେମାନେ ଖାଇଥିବୁଁ), ମୁଇଁ କାଇଟେ ରଇନ୍ତି (ମୁଁ ଖାଉଥାନ୍ତି), ଆମେମନ୍ କାଇଟେ ରଇନ୍ତୁ (ଆମେମାନେ ଖାଉଥାନ୍ତୁ), ମୁଇଁ କାଇ ରଇନ୍ତି (ମୁଁ ଖାଇଥାନ୍ତି), ଆମେମନ୍ କାଇ ରଇନ୍ତୁ (ଆମେମାନେ ଖାଇଥାନ୍ତୁ), ମୁଇଁ କାଇସି ଆଚି (ମୁଁ ଖାଉଅଛି), ଆମେମନ୍ କାଇସୁ ଆଚୁ (ଆମେମାନେ ଖାଉଅଛୁଁ), ତୁଇ କାଇସି ଆଚୁସ୍ (ତୁ ଖାଉଅଛୁ), ତମେମନ୍ କାଇସୁ ଆଚୁସ୍ (ତୁମେମାନେ ଖାଉଅଛ), ସେ କାଇସି ଅଚେ (ସେ ଖାଉଅଛି), ସେମନ୍ କାଇସି ଆଚେ (ସେମାନେ ଖାଉଛନ୍ତି), ମୁଇଁ କାଇଆଚି (ମୁଁ ଖାଇଅଛି), ଆମେମନ୍ କାଇଆଚୁ (ଆମେମାନେ ଖାଇଅଛୁଁ), ତୁଇ କାଇ ଅଚୁସ୍ (ତୁ ଖାଇଅଛୁ), ତମେମନ୍ କାଇ ଆଚୁସ୍ (ତୁମେମାନେ ଖାଇଅଛ), ସେ କାଇଆଚେ (ସେ ଖାଇଅଛି), ସେମନ୍ କାଇଆଚେ (ସେମାନେ ଖାଇଛନ୍ତି) ଇତ୍ୟାଦ ।

(୫) ଶବ୍ଦଗତ ବୈଶିଷ୍ଟ୍ୟ—

ଦେଶିଆ ଉପଭାଷାରେ ଅନେକ ଆଞ୍ଚଳିକ ଶବ୍ଦ ରହିଛି, ଯାହାକି ମାନକ ଓଡ଼ିଆରେ ଅପ୍ରଚଳିତ ।

ଅଜା—ଅଭ୍ୟାସ, ଅଡଗି—ଗର୍ଜନ, ଅଡୁ—ଗୁମ୍ପା, ଇଲ-ଦାଆ, ଝଜା ଡାହାଣ, ଓଠାନ—ରଥ, କଚ—ଚେଗୁ, କଠାର—ଖଜା, କପୁରି—କଦ୍ରୁଣିଗଣ୍ଡି, କଲିଆ—ଶିଆଳ, କଟରା—ଅଳିଆ, କାଜ— କୁଣ୍ଡିଆ, କାଡ଼ା—ଠେକୁଆ, ଗଡ—କୁଣିଆଁ, ଗାଡରା-ଛେଳି, ଗୁନଗୁଟି-ମଶା, ଗୁଚଡ଼-ଛତା ଇତ୍ୟାଦ ।

Digitized by PPRACHIN, SOA

ଭତ୍ରୀ ଉପଭାଷା

ମଧ୍ୟପ୍ରଦେଶର ବସ୍ତର ଜିଲ୍ଲାରେ ଏବଂ ଓଡ଼ିଶାର କୋରାପୁଟ ଜିଲ୍ଲାରେ ଭତ୍ରା ଜାତିର ଲୋକେ ବାସ କରନ୍ତି । ଭତ୍ରୀ ସେମାନଙ୍କର ଭାଷା । ଏହି ଭାଷା ଛତିଶଗଡ଼ୀ, ମରାଠୀ, ତେଲୁଗୁ ଓ ଆଦିବାସୀ ଭାଷାଦ୍ୱାରା ପ୍ରଭାବିତ ହୋଇ ଷ୍ଟାଣ୍ଡାର୍ଡ ଓଡ଼ିଆଠାରୁ ପୃଥକ୍ ହୋଇଯାଇଛି ।

(୧) ଧ୍ୱନିଗତ ବୈଶିଷ୍ଟ୍ୟ—

କ) ଏହାର ପ୍ରଧାନ ବୈଶିଷ୍ଟ୍ୟ ହେଉଛି ମହାପ୍ରାଣ ଧ୍ୱନି ଓ ହ ଧ୍ୱନିର ଅଭାବ । ମହାପ୍ରାଣ ହୋଇଯାଇଛି ଅଳ୍ପପ୍ରାଣ ଏବଂ ହ ହୋଇଯାଇଛି ସ୍ୱର । ଯଥା— ଗର୍ (ଘର), ରକ୍ଦ (ରଖିବ), ଆଠ୍ (ଆଠ), କଁକାରୁ (କଖାରୁ), ଆଚେ (ଅଛି), ଆଟେ (ହାଟେ), ଉଡ଼ବା (ବୁଡ଼ବା), ଆଠ୍ (ହାଟ) ।

ଖ) ଣ, ଳ ଧ୍ୱନି ନାହିଁ । ଏ ଦୁଇଟି ସ୍ଥାନରେ ଯଥାକ୍ରମେ ନ ଏବଂ ଲ ହୁଏ ।

ଗ) ସଂଯୁକ୍ତ ଧ୍ୱନି ପ୍ରାୟ ବଶ୍ଳିଷ୍ଟ (ପୃଥକ୍) ରୂପେ ଉଚ୍ଚାରିତ ହୁଏ । ସତ୍ରମ୍ (ସତ୍/ରମ୍-ସମତଳ) ଉକ୍ରା ଉକ୍/ରା–ବୁଢ଼ା), ବେବ୍ରାଆ (ବେବ /ରଆ–ବେପାର)

ଘ) ଶବ୍ଦର ମୂଳରେ ଯୁକ୍ତବର୍ଣ୍ଣ ଆଦୌ ରହେ ନାହିଁ ।

ଙ) 'ଙ' ଶବ୍ଦର ଶେଷ ଭାଗରେ ପ୍ରଯୁକ୍ତ ହୋଇ ।
ରଙ୍ଗ–ରଙ୍, ଶିଙ୍ଗ-ଶିଙ୍ ।

(୨) ବିଭକ୍ତିଗତ ବୈଶିଷ୍ଟ୍ୟ—

୨ୟା/୦ର୍ଥୀ—କେ

୩ୟା—ସଙ୍ଗେ, ଆଚେ (ଦ୍ୱାରା)

Digitized by PPRACHIN, SOA

୫ମୀ—ନୁ, ଠାନୁ, ଠାନୁନୁ (ରୁ, ଠାରୁ)
୭ମୀ—ନେ, ଥିନେ, ଠାନେ (ରେ, ଠାରେ)

୩— ସର୍ବନାମଗତ ବୈଶିଷ୍ଟ୍ୟ—

ମୁଇଁ (ମୁଁ), ତୁଇ (ତୁ), ସେଇଠା (ସେଠା), ହେମନ୍ (ସେମାନେ)।

୪— କ୍ରିୟାଗତ ବୈଶିଷ୍ଟ୍ୟ—

ଧାତୁ 'କା' (ଖା)ର କେତେକ ନମୁନା—

ସାଧାରଣ ଭବିଷ୍ୟତ କାଳ— ଖାଇବ ପ୍ରଭୃତି

	୧ମ ପୁରୁଷ	୨ୟ ପୁରୁଷ	୩ୟ ପୁରୁଷ
ଏକବଚନ	କାଇବି	କାଇବୁସ୍	କାଇସି
ବହୁବଚନ	କାଇବୁ	କାଇବାସ୍	କାଇବାଇ

ଅସମ୍ପନ୍ନ ଭବିଷ୍ୟତ କାଳ— ଖାଉଥିବ ପ୍ରଭୃତି

କାଇତରେବି	କାଇତରେବୁସ୍	କାଇତରେସି
କାଇତରେବୁ	କାଇତରେବାସ୍	କାଇତରେବାଇ

ସମ୍ପନ୍ନ ଭବିଷ୍ୟତ— ଖାଇଥିବ ପ୍ରଭୃତି

କାଇରେବି	କାଇରେବୁସ୍	କାଇରେସି
କାଇରେବୁ	କାଇରେବାସ୍	କାଇରେବାଇ

ସାଧାରଣ ଅତୀତ— ଖାଇଲି ପ୍ରଭୃତି

କାଇଲି	କାଇଲୁସ୍	କାଇଲା
କାଇଲୁ	କାଇଲାସ୍	କାଇଲାଇ

ଅସମ୍ପନ୍ନ ଅତୀତ— ଖାଉଥିଲି ପ୍ରଭୃତି

କାଇତରେଲି	କାଇତରେଲୁସ୍	କାଇତରେଲା
କାଇତରେଲୁ	କାଇତରେଲାସ	କାଇତରେଲାଇ

Digitized by PPRACHIN, SOA

ସମ୍ପନ୍ନ ଅତୀତ— ଖାଉଥିଲା ପ୍ରଭୃତି

କାଇରେଲି	କାଇରେଲୁମ୍	କାଇରେନି
କାଇରେଲ୍	କାଇରେଲାସ୍	କାଇରେଲାଇ

ସାଧାରଣ ସମ୍ଭାବ୍ୟ— ଖାଆନ୍ତି, ଖାଆନ୍ତା ପ୍ରଭୃତି

କାଇତି	କାଇତୁସ୍	କାଇତା
କାଇତୁ	କାଇତାସ୍	କାଇତାଇ

ଅସମ୍ପନ୍ନ ବର୍ତ୍ତମାନ— ଖାଉଛି ପ୍ରଭୃତି

କାଇବଚେ	କାଇବୁସ୍ ଚେ	କାଇସିଚେ
କାଇବୁଚେ	କାଇବାସ୍ ଚେ	କାଇବାଇଚେ

ଭତ୍ରୀ ଉପଭାଷାର ସବୁଠାରୁ ବଡ଼ ବୈଶିଷ୍ଟ୍ୟ ହେଉଛି ଏଥିରେ ସାଧାରଣ ବର୍ତ୍ତମାନ କାଳର ରୂପ ଯଥା— ମୁଁ ଖାଏଁ, ଆମେ ଖାଉଁ, ତୁ ଖାଉ, ତୁମେ ଖାଅ, ସେ ଖାଏ, ସେମାନେ ଖାଆନ୍ତି— ଏହି ଶ୍ରେଣୀର ରୂପ ନାହିଁ । ସାଧାରଣ ଭବିଷ୍ୟତ କାଳର ରୂପଦ୍ୱାରା ସାଧାରଣ ବର୍ତ୍ତମାନ କାଳ ଅଭିବ୍ୟକ୍ତ ହୁଏ ।

ନାସ୍ତିବାଚକ କ୍ରିୟାରେ 'ନାଇଁ' ପୂର୍ବରେ ଲାଗେ ଏବଂ ଯୌଗିକ କ୍ରିୟାମାନଙ୍କରେ ଏହା ସହକାରୀ କ୍ରିୟାର ପୂର୍ବରେ ଲାଗେ । ଯଥା— ନାଇଁ କ ବ (ଖାଇବ ନାହିଁ, ଖାଏ ନାହିଁ) କାଇତ ନା ରେଲା (ଖାଉନଥିଲା) ।

ଖ— ଶବ୍ଦଗତ ବୈଶିଷ୍ଟ୍ୟ—

ଭତ୍ରୀରେ ବହୁ ଆଞ୍ଚଳିକ ଶବ୍ଦ ରହିଛି, ଯାହାକି ମାନକ ଓଡ଼ିଆରେ ଅପ୍ରଚଳିତ ।

ବାଙ୍ଗା (ବାଇଗଣ), ଅଗ୍‌ମି (ପ୍ରସୂତି), ଡ଼ଣ୍ଡା (ଆଖୁ), ଅଦାଲବା (ଭାତ ରାନ୍ଧିବା), କାଚ୍‌ନା (ବାଲ୍‌ତି), ଜବୁଲ୍ (ନାଳ), କମନଆ

Digitized by PPRACHIN, SOA

(ଜମିଥିବା ଲୋକ), ବୁଢ଼ (ମୂଳ), ଗାର୍ (ଗୁମ୍ଫା,) ବକ୍ (ଢ଼ଙ୍କା), ଇତ୍ୟାଦି । *

—o—

ପ୍ରାଚୀନ ଓଡ଼ିଆ ଭାଷା

ଓଡ଼ିଆ ଭାଷା ଭାରତୀୟ ଆର୍ଯ୍ୟ ଭାଷାର ଏକ ଅଂଶ । ଭାରତୀୟ ଆର୍ଯ୍ୟ ଭାଷା କାଳଦୃଷ୍ଟିରୁ ତିନ ସ୍ତରରେ ବିଭାଜ୍ୟ— ପ୍ରାଚୀନ ଭାରତୀୟ ଆର୍ଯ୍ୟ ଭାଷା, ମଧ୍ୟ ଭାରତୀୟ ଆର୍ଯ୍ୟ ଭାଷା ଓ ନବୀନ ଭାରତୀୟ ଆର୍ଯ୍ୟ ଭାଷା । ପ୍ରା. ଭା. ଆ. କେଉଁ ପ୍ରାଗୈତି-ହାସିକ କାଳରୁ ଖ୍ରୀ. ପୂ. ୬ଷ୍ଠ ଶତାବ୍ଦୀ ପର୍ଯ୍ୟନ୍ତ ଏବଂ ମ. ଭା. ଆ. ଖ୍ରୀ. ପୂ. ୬ଷ୍ଠ ଶତାବ୍ଦୀରୁ ଖ୍ରୀ. ଅ ୧୦ମ ଶତାବ୍ଦୀ ପର୍ଯ୍ୟନ୍ତ ଥିଲା । ଖ୍ରୀ. ଅ. ୧୦ମ ଶତାବ୍ଦୀରୁ ନ. ଭା. ଆ. ର ବିକାଶ ଘଟିଅଛି ।

ପ୍ରା. ଭା. ଆ. ରେ ବିପୁଳ ସାହିତ୍ୟ ଲିପିବଦ୍ଧ ହୋଇ ରହିଛି । ବେଦ, ବ୍ରାହ୍ମଣ, ଉପନିଷଦ, ସୂତ୍ର ପ୍ରଭୃତି ବୈଦିକ ସାହିତ୍ୟ ଏବଂ ବିପୁଳ ସଂସ୍କୃତ ସାହିତ୍ୟ ପ୍ରା. ଭା. ଆ. ରେ ଲିଖିତ । ମ. ଭା. ଆ ରେ ବହୁ ଶିଳାଲେଖ, ବୌଦ୍ଧ ଓ ଜୈନ ଧର୍ମଶାସ୍ତ୍ର, କାବ୍ୟ ନାଟକାଦି ରହିଛି । ମ. ଭା. ଆ. ର ଅନ୍ତ୍ୟ ସ୍ତରର ନାମ ପଡ଼ିଛି 'ଅପଭ୍ରଂଶ' । ସମସ୍ତ ଅଞ୍ଚଳରେ ଅପଭ୍ରଂଶର ଯେ ସମାନ ରୂପ ଥିଲା, ତାହା ନୁହେଁ । ଭାରତର ପୂର୍ବ, ଦକ୍ଷିଣ, ଉତ୍ତର ଦକ୍ଷିଣ, ଦକ୍ଷିଣ-ପଶ୍ଚିମ, ଉତ୍ତର-ପଶ୍ଚିମ, ଉତ୍ତର-ପୂର୍ବ, ମଧ୍ୟ ପ୍ରଭୃତି ଅଞ୍ଚଳରେ ଅପଭ୍ରଂଶର ଅର୍ଥାତ୍ ତତ୍କାଳୀନ କଥିତ ଆର୍ଯ୍ୟ ଭାଷାର ରୂପ ଭିନ୍ନ ପ୍ରକାର ଥିଲା । ପୂର୍ବାଞ୍ଚଳର ଅପଭ୍ରଂଶକୁ ମାଗଧୀ ଅପଭ୍ରଂଶ କୁହାଯାଏ । ଓଡ଼ିଆ, ବଙ୍ଗଳା, ଅସମିୟା, ଭୋଜପୁରୀ, ମୈଥିଳୀ ଓ ମଗହି—ଏହି ଛଅଟି ପୂର୍ବାଞ୍ଚଳୀୟ ଭାଷା ମାଗଧୀ ଅପଭ୍ରଂଶରୁ ବିକଶିତ ହୋଇଅଛି । ବଜ୍ରଯାନ ସିଦ୍ଧାଚାର୍ଯ୍ୟମାନଙ୍କ ରଚିତ ଯେଉଁ ଚର୍ଯ୍ୟାଗୀତିକାଗୁଡ଼ିକ ରହିଛି, ସେଗୁଡ଼ିକର ଭାଷା ମାଗଧୀ ଅପଭ୍ରଂଶ ।

---

*ଦେଶିଆ ଓ ଭତ୍ରୀ ଉପଭାଷାର ବିଧିବଦ୍ଧ ଅଧ୍ୟୟନ ନିମନ୍ତେ ଡକ୍ଟର ଖଗେଶ୍ୱର ମହାପାତ୍ରଙ୍କ 'ଦକ୍ଷିଣାଞ୍ଚଳୀୟ ଓଡ଼ିଆ' ପୁସ୍ତକ ଦ୍ରଷ୍ଟବ୍ୟ ।

Digitized by PPRACHIN, SOA

ଓଡ଼ିଆ ଭାଷା ମାଗଧୀ ଅପଭ୍ରଂଶରୁ ବିକଶିତ ହୋଇଥିବା ଏକ ନବ୍ୟ ଭାରତୀୟ ଆର୍ଯ୍ୟ ଭାଷା । ଏହାର ପ୍ରାଚୀନତମ ନମୁନା ଏକାଦଶ, ଦ୍ୱାଦଶ ଶତାବ୍ଦୀର ଶିଳାଲେଖମାନଙ୍କରେ ଦେଖିବାକୁ ମିଳେ । ଚତୁର୍ଦ୍ଦଶ ଶତାବ୍ଦୀ ବେଳକୁ ଏହା ଯଥାର୍ଥ ସାହିତ୍ୟର ମାଧ୍ୟମ ହୋଇପାରିଥିଲା । ପ୍ରାଚୀନ ଓଡ଼ିଆ ଭାଷାରେ ପ୍ରଥମ ଶିଳା-ଲେଖଟି ଶ୍ରୀକାକୋଳ ଜିଲ୍ଲାର ଉରଜାମ୍ ଗ୍ରାମରୁ ମିଳିଛି । ଏକା-ଦଶରୁ ଷୋଡ଼ଶ ଶତାବ୍ଦୀ ମଧ୍ୟରେ ଲିଖିତ ଅଭିଲେଖ ଗୁଡ଼ିକରେ ପ୍ରାଚୀନ ଓଡ଼ିଆ ଭାଷାର ନମୁନା ସଂରକ୍ଷିତ ହୋଇ ରହିଛି ।

ଓଡ଼ିଆ ଭାଷାରେ ପ୍ରଥମ ଯଥାର୍ଥ ସାହିତ୍ୟ ହେଉଛି ସାରଳା-ମହାଭାରତ । ଏହାର ଅନ୍ୟ କୌଣସି ଉପାଦେୟତା ସ୍ୱୀକୃତ ହେଉ ବା ନ ହେଉ, ଓଡ଼ିଆ ଭାଷାର ପ୍ରାଚୀନ ନମୁନା ବହନ କରିଥିବା ସାହିତ୍ୟ ହିସାବରେ ଏହା ଚିରଦିନ ଗୁରୁତ୍ୱପୂର୍ଣ୍ଣ ହୋଇ ରହିବ । ରୁଦ୍ରସୁଧାନିଧି ପ୍ରାଚୀନ ଭାଷାରେ ଲିଖିତ ବୋଲି କେହି କେହି କହନ୍ତି । କିନ୍ତୁ ପ୍ରକୃତରେ ସାରଳା-ମହାଭାରତ ପରି ଏଥିରେ ଏତେ ପ୍ରାଚୀନତା ନାହିଁ ।

ମାଦଳା ପାଞ୍ଜି ମଧ୍ୟ ପ୍ରାଚୀନ ଓଡ଼ିଆର ନିଦର୍ଶନ । ଅବଶ୍ୟ ଏହାର ରଚନାକାଳ-ଆରମ୍ଭ ବିଷୟରେ ମତାନ୍ତରମାନ ରହିଛି । ବିଭିନ୍ନ ଆଲୋଚକ ଏହାର ଆରମ୍ଭକାଳକୁ ଦଶମରୁ ସପ୍ତଦଶ ଶତାବ୍ଦୀ ମଧ୍ୟରେ ରଖନ୍ତି । ଯେ ଯାହାହେଉ, ମାଦଳାପାଞ୍ଜି ଯେ ପ୍ରାଚୀନ ଓଡ଼ିଆର ବହୁ ନମୁନା ବହନ କରିଛି, ଏଥିରେ ସନ୍ଦେହ ନାହିଁ । ଗଜପତି ମହାରାଜାମାନଙ୍କର ଶାସନ ସମ୍ବନ୍ଧ ବିବରଣୀ, ଶ୍ରୀଜଗନ୍ନାଥ ମନ୍ଦିରର ସେବାପୂଜାଦି ବିବରଣୀ ଏଥିରେ ଲିପିବଦ୍ଧ ହୋଇ ରହିଛି ।

ବିଭକ୍ତିଚିହ୍ନ, କ୍ରିୟା, ସର୍ବନାମ, ଶବ୍ଦାବଳୀ ପ୍ରଭୃତି ବିଭିନ୍ନ ଦୃଷ୍ଟିକୋଣରୁ ପ୍ରାଚୀନ ଓଡ଼ିଆର ସ୍ୱରୂପ ସ୍ପଷ୍ଟ ଜାଣିହୁଏ ।

Digitized by PPRACHIN, SOA

୨ୟା/୪ର୍ଥୀ ଚିହ୍ନ ରୂପେ କୁଇ, କୁଇଂ, କଇ, କଇଂ, କୈ, କୈଂ, କେ, କେଂ, ନ୍ତ, ନ୍ତୁ— ଏଗୁଡ଼ିକର ବ୍ୟବହାର ଥିଲା । ବର୍ତ୍ତମାନ ଓଡ଼ିଆରେ 'କ୍' ଧ୍ୱନି ମୂଳରେ ଥାଇ ୨ୟା/୪ର୍ଥୀ ଚିହ୍ନ ହେଉଛି କେବଳ କୁ ଏବଂ କ । ନ୍ତ ଏବଂ ନ୍ତୁ ମଧ୍ୟଯୁଗୀୟ ଓଡ଼ିଆରେ ଖୁବ୍ କମ୍ ବ୍ୟବହୃତ ହୋଇଛି । ବର୍ତ୍ତମାନ ଏହା ସମ୍ପୂର୍ଣ୍ଣ ବିଲୁପ୍ତ । ଅସମିୟା ଭାଷାରେ ବର୍ତ୍ତମାନ ପ୍ରଥମାଚିହ୍ନ ରୂପେ 'ହାଁତ୍' ପ୍ରତ୍ୟୟ ଅଛି । ଓଡ଼ିଆ ବିଭକ୍ତି ନ୍ତ, ନ୍ତୁ, ଏବଂ ଅସମିୟା ହାଁନ୍ତ୍ ସମ୍ଭବତଃ ଏକ ଉତ୍ସରୁ ଉତ୍ପନ୍ନ ।

୩ୟା/୭ମୀରେ ପ୍ରାଚୀନ ଓଡ଼ିଆର ବୈଶିଷ୍ଟ୍ୟ ହେଉଛି ଏଂ, ଏଁ, ରେଣ । ୭ମୀରେ ଇ ଏବଂ ହି, ଯେପରି— ହସ୍ତରେଣ (ହସ୍ତଦ୍ୱାରା), ଘାଟଇ (ଘାଟରେ) । ବିଭକ୍ତି କ୍ଷେତ୍ରରେ ଗୋଟିଏ ବଡ଼ ବୈଶିଷ୍ଟ୍ୟ ଯେ ସ୍ୱର— ବିଭକ୍ତିଗୁଡ଼ିକ ବିଶ୍ଳିଷ୍ଟ ଆକାରରେ ମଧ୍ୟ ଥିଲା । ଯେପରି— ବଷଞ୍ଁ (ବର୍ଷଁ) ଭଣ୍ଡାରଇ (ଭଣ୍ଡାରରେ) । ଏଗୁଡ଼ିକ କ୍ରମେ ସଂଶ୍ଳିଷ୍ଟ ହୋଇଅଛି ।

କ୍ରିୟା କ୍ଷେତ୍ରରେ ମଧ୍ୟ ଅନେକ ବୈଶିଷ୍ଟ୍ୟ ଲକ୍ଷଣୀୟ । ଅନୁଜ୍ଞା ଭାବ ଏବଂ ଅତୀତ କାଳରେ 'ସି' ପ୍ରତ୍ୟୟ ଲାଗୁଥିଲା । ଯଥା-- କରସି, କହସି, କଲ୍ସି, ଦେଲ୍ସି ଇତ୍ୟାଦି । ଅତୀତ କାଳ ତୃତୀୟ ପୁରୁଷ କ୍ରିୟାରେ 'କ' ପ୍ରତ୍ୟୟ ଲାଗୁଥିଲା । ଯେପରି— କଲକ, ଚଳିଲକ ।

ସର୍ବନାମରେ ବହୁବଚନ ଚିହ୍ନ 'ମାନ'ର ବିଶେଷ ବ୍ୟବହାର ଦେଖାଯାଏ ନାହିଁ । ବର୍ତ୍ତମାନ ଯେପରି ସେମାନଙ୍କର, ସେମାନଙ୍କଠାରେ— ଏପରି ପ୍ରୟୋଗ ପ୍ରଚଳିତ, ପ୍ରାଚୀନ ଓଡ଼ିଆରେ ତାହାଙ୍କର, ତାହାଙ୍କଠାରେ— ଏପରି ପ୍ରଚଳିତ ଥିଲା ଅର୍ଥାତ୍ ବର୍ତ୍ତମାନର ସମ୍ମାନସୂଚକ ଏକବଚନ ସେତେବେଳେ ବହୁବଚନ ଥିଲା ।

Digitized by PPRACHIN, SOA

ଅନ୍ୟ ଏକ ବୈଶିଷ୍ଟ୍ୟ ହେଉଛି, ବର୍ତ୍ତମାନ ପଢ଼ାଯାଏ, ପଢ଼ାଗଲା, ପଢ଼ାଯିବ—ଏଭଳି ରୂପରେ ଯେଉଁସବୁ କର୍ମବାଚ୍ୟକ୍ରିୟା ବ୍ୟବହୃତ, ପ୍ରାଚୀନ ଓଡ଼ିଆରେ ଏଭଳି ରୂପ ବିଶେଷ ନଥିଲା । ସେତେବେଳେ କ୍ରିୟାବାଚକ ବିଶେଷ୍ୟ କର୍ମବାଚ୍ୟକ୍ରିୟାର ମୁଖ୍ୟ ଅଂଶ ଥିଲା । ଯେପରି— କହଣ ନଯାଇ (କୁହାଯାଇ ନପାରେ) ଗଢ଼ଣ ହେଲା (ଗଢ଼ା ହେଲା) ।

ଶବ୍ଦାବଳୀ କ୍ଷେତ୍ରରେ ପ୍ରାଚୀନ ଓଡ଼ିଆ ବୈଶିଷ୍ଟ୍ୟପୂର୍ଣ୍ଣ । ଅଏଁଳା, ଅଗାଦ, ଅନ୍ତଅନ୍ତ, ଅନର୍ମିତ୍ର, ଅନରଯାପି, ଅନ୍ତ୍ରଧାପ୍ୟେ, ଅନ୍ୟାସ୍ବର, ଅପଛର, ଅମନାତ୍ୟ, ଅମାବଇ, ଅଲେକତ, ଆହୋଞ୍ଚିତ, ଆଟଞ୍ଚାବନ, ଉସତ, କରଡ଼ାର, କସ୍ତୋର, କାମେମା, କୁଳାଣ୍ଡ, କୋଧ (କ୍ରୋଧ), ଖରୁଷାଣି, ଗାଙ୍ଗେବ, ଗୋପ୍ୟାନ, ଗୋସାମଣି, ଗୈଖାର, ଛପୁଟେଣାଇ, ଝାଞ୍ଜକାର, ଡାଣ୍ଡ୍ରେଚ, ଥୁର୍ପି, ଦାରେଣୀ, ଦୁବପଦ, ଦେଶାଜରି, ପଳଣି, ପାତେକ, ପ୍ରାକର୍ମ ବୈକୁଳ୍ୟ, ବହନି, ବାପୁଂଣି, ଭୂଦାଥଙ୍କ, ବିହଙ୍ଗ, ମପୁାଣ, ରପେୁଣି, ମଠପୁଳି, ପେୁଧାନ୍ତ, ଲଛୀ, ଶପୁଳ, ଶ୍ରାଦ୍ଧ, ଶ୍ରୋଣି, ସମ୍ବନ, ସାତୁକ୍ୟ, ସାହେର, ହାଦେ ପ୍ରଭୃତି ଶବ୍ଦ ପ୍ରାଚୀନ ଓଡ଼ିଆ ସାହିତ୍ୟରେ ପରିଦୃଷ୍ଟ ହୁଏ ।

—o—

ଓଡ଼ିଆ ଲିପି

ଅଶୋକଙ୍କ ସମୟରେ ଭାରତରେ ଦୁଇପ୍ରକାର ଲିପି ପ୍ରଚଳିତ ଥିଲା— ବ୍ରାହ୍ମୀ ଓ ଖରୋଷ୍ଠୀ । ଅଶୋକଙ୍କ ଅନୁଶାସନଗୁଡ଼ିକ ମଧ୍ୟରୁ କେତେକ ବ୍ରାହ୍ମୀ ଲିପିରେ ଓ ଆଉ କେତେକ ଖରୋଷ୍ଠୀ ଲିପିରେ ଲିଖିତ । ଖରୋଷ୍ଠୀ ଭାରତୀୟ ଲିପି ହୋଇନଥିବାରୁ ତାହା କ୍ରମଶଃ ପରିତ୍ୟକ୍ତ ହେଲା । ବ୍ରାହ୍ମୀ ଭାରତୀୟ

Digitized by PPRACHIN, SOA

ଲିପି ହୋଇଥିବାରୁ କ୍ରମଶଃ ପ୍ରସାର ଲାଭ କଲା । ବର୍ତ୍ତମାନ ଯେତେ ଉତ୍ତର-ଭାରତୀୟ ଆର୍ଯ୍ୟ ଭାଷାର ଲିପି, ସେ ସମସ୍ତ ବ୍ରାହ୍ମୀ ଲିପିରୁ ଉତ୍ପନ୍ନ ।

ଯେଉଁ ଅାକୃତିର ବ୍ରାହ୍ମୀ ଲିପି ମୌର୍ଯ୍ୟ ସମ୍ରାଟମାନଙ୍କ ରାଜତ୍ୱ କାଳରେ ଥିଲା, କୁଶାଣ ସମ୍ରାଟମାନଙ୍କ ରାଜତ୍ୱ କାଳ ବେଳକୁ ତାହା କ୍ରମଶଃ ବଦଳି ଯାଇଥିଲା । ତେଣୁ ମୌର୍ଯ୍ୟଖୋଦିତ ଶିଳାଲେଖ-ମାନଙ୍କର ବ୍ରାହ୍ମୀ ଲିପିଠାରୁ କୁଶାଣଖୋଦିତ ଶିଳାଲେଖମାନଙ୍କର ବ୍ରାହ୍ମୀଲିପି କିଞ୍ଚିତ୍ ପୃଥକ୍ ହୋଇଥିବାର ଲକ୍ଷ୍ୟ କରଯାଏ । ଆମ ଓଡ଼ିଶାରେ ଭୁବନେଶ୍ୱର ନିକଟବର୍ତ୍ତୀ ଧଉଳି ପାହାଡ଼ରେ ଏବଂ ଗଞ୍ଜାମ ଜିଲ୍ଲାର ଜଉଗଡ଼ରେ ଥିବା ଅଶୋକଙ୍କ ଅନୁଶାସନ–ଶିଳାଲେଖ ବ୍ରାହ୍ମୀ ଲିପିରେ ଲିଖିତ । ବାଲେଶ୍ୱର ଜିଲ୍ଲାର ଭଦ୍ରକରୁ ପ୍ରାପ୍ତ ମହାରାଜ ଗଣଙ୍କର ରାଜତ୍ୱ କାଳରେ ଖୋଦିତ ଶିଳାଲେଖର ଲିପି କୁଶାଣ ବ୍ରାହ୍ମୀ । ଭୁବନେଶ୍ୱରର ନିକଟବର୍ତ୍ତୀ ଉଦୟଗିରିରେ ଖୋଦିତ ସମ୍ରାଟ୍ ଖାରବେଳଙ୍କ ଶିଳାଲେଖ ମୌର୍ଯ୍ୟ ବ୍ରାହ୍ମୀ ଓ କୁଶାଣ ବ୍ରାହ୍ମୀ, ଉଭୟ ମଧ୍ୟସ୍ଥାୟୀ ଲିପିରେ ଲିଖିତ ।

କୁଶାଣମାନଙ୍କ ପରେ ଭାରତରେ ଗୁପ୍ତସାମ୍ରାଜ୍ୟ ପ୍ରତିଷ୍ଠିତ ହେଲା ଓ ତାହା ପ୍ରାୟ ୭ମ ଶତାବ୍ଦୀ ପର୍ଯ୍ୟନ୍ତ ରହିଲା । ଏହି ସମୟ ମଧ୍ୟରେ ଯେଉଁ ସମସ୍ତ ଶିଳାଲେଖ ବା ତାମ୍ରଲେଖ ଖୋଦିତ ହୋଇଅଛି, ସେଗୁଡ଼ିକରେ ବ୍ରାହ୍ମୀଲିପିର ପରବର୍ତ୍ତୀ ବିକାଶ ଲକ୍ଷିତ ହୁଏ । ତେଣୁ ଏହି ସମୟର ଲିପିକୁ ଗୁପ୍ତଲିପି କୁହାଯାଏ । ଓଡ଼ିଶାରେ ଗୁପ୍ତଲିପିରେ ଲିଖିତ କେତେକ ତାମ୍ରପତ୍ର ଆବିଷ୍କୃତ ହୋଇଛି । କଳାହାଣ୍ଡିରୁ ପ୍ରାପ୍ତ ମହାରାଜ ତୁଷ୍ଟିକରଙ୍କ ତାମ୍ରପତ୍ର, ବାଲେଶ୍ୱର ଜିଲ୍ଲାରସୋରରୁ ପ୍ରାପ୍ତ ମହାରାଜ ଶମ୍ଭୁଯଶଙ୍କ ତାମ୍ରପତ୍ର,

Digitized by PPRACHIN, SOA

ପୁରୀ ଜିଲ୍ଲାର ଜଣାସ ଗ୍ରାମରୁ ପ୍ରାପ୍ତ ଲୋକବିଗ୍ରହଙ୍କ ତାମ୍ରପତ୍ର ପ୍ରଭୃତି ଗୁପ୍ତ ଲିପିରେ ଲିଖିତ ହୋଇଅଛି ।

ଗୁପ୍ତ ଲିପିର ପରବର୍ତ୍ତୀ ବିକାଶ ହେଉଛି ପୂର୍ଣ୍ଣକୋଣୀ ଲିପି । ଏହାକୁ କୀଳକଶୀର୍ଷକ, କଣ୍ଟକଶୀର୍ଷକ, ସିଦ୍ଧମାତୃକା ଏବଂ କୁଟିଳ ଲିପି ମଧ୍ୟ କୁହାଯାଏ । ସପ୍ତମ ଶତାବ୍ଦୀରୁ ଏକାଦଶ ଶତାବ୍ଦୀ ମଧ୍ୟରେ ଆର୍ଯ୍ୟ ଭାଷାର ଲିପିଗୁଡ଼ିକ କଣ୍ଟକାକୃତ ବା କୁଟିଳ ଆକୃତି ଧାରଣ କରିଥାଇଥିଲା । ତେଣୁ ଏପରି ନାମକରଣ କରାଯାଇଛି । ଓଡ଼ିଶାରେ ଶୈଳୋଦ୍ଭବବଂଶୀୟ ରାଜାମାନଙ୍କ ପ୍ରଦତ୍ତ ତାମ୍ରପତ୍ରମାନଙ୍କରେ କୁଟିଳ ଲିପିର ନିଦର୍ଶନ ମିଳେ । ତନ୍ମଧ୍ୟରୁ ଦୁଇଟି ହେଉଛି ମହାସାମନ୍ତ ମାଧବରାଜଙ୍କ ଗଞ୍ଜାମ ତାମ୍ରପତ୍ର ଏବଂ ସୈନ୍ୟଭୀତ ମାଧବରାଜଙ୍କ ଖୋରଧା ତାମ୍ରପତ୍ର ।

ସମଗ୍ର ଉତ୍ତର ଭାରତରେ ଯେଉଁସବୁ ପୂର୍ଣ୍ଣକୋଣୀ ବା କୁଟିଳ ଲିପି ପ୍ରଚଳିତ ଥିଲା, ତନ୍ମଧ୍ୟରେ ମାଗଧୀ ବା ପୂର୍ବାଞ୍ଚଳୀୟ କୁଟିଳ ଲିପି ଥିଲା ଅନ୍ୟତମ । ବର୍ତ୍ତମାନର ଓଡ଼ିଶା, ବଙ୍ଗ, ବିହାର, ଆସାମ ଏବଂ ଗୁଜରାଟ ପୂର୍ବାଞ୍ଚଳୀୟ ପ୍ରଦେଶ ପୂର୍ବର ମଗଧ ସାମ୍ରାଜ୍ୟ ଥିଲା । ତେଣୁ ଏହି ଅଞ୍ଚଳର କୁଟିଳ ଲିପି କ୍ରମଶଃ ମାଗଧୀ ଲିପି ନାମରେ ଅଭିହିତ ହେଲା । ଏକାଦଶ ଶତାବ୍ଦୀରୁ ଚତୁର୍ଦ୍ଦଶ ଶତାବ୍ଦୀ ପର୍ଯ୍ୟନ୍ତ ପୂର୍ବ ଭାରତରେ ପ୍ରଚଳିତ ଲିପିକୁ ମାଗଧୀ ଲିପି କୁହାଯାଏ ।

ଏକାଦଶରୁ ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ପୂର୍ବାଞ୍ଚଳରେ ଯେଉଁ ମାଗଧୀ ଲିପି ପ୍ରଚଳିତ ଥିଲା, ସେଇଥିରୁହିଁ ବର୍ତ୍ତମାନର ଓଡ଼ିଆ, ବଙ୍ଗଳା, ଅସମିୟା, ଭୋଜପୁରୀ, ମୈଥିଳୀ ଓ ମଗହୀ ଭାଷାର ଲିପିଗୁଡ଼ିକ ଉତ୍ପନ୍ନ । ମାଗଧୀ ଲିପିରୁ ଏ ସମସ୍ତ ଲିପି

Digitized by PPRACHIN, SOA

କ୍ରମଶଃ ବିକଶିତ ହୋଇଅଛି । ତେଣୁ ମାଗଧୀ ଲିପିକୁ ପ୍ରତ୍ନ ବଙ୍ଗଳା, ପ୍ରତ୍ନ ଓଡ଼ିଆ, ପ୍ରତ୍ନ ମୈଥିଳୀ ହିସାବରେ ମଧ୍ୟ କୁହାଯାଏ । କେତେ କେତେ ଏହାକୁ ଗୌଡ଼ୀ ଲିପି ମଧ୍ୟ କହନ୍ତି । ଓଡ଼ିଶାରେ ଏକାଦଶ ଶତାବ୍ଦୀରୁ ଚତୁର୍ଦ୍ଦଶ ଶତାବ୍ଦୀ ମଧ୍ୟରେ ଲିଖିତ ଶିଳାଲେଖ, ତାମ୍ରପତ୍ର ପ୍ରଭୃତିରେ ମାଗଧୀ ଲିପିର ନିଦର୍ଶନ ରହିଛି । ଯଥା— ବଲାଙ୍ଗୀର ଜିଲ୍ଲାର ସୋନପୁରରୁ ଆବିଷ୍କୃତ ଭାନୁଦେବଙ୍କ ସମୟର ଶିଳାଲେଖ, ଭୁବନେଶ୍ୱରରୁ ପ୍ରାପ୍ତ ନରସିଂହଦେବଙ୍କ ରାଜତ୍ୱରେ ଲିଖିତ ଶିଳାଲେଖ, ଚିକାକୋଲ ଜିଲ୍ଲାର ଉରଜାମ୍ ଗ୍ରାମରୁ ପ୍ରାପ୍ତ ଅନନ୍ତ ବର୍ମାଙ୍କ ଶିଳାଲେଖ ।

ଚତୁର୍ଦ୍ଦଶ ଶତାବ୍ଦୀରୁ ଓଡ଼ିଶାରେ ମାଗଧୀ ଲିପି ସ୍ୱତନ୍ତ୍ର ରୂପ ଧାରଣ କଲା । ଉପରୋକ୍ତ ଅନୁପ୍ରସ୍ଥ ବକ୍ରତା ଏହାର ବିଶିଷ୍ଟ ଲକ୍ଷଣ ହେଲା । ଏହି ସମୟର ଅର୍ଥାତ୍ ଚତୁର୍ଦ୍ଦଶରୁ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଓଡ଼ିଆ ଲିପିକୁ ପ୍ରାଚୀନ ଓଡ଼ିଆ ଲିପି କୁହାଯାଏ । ଏଥିରେ ମଧ୍ୟ ବହୁ ଶିଳାଲେଖ ଲିଖିତ ହୋଇଅଛି । ଯଥା—ଚିକାକୋଲ୍ ଜିଲ୍ଲାର ପୋତେଶ୍ୱର ଦେବାଳୟରେ ଥିବା ଭାନୁଦେବଙ୍କ ଶିଳାଲେଖ, କଟକ ଜିଲ୍ଲା ସିଦ୍ଧେଶ୍ୱର ମନ୍ଦିରରେ ଖୋଦିତ ଚତୁର୍ଥ ନରସିଂହ ଦେବଙ୍କ ଶିଳାଲେଖ, ସମ୍ବଲପୁର ଜିଲ୍ଲାର ନରସିଂହନାଥ ମନ୍ଦିରରେ ଥିବା ବୈଜଲଦେବଙ୍କ ଶିଳାଲେଖ, ଅନ୍ଧ୍ର ରାଜ୍ୟର କୁର୍ଣ୍ଣୁଲ ଜିଲ୍ଲାର ଶ୍ରୀଶୈଳମ୍ ଠାରେ ଖୋଦିତ କପିଳେଶ୍ୱର ଦେବଙ୍କ ଶିଳାଲେଖ ।

ପ୍ରାଚୀନ ଓଡ଼ିଆ ଲିପି ପ୍ରାୟ ସପ୍ତଦଶ ଶତାବ୍ଦୀରୁ ଧୀରେ ଧୀରେ ବିକଶିତ ହୋଇ ଆଧୁନିକ ଓଡ଼ିଆ ଲିପିରେ ପରିଣତ ହୋଇଅଛି । ଏଥିରେ ଅକ୍ଷରଗୁଡ଼ିକର ଉପର ବକ୍ରରେଖା କ୍ରମେ

Digitized by PPRACHIN, SOA

ଗୋଲକାର ହୋଇଅଛି । ସପ୍ତଦଶ ଶତାବ୍ଦୀରୁ ଲାଖିତ ତାଳପତ୍ର ପୋଥି, ଶିଳାଲେଖ, ତାମ୍ରପତ୍ର ପ୍ରଭୃତିରେ ଏହି ଲିପିର ନିଦର୍ଶନ ରହିଅଛି ଏବଂ ବର୍ତ୍ତମାନ ଏହି ଲିପି ପ୍ରଚଳିତ ହେଉଅଛି ।

ଆଧୁନିକ ଓଡ଼ିଆ ଲିପିର ଦୁଇଟି ଲିଖନ ପଦ୍ଧତି ରହିଅଛି— ସାଧାରଣୀ ଓ କରଣୀ । ସାଧାରଣୀ ସାଧାରଣଙ୍କେ ଲେଖାଲେଖି ଏବଂ ପୁସ୍ତକମୁଦ୍ରଣରେ ବ୍ୟବହୃତ ହେଉଅଛି । ତାଳପତ୍ର ପୋଥିମାନଙ୍କରେ କରଣୀ ଲିପିର ବିଶେଷ ବ୍ୟବହାର ରହିଛି । କଚେରୀ କାଗଜପତ୍ରରେ ମୋହରିରମାନେ ଏବେ ମଧ୍ୟ କରଣୀ ଲିପିରେ ଲେଖନ୍ତି ।

ତଳେ ବ୍ରାହ୍ମୀରୁ ଓଡ଼ିଆ ପର୍ଯ୍ୟନ୍ତ ଲିପିର ବିକାଶଧାରା ସଂକ୍ଷେପରେ ଦିଆଗଲା ।

(୧) ଖ୍ରୀଷ୍ଟପୂର୍ବ ତୃତୀୟ-ଖ୍ରୀଷ୍ଟ ତୃତୀୟ ଶତାବ୍ଦୀ ।
(୨) ଗୁପ୍ତଲିପି— ଖ୍ରୀଷ୍ଟ ତୃତୀୟ–ଷଷ୍ଠ ଶତାବ୍ଦୀ ।
(୩) ସୂକ୍ଷ୍ମକୋଣୀ ବା କୁଟିଳଲିପି—ଖ୍ରୀ. ଷଷ୍ଠ-ଏକାଦଶ ଶତାବ୍ଦୀ ।
(୪) ମାଗଧଲିପି (ପ୍ରନ୍ନ ବଙ୍ଗଳା, ପ୍ରନ୍ନ ଓଡ଼ିଆ, ପ୍ରନ୍ନ ଅସମିୟା ପ୍ରଭୃତି)—ଏକାଦଶ-ଚତୁର୍ଦ୍ଦଶ ଶତାବ୍ଦୀ
(୫) ପ୍ରାଚୀନ ଓଡ଼ିଆ ଲିପି—ଚତୁର୍ଦ୍ଦଶ-ଷୋଡ଼ଶ ଶତାବ୍ଦୀ
(୬) ଆଧୁନିକ ଓଡ଼ିଆ ଲିପି – ଷୋଡ଼ଶ ଶତାବ୍ଦୀ

|| * ||

ଓଡ଼ିଆ ଭାଷାରେ ସୁଭାଷଣ

ଅସୁନ୍ଦର, ଅଶିଷ୍ଟ, ଅଶାଳୀନ ତଥା ଅମଙ୍ଗଳ କଥାକୁ ସୁନ୍ଦର, ଶିଷ୍ଟ, ଶାଳୀନ ତଥା ମଙ୍ଗଳ ଭାବରେ କହିବାର ରୀତି ହେଉଛି ସୁଭାଷଣ । ସାଧାରଣତଃ ଲୋକମାନଙ୍କ ମନରେ ଧାରଣା

Digitized by PPRACHIN, SOA

ଥାଏ କିମ୍ବା ଆଶଙ୍କା ଜନ୍ମେ ଯେ, ଅସୁନ୍ଦର ବା ଅମଙ୍ଗଳ କଥା ଉଚ୍ଚାରଣ କରିଦେଲେ ଅମଙ୍ଗଳ ବା କ୍ଷୟ କ୍ଷତି ଘଟିଯିବ । ତା’ଛଡ଼ା ଭଦ୍ରତା ତଥା ମାର୍ଜିତ ରୁଚିର ସୂଚନା ଦେବାପାଇଁ ଲୋକେ ଅସୁନ୍ଦର, ଅଶାଳୀନ କଥାକୁ ସୁନ୍ଦର, ଶାଳୀନ କରି କହିଥାନ୍ତି । ଏଭଳି ସୁଭାଷଣ ପ୍ରାୟ ସମସ୍ତ ଭାଷାରେ ରହିଅଛି । ଓଡ଼ିଆରେ ବହୁବିଧ ସୁଭାଷଣ ପ୍ରୟୋଗ ହେଉଛି । ତଳେ କେତେଗୁଡ଼ିଏ ଉଦାହରଣ ଦିଆଗଲା ।

(୧) ମୃତ୍ୟୁ ବିଷୟକ

ମରିବା, ମୃତ୍ୟୁ, ମରଣ ଏସବୁ ଶବ୍ଦ ଉଚ୍ଚାରଣ କରିବାକୁ ସାଧାରଣତଃ କେହି ଭଲ ପାଆନ୍ତି ନାହିଁ । କାରଣ ମୃତ୍ୟୁ ସବୁଠାରୁ ଅବାଞ୍ଛିତ ବିଷୟ । ତେଣୁ ଏହି ବିଷୟକୁ ନାନାପ୍ରକାର ସୁଭାଷଣରେ ବ୍ୟକ୍ତ କରାଯାଏ । ଯେପରି— ପଞ୍ଚତ୍ତ୍ୱ ପ୍ରାପ୍ତି, ସ୍ୱର୍ଗବାସ, ସ୍ୱର୍ଗଗମନ, ମାନବ ଲୀଳା ସମ୍ବରଣ, ଇହଧାମ ତ୍ୟାଗ, ଦେହାନ୍ତ, ଦେହରକ୍ଷା, ମାଣ ପୂରିବା, ଲୁଚିଯିବା ପ୍ରଭୃତି ।

(୨) ରୋଗବ୍ୟାଧି ବିଷୟକ

ରୋଗବ୍ୟାଧିମାନଙ୍କର ନାମ ଉଚ୍ଚାରଣ ନକରି ଅନ୍ୟ ପ୍ରକାରରେ କୁହାଯାଏ । ଯେପରି— ବସନ୍ତ ଅର୍ଥରେ ଠାକୁରାଣୀ, କୁଷ୍ଠ ଅର୍ଥରେ ବଡରୋଗ, ଉପଦଂଶ ଅର୍ଥରେ ଗରମ ବେମାର, ଯକ୍ଷ୍ମା ଅର୍ଥରେ ରାଜବ୍ୟାଧି ପ୍ରଭୃତି ନାମ ପ୍ରୟୋଗ କରାଯାଏ ।

(୩) ମାରାତ୍ମକ ପ୍ରାଣୀ ବିଷୟକ

ଭୟଙ୍କର କଥା ଓ ମାରାତ୍ମକ ପ୍ରାଣୀମାନଙ୍କ ନାମ ଉଚ୍ଚାରଣ ନକରି ଅନ୍ୟ ପ୍ରକାରରେ କହନ୍ତି । ଯେପରି ବାଘ ଅର୍ଥରେ ମାମୁଁ,

Digitized by PPRACHIN, SOA

ସାପ ଅର୍ଥରେ ଲ ଲ୍ଆଣୀ, ଲମ୍ବ ଜନ୍ତୁ, ସାପ କାମୁଡ଼ିବା ଅର୍ଥରେ କାଠି ଛୁଇଁବା ବା କାଠି ଲଟିବା ପ୍ରଭୃତି ।

(୪) ମଳମୂତ୍ର ବିଷୟକ

ଝାଡ଼ାଯିବା, ଝାଡ଼ାଫେରିବା ଏପରି କହିବାକୁ ସାଧାରଣତଃ ଲୋକେ ସଙ୍କୋଚ ବୋଧ କରିଥାନ୍ତି । ତେଣୁ ଏ ବିଷୟକୁ ସେମାନେ ବିଭିନ୍ନ ନାମରେ ବ୍ୟକ୍ତ କରନ୍ତି । ଯେପରି ହଗିଯିବା ଅର୍ଥରେ ପୋଖରୀ ପାଣି ଯିବା ଡାଡି ଯିବା, ବାହାରଆଡ଼େ ଯିବା କହିଥାନ୍ତି । ସ୍କୁଲରେ ପିଲମାନେ ହଗିଯିବାକୁ ଗୁରୁଶଙ୍କା, ଦୁଇନମ୍ବର, ବଡ଼ପାସ୍ ପ୍ରଭୃତି କହନ୍ତି ଏବଂ ମୂତି ଯିବାକୁ ଲଘୁଶଙ୍କା, ଏକ ନମ୍ବର, ଛୋଟପାସ୍ ବା ଗ୍ରେଟପାସ୍ ପ୍ରଭୃତି କହନ୍ତି ।

(୫) ଯୌନ ବିଷୟକ

ଯୌନ ବିଷୟକୁ ଭାଷାର ଆବରଣ ଦେଇ ପ୍ରକାଶ କରିବା ମଧ୍ୟ ଏକ ସ୍ୱାଭାବିକ ପଦ୍ଧତି । ମଣିଷ ବସ୍ତ୍ର ପିନ୍ଧି ଯେପରି ଯୌନାଙ୍ଗକୁ ଆବୃତ କରେ, ସେହିପରି ଯୌନ ବିଷୟକୁ ଭାଷାର ଆବରଣରେ ଆବୃତ କରି ପ୍ରକାଶ କରେ । ଯେପରି କୁମାରୀ କନ୍ୟାର ଯୌବନ-ଲାଭ ଅର୍ଥରେ ବରଯୋଗ୍ୟା ହେବା, ଜ୍ଞାନ ପାଇବା ପ୍ରଭୃତି ।

(୬) ଖାଦ୍ୟ ପାନୀୟ ବିଷୟକ

ଭଦ୍ର ସମାଜରେ ଖାଇବା ମଧ୍ୟ ଗୋଟିଏ ଅଶିଷ୍ଟ ଶବ୍ଦ ବୋଲି ବିବେଚିତ ହୁଏ । ତେଣୁ ଖାଆନ୍ତୁ ଅର୍ଥରେ ବସନ୍ତୁ, ହାତ ଚଳାନ୍ତୁ ପ୍ରଭୃତି ବ୍ୟବହୃତ ହୁଏ । ନିଷିଦ୍ଧ ଖାଦ୍ୟ ଦ୍ରବ୍ୟର ନାମକୁ ମଧ୍ୟ ପ୍ରକାରାନ୍ତରେ ବ୍ୟକ୍ତ କରାଯାଏ । ଯେପରି— କଙ୍କଡ଼ାକୁ ଦଶରଥ, କୁକୁଡ଼ାକୁ ରାମପକ୍ଷୀ, ଶୁଖୁଆକୁ ଶୁକଦେବ, ମାଂସକୁ ଲାଲଭାଜି, ମଦକୁ ଲାଲପାଣି, ଅଫିମକୁ କଳାକୃଷ୍ଣ ଇତ୍ୟାଦି ।

Digitized by PPRACHIN, SOA

ପ୍ରାଚୀନ ଓଡ଼ିଆ ଅଭିଲେଖ

(ଖ୍ରୀ: ଅ: ୧୦୫୧-୧୫୬୮)

ଓଡ଼ିଶାରେ ବହୁ ପ୍ରାଚୀନ କାଳରୁ ଖୋଦିତ ଅଭିଲେଖମାନ ରହିଛି ଏବଂ ସେଗୁଡ଼ିକରେ ଓଡ଼ିଆ ଭାଷା ବ୍ୟବହୃତ ହୋଇଅଛି । ଆଜି ପର୍ଯ୍ୟନ୍ତ ଓଡ଼ିଆ ଭାଷାରେ ଲିଖିତ ଯେତେଗୁଡ଼ିଏ ଅଭିଲେଖ ଆବିଷ୍କୃତ ହୋଇଛି, ତନ୍ମଧ୍ୟରେ ସର୍ବପ୍ରାଚୀନ ଶିଳାଲେଖଟି ୧୦୫୧ ଖ୍ରୀଷ୍ଟାବ୍ଦର । ତା ପୂର୍ବରୁ ଅବଶ୍ୟ ସଂସ୍କୃତ ଭାଷାରେ ଲିଖିତ କେତେକ ତାମ୍ରଲେଖରେ ଓଡ଼ିଆ ଶବ୍ଦ ବ୍ୟବହୃତ ହୋଇଥିବାର ଦେଖାଯାଏ । ଉଦାହରଣ ସ୍ୱରୂପ, ସପ୍ତମ ଶତାବ୍ଦୀର ମାଧବ ବର୍ମାଙ୍କ ଖୋର୍ଦ୍ଧା ତାମ୍ର ଶାସନରେ 'କୁମ୍ଭାର' ଶବ୍ଦଟି ଓଡ଼ିଆ ଶବ୍ଦ । ଦଶମ ଶତାବ୍ଦୀର ଅନନ୍ତଦେବ ବର୍ମାଙ୍କର ମଞ୍ଜୁଷା ତାମ୍ରଶାସନରେ 'ଭିତରୁ' ଓ 'ପଦର' ଦୁଇଟି ଓଡ଼ିଆ ଶବ୍ଦ ।

ଖ୍ରୀ: ଅ: ୧୦୫୧ରୁ ୧୫୬୮ ମଧ୍ୟରେ ଓଡ଼ିଶାରେ ପ୍ରଥମ ଗଙ୍ଗବଂଶ ଓ ତା' ପରେ ସୂର୍ଯ୍ୟବଂଶ ରାଜାମାନେ ରାଜତ୍ୱ କରୁଥିଲେ । ଏମାନଙ୍କ ସମୟରେ ଓଡ଼ିଶାର ପରିସୀମା ବିସ୍ତୃତ ଥିଲା । ତେଣୁ ଅନ୍ୟାନ୍ୟ ପ୍ରଦେଶରୁ ବହୁ ପ୍ରାଚୀନ ଓଡ଼ିଆ ଅଭିଲେଖ ମିଳିଅଛି । ତା' ଛଡ଼ା ଓଡ଼ିଶାର ସମସ୍ତ ଜିଲ୍ଲାରୁ ଓଡ଼ିଆ ଅଭିଲେଖମାନ ଆବିଷ୍କୃତ ହୋଇଅଛି ।

ବାଲେଶ୍ୱର ଜିଲ୍ଲାରେ ଗଡ଼ପଡ଼ା ଗ୍ରାମର ଜମିଦାରଙ୍କ ଗୃହରୁ ପୁରୁଷୋତ୍ତମ ଦେବଙ୍କ ପ୍ରଦତ୍ତ ଗୋଟିଏ ତାମ୍ରଲେଖ ମିଳିଅଛି । ଜନ୍ ବାମ୍ସ୍ ୧୮୭୨ ଖ୍ରୀଷ୍ଟାବ୍ଦରେ ତାହାକୁ 'ଇଣ୍ଡିଆନ୍ ଆଣ୍ଟିକ୍ୱାରି'-ରେ ପ୍ରକାଶ କରିଥିଲେ । ସୋରେ ନିକଟବର୍ତ୍ତୀ ଗଣ୍ଡିବେଡ଼ ଗ୍ରାମରୁ

Digitized by PPRACHIN, SOA

ଗୋଟିଏ ଶିଳାଲେଖ ମିଳିଅଛି, ଯାହାକି ଓଡ଼ିଆ ପଦ୍ୟରେ ଲିଖିତ ।

କଟକ ଜିଲ୍ଲାର ଧର୍ମଶାଳା ନିକଟରୁ ଚତୁର୍ଥ ନରସିଂହ-ଦେବଙ୍କର ଗୋଟିଏ ତାମ୍ରଶାସନ ମିଳିଅଛି । ଝଙ୍କଡ଼ ଗ୍ରାମ ନିକଟସ୍ଥ ଏକ ଶିବ ମନ୍ଦିରରେ ସୂର୍ଯ୍ୟ ବଂଶୀୟ ରାଜା କପିଳେଶ୍ୱର ଦେବଙ୍କ ଗୋଟିଏ ଶିଳାଲେଖ ରହିଅଛି ।

ପୁରୀ ଜଗନ୍ନାଥ ମନ୍ଦିର ଗାତ୍ରରେ ଅନେକ ଗୁଡ଼ିଏ ଶିଳାଲେଖ ରହିଛି । ପୁରୀ ସହରର ଶଙ୍କରାନନ୍ଦ ମଠରୁ ଚତୁର୍ଥ ନରସିଂହଦେବଙ୍କ ତାମ୍ରପତ୍ର ଓ ଏମାର ମଠରୁ ତାଙ୍କର ଆଉ ଏକ ତାମ୍ରଲେଖ ମିଳିଛି । ଭୁବନେଶ୍ୱର ଲିଙ୍ଗରାଜ ମନ୍ଦିରରୁ ଦୁଇଟି ଏବଂ କେଦାର-ଗୌରୀ କୁଣ୍ଡ ନିକଟବର୍ତ୍ତୀ ଗୋଟିଏ ମଠରୁ ଗୋଟିଏ ଶିଳାଲେଖ ମିଳିଅଛି । ଭୁବନେଶ୍ୱର କପିଳେଶ୍ୱର ମନ୍ଦିରର ପୂର୍ବ ଗାତ୍ର ସହିତ ଗୋଟିଏ ଶିଳାଲେଖ ରହିଛି ।

ସମ୍ବଲପୁର ଜିଲ୍ଲାର ନରସିଂହ ନାଥ ଦେଉଳରେ ଗୋଟିଏ ଶିଳାଲେଖ ଆବିଷ୍କୃତ ହୋଇଅଛି ।

ବଲାଙ୍ଗୀର ଜିଲ୍ଲାର ହରିଶଙ୍କର ନିକଟରୁ ଗୋଟିଏ ଶିଳାଲେଖ ଏବଂ ସୋନପୁରରୁ ଆଉ ଏକ ଶିଳାଲେଖ ମିଳିଅଛି ।

ଗଞ୍ଜାମର ଆଠଗଡ଼ ନିକଟସ୍ଥ ଗୋଟିଏ ପାହାଡ଼ ଗାତ୍ରରେ ମୁକୁନ୍ଦଦେବଙ୍କର ଏକ ଶିଳାଲେଖ ଅଛି ।

ଆନ୍ଧ୍ରର ବିଶାଖାପାଟଣା ଜିଲ୍ଲାରୁ ବହୁ ଓଡ଼ିଆ ଶିଳାଲେଖ ମିଳିଅଛି । ଆନ୍ଧ୍ରର ଚିକାକୋଲ୍ ଜିଲ୍ଲାର ମୁଖଲିଙ୍ଗମ୍ ମନ୍ଦିରରୁ ତିନିଟି ଏବଂ ଶ୍ରୀକୂର୍ମେଶ୍ୱର ଦେଉଳରୁ ୭ଟି ଶିଳାଲେଖ ଆବିଷ୍କୃତ

Digitized by PPRACHIN, SOA

ହୋଇଛି । ପୋଟେଶ୍ୱର ମନ୍ଦିରରୁ ମଧ୍ୟ ଗୋଟିଏ ଶିଳାଲେଖ ମିଳିଛି । ଏହି ଜିଲ୍ଲାର ଉରଜାମ୍ ଗ୍ରାମରୁ ଯେଉଁ ଶିଳାଲେଖଟି ମିଳିଛି, ତାହା ଓଡ଼ିଆ ଅଭିଲେଖମାନଙ୍କ ମଧ୍ୟରେ ସର୍ବପ୍ରାଚୀନ ବୋଲି କୁହାଯାଏ । ଏହାର ସମୟ ଖ୍ରୀ: ଅ: ୧୦୫୧ । ଏହା ବର୍ତ୍ତମାନ ମାଡ୍ରାଜ ମିଉଜିଅମରେ ସଂରକ୍ଷିତ ଅଛି ।

କୃଷ୍ଣା ଜିଲ୍ଲାର କୁଣ୍ଡାପଲ୍ଲୀ ଗ୍ରାମରୁ ୩ଟି ଓଡ଼ିଆ ଶିଳାଲେଖ ମିଳିଅଛି ।

ଗୁଣ୍ଟୁର ଜିଲ୍ଲାରୁ ମଧ୍ୟ ଗୋଟିଏ ଶିଳାଲେଖ ଓ ଆଉ ଗୋଟିଏ ତାମ୍ରଲେଖ ମିଳିଅଛି ।

ଏହିପରି ୧୦୫୧-୧୫୬୮ ମଧ୍ୟରେ ଲିଖିତ ପ୍ରାୟ ଏକଶହ ଅଭିଲେଖ ଆବିଷ୍କୃତ ହୋଇଅଛି, ଯେଉଁଗୁଡ଼ିକୁ କି ପ୍ରାଚୀନ ଓଡ଼ିଆ ଅଭିଲେଖ ରୂପେ ଗ୍ରହଣ କରାଯାଏ ।

ଏହି ଅଭିଲେଖଗୁଡ଼ିକ ମଧ୍ୟରୁ କେତେକ ପ୍ରତ୍ନ ଓଡ଼ିଆ ଲିପିରେ, କେତେକ ପ୍ରାଚୀନ ଓଡ଼ିଆ ଲିପିରେ, କେତେକ ନାଗରୀ ଲିପି ମିଶ୍ରିତ ପ୍ରତ୍ନ ଓଡ଼ିଆ ଲିପିରେ ଏବଂ ଆଉ କେତେକ ପ୍ରାଚୀନ ତେଲୁଗୁ ଓ ତାମିଲ ଲିପିରେ ଖୋଦିତ ହୋଇଅଛି । (ପ୍ରତ୍ନ ଓଡ଼ିଆ ଲିପି ଏକାଦଶରୁ ଚତୁର୍ଦ୍ଦଶ ଶତାବ୍ଦୀ, ପ୍ରାଚୀନ ଓଡ଼ିଆ ଲିପି ଚତୁର୍ଦ୍ଦଶ ଶତାବ୍ଦୀରୁ ସପ୍ତଦଶ ଶତାବ୍ଦୀ ।)

ଅଭିଲେଖଗୁଡ଼ିକର ବିଷୟବସ୍ତୁ ହେଉଛି ରାଜାମାନଙ୍କର ଦିଗ୍‌ବିଜୟ, ଅନୁଶାସନ ପ୍ରଚାର, ଦଣ୍ଡାଦେଶ, ବ୍ରାହ୍ମଣ, ସନ୍ନ୍ୟାସୀ, ଦେବଦେବୀ, ପୁରୋହିତ ତଥା ପୂଜକମାନଙ୍କୁ ପ୍ରଦତ୍ତ ଦାନ-ଦକ୍ଷିଣାଦିର ବିବରଣୀ । ପୂର୍ବେ ଦେବଦେବୀମାନଙ୍କର ସେବାପୂଜା

Digitized by PPRACHIN, SOA

ନମିତ୍ତ ରାଜା ତଥା ଧନୀ ବ୍ୟକ୍ତିମାନେ ନିଷ୍କର ଜମି, ସ୍ୱର୍ଣ୍ଣମୁଦ୍ରା, ଗୋରୁଗାଈ ପ୍ରଭୃତି ଦାନ କରୁଥିଲେ। ସେହି ଦାନ ବିଷୟକୁ ସେମାନେ ପାଷାଣ ଗାତ୍ରରେ ବା ତାମ୍ରପତ୍ରରେ ଲିପିବଦ୍ଧ କରି ରଖୁଥିଲେ। ତା' ଛଡ଼ା ବିଜୟ, ବନ୍ଦନ ଏବଂ ବନ୍ଧକ ପ୍ରଭୃତି ବିଷୟରେ ମଧ୍ୟ କେତେକ ଅଭିଲେଖ ରହିଛି।

ଅଭିଲେଖଗୁଡ଼ିକରୁ ମିଳୁଥିବା ତଥ୍ୟ ଐତିହାସିକ ଦୃଷ୍ଟିରୁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଇତିହାସ ପ୍ରଣୟନ ଦିଗରେ ଏଗୁଡ଼ିକ ଖୁବ୍ ସାହାଯ୍ୟ କରୁଅଛି। ଗଙ୍ଗବଂଶୀୟ ଓ ସୂର୍ଯ୍ୟବଂଶୀୟ ରାଜାମାନଙ୍କର ରାଜତ୍ୱର ତଥ୍ୟ ଏଥିରୁ ମିଳିଥାଏ। ଗୋଟିଏ ତାମ୍ରଲେଖରେ ସମ୍ରାଟ କପିଳେଶ୍ୱର ଦେବ ତାଙ୍କ ଅଧୀନ ରାଜାମାନଙ୍କୁ ଭୟ ଦେଖାଇଛନ୍ତି। ଆଉ ଗୋଟିକରେ ସେ ତାଙ୍କର ଅବାଧ ସୈନ୍ୟସାମନ୍ତଙ୍କ ବିରୁଦ୍ଧରେ ଦଣ୍ଡ ପ୍ରୟୋଗ କରିବାକୁ କହିଛନ୍ତି। ଆଉ ଗୋଟିକରେ ଲୁଣ ଓ କଉଡ଼ି ଉପରୁ କର ଛାଡ଼ିବାର ଘୋଷଣା କରିଛନ୍ତି। ପୁନଶ୍ଚ, ଆଉ ଗୋଟିକରେ ବ୍ରାହ୍ମଣମାନଙ୍କୁ ପ୍ରଚୁର ଧନଦାନ କରିବାର ଘୋଷଣା କରିଛନ୍ତି। ପୁରୁଷୋତ୍ତମଦେବଙ୍କ ଶିଳାଲେଖ ଓ ତାମ୍ରଲେଖମାନଙ୍କରୁ ମଧ୍ୟ ବହୁ ତଥ୍ୟ ମିଳେ। ବ୍ରାହ୍ମଣମାନଙ୍କଠାରୁ ଚୌକିଦାରି କର ଛାଡ଼ କରିବା, ସେମାନଙ୍କ ପ୍ରତି ଦୟା ଦେଖାଇବା, ଗୋଚର ଭୂମିକୁ ଚାଷ ନ କରିବା ପ୍ରଭୃତି ବିଷୟରେ ସେ ଆଦେଶ ଘୋଷଣା କରିଛନ୍ତି। ଏହିପରି ବହୁ ଐତିହାସିକ ତଥା ସାମାଜିକ ତଥ୍ୟ ଶିଳାଲେଖମାନଙ୍କରୁ ମିଳିଥାଏ।

ଆଲୋଚ୍ୟ ସମୟସୀମାର ଅଭିଲେଖଗୁଡ଼ିକ ପ୍ରାଚୀନ ଓଡ଼ିଆ ଭାଷାର ନିଦର୍ଶନ ବହନ କରିଅଛି। ଏଗୁଡ଼ିକରେ ଙ–ଞ,

Digitized by PPRACHIN, SOA

ଋ–ୠ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଋ କେତେକ ସ୍ଥଳରେ 'ରି' ହୋଇଅଛି । ଯଥା କ୍ରିତ୍ତିବାସ (କୃତ୍ତିବାସ), ସୁକ୍ରିତ (ସୁକୃତ), ରିଣ (ଋଣ) । କେତେକ ଅଭିଲେଖରେ ପୃଷୋତ୍ତମ (ପୁରୁଷୋ-ତ୍ତମ), ପୃଣା (ପୁରୁଣା । ଏହିପରି ଲେଖା ହୋଇଅଛି । ସେକାଳରେ 'ଜ' ଏବଂ 'ଯ' ମଧ୍ୟରେ ଉଚ୍ଚାରଣଗତ ପାର୍ଥକ୍ୟ ନଥିଲା । କାରଣ ଯାଜା, ରାଯା ଏହିପରି ଲେଖାମାନ ମିଳୁଛି । 'ଶ'–'ଷ'–'ସ' ଏହି ୩ଟି ଅକ୍ଷରର ବ୍ୟବହାର ମଧ୍ୟ ଯଥେଚ୍ଛାଭାବରେ କରାଯାଇଛି । ତେଣୁ ଏହି ୩ଟି ଅକ୍ଷରର ଉଚ୍ଚାରଣ ସମାନ ଥିଲା ବୋଲି ଜଣାଯାଏ ।

ଅଭିଲେଖମାନଙ୍କର ଭାଷାକୁ ଦୁଇ ଭାଗରେ ବିଭକ୍ତ କରା-ଯାଇପାରେ— ଉତ୍ତରୀ ଓଡ଼ିଆ ଓ ଦକ୍ଷିଣୀ ଓଡ଼ିଆ । ଦକ୍ଷିଣୀ ଓଡ଼ିଆ ଦ୍ରାବିଡ଼ ଭାଷା ଦ୍ୱାରା ପ୍ରଭାବିତ । ଦ୍ରାବିଡ଼ ଭାଷାରେ ମହାପ୍ରାଣ ଧ୍ୱନି (ଖ, ଘ, ଛ, ଝ ପ୍ରଭୃତି) ନାହିଁ । ତେଣୁ ଉତ୍ତରୀ ଓଡ଼ିଆର ମହାପ୍ରାଣ ଧ୍ୱନି ଦକ୍ଷିଣୀ ଓଡ଼ିଆରେ ଅଳ୍ପପ୍ରାଣ ହୋଇଯାଇଛି । ଯେପରି—

ଉତ୍ତରୀ ଓଡ଼ିଆ	ଦକ୍ଷିଣୀ ଓଡ଼ିଆ
ଘୁମୁ	ଗୁମୁ
ବଘୁ	ବଗୁ
ମାଝି	ମାଜି
ଥାଳି	ତାଳି
ଖାଇବା	କାଇବା
ସ୍ଥାପ୍ତି	ସ୍ତାପ୍ତି
ନାଥ	ନାତ
ଧରମ	ଦରମ

Digitized by PPRACHIN, SOA

ବଧାନ	ବଦାନ
ସଫଳ	ସଚଳ
ଘନୁଦେବ	ବାଣୁଦେବ

ଓଡ଼ିଆ ଅଭିଲେଖମାନଙ୍କର କେତେକ ଶବ୍ଦ ଦ୍ରାବିଡ଼ ଭାଷାର ଗୃହୀତ । ଯଥା—ଜତ (ମୂଲ୍ୟ, ବେତନ), ତୋଟା (ବଡ଼ ବଡ଼ ଫଳଗଛ ଥିବା ବଗିଚ୍ଛ), ଧଣ୍ଡା (ବଡ଼ ମାଳ), ବଡ଼ପୁ (ଗାନ), ମାଳ (ଅରଣ୍ୟ) ପ୍ରଭୃତି । ବାଟ, ଗୁଣ୍ଠ, ପଳ, ବଶା, ପୌଟି, କୁଞ୍ଚା ପ୍ରଭୃତି ପରିମାଣବାଚକ ଶବ୍ଦ, ଯେଉଁଗୁଡ଼ିକ କି ମୂଳତଃ ଦ୍ରାବିଡ଼ ଗୋଷ୍ଠୀର, ଅଭିଲେଖମାନଙ୍କରେ ବ୍ୟବହୃତ ହୋଇଛି । ଆହୁରି କେତେକ ଦ୍ରାବିଡ଼ ଶବ୍ଦ ବ୍ୟବହୃତ ହୋଇଛି, ଯେଉଁଗୁଡିକ କି ବର୍ତ୍ତମାନ ଓଡ଼ିଆ ଭାଷାରେ ଆଉ ନାହିଁ । ଯଥା—ପାପୁଆ (ଡାଲି), ସାଣି (ଦେବଦାସୀ), ମାଜ (ମୁଖ୍ୟ ଲୋକ) ଇତ୍ୟାଦି ।

ଅଭିଲେଖମାନଙ୍କରେ ନିମ୍ନଲିଖିତ ବିଭକ୍ତିଚିହ୍ନମାନ ବ୍ୟବହୃତ ହୋଇଛି—

୧ମା—ଏ
୨ୟା/୪ର୍ଥୀ—କୁ, କ, କଉ, କି, କେ
୩ୟା—ଏଂ, ଏ, ତେ
୫ମୀ—ଉ, ଉଂ, ହୁଂ, ତହୁଂ, ରୁ, ଠୁଂ, ତୋ, ଠାରୁ
୬ଷ୍ଠୀ—ସ, ର, କୋ, କର, କର, କ
୭ମୀ—ଏ, ଏଂ, ଜ, ରେ, ଉଛ, ଠି

୧୪୦୩ ଖ୍ରୀଷ୍ଟାବ୍ଦରୁ ୧୫୬୮ ମଧ୍ୟରେ ଲିଖିତ ଅଭିଲେଖ ମାନଙ୍କ ମଧ୍ୟରୁ କେତେକରେ ଯାବନିକ ଶବ୍ଦର ପ୍ରୟୋଗ ଦେଖ.-

Digitized by PPRACHIN, SOA

ଯାଏ । ଯଥା— ୧୪୦୩ ଖ୍ରୀଷ୍ଟାବ୍ଦରେ ଗୋଟିଏ ଶିଳାଲେଖରେ ଦାତାଙ୍କର ନାମ ରହିଛି 'ଲଡୋଜ ସୁରତାଣ' । 'ସୁରତାଣ' 'ସୁଲତାନ୍' ଶବ୍ଦର ରୂପାନ୍ତର । ପୁରୁଷୋତ୍ତମ ଦେବଙ୍କ ଏକ ଶିଳାଲେଖରେ 'ମୁକାବିଲ୍' ଶବ୍ଦ ଏବଂ 'ତୁଆର' ଶବ୍ଦ ବ୍ୟବହୃତ ହୋଇଛି । ଖ୍ରୀ: ଅ: ୧୫୨୫ରେ ଖୋଦିତ ଏକ ଶିଳାଲେଖରେ 'ଚପରାସି' ଅର୍ଥରେ 'ଜମରାସି' ମଧ୍ୟ ବ୍ୟବହୃତ । ଏହି ଶବ୍ଦଗୁଡ଼ିକ ଯାବନିକ ଅର୍ଥାତ୍ ପାର୍ସି-ଆରବୀ ଭାଷାରୁ ଗୃହୀତ ।

—॥ ⁕ ॥—

ଓଡ଼ିଆ କ୍ରିୟାବିଭକ୍ତି

କ୍ରିୟାରେ ସାଧାରଣତଃ ଦୁଇଟି ଅଂଶ— ଧାତୁ ଓ ବିଭକ୍ତି । ଯେପରି ପଢ଼୍ + ଏ = ପଢ଼େ । ଏଥିରେ 'ପଢ଼୍' ଧାତୁ ଏବଂ 'ଏ' ବିଭକ୍ତି । 'ପଢ଼ନ୍ତି' ଏଥିରେ 'ପଢ଼୍' ଧାତୁ ଏବଂ 'ଅନ୍ତି' ବିଭକ୍ତି ।

ଓଡ଼ିଆରେ ଗୋଟିଏ ଧାତୁରୁ ୧୦୨ ପ୍ରକାର କ୍ରିୟା ଗଠିତ ହୋଇପାରେ । ସାଧାରଣ ବର୍ତ୍ତମାନ କାଳ (ପଢ଼େ ଇତ୍ୟାଦି), ଅସଂପୂର୍ଣ୍ଣ ବର୍ତ୍ତମାନ କାଳ (ପଢ଼ୁଅଛି ଇତ୍ୟାଦି), ସଂପୂର୍ଣ୍ଣ ବର୍ତ୍ତମାନ କାଳ (ପଢ଼ିଅଛି ଇତ୍ୟାଦି), ସାଧାରଣ ଅତୀତ କାଳ (ପଢ଼ିଲି ଇତ୍ୟାଦି), ଅସଂପୂର୍ଣ୍ଣ ଅତୀତ କାଳ (ପଢ଼ୁଥିଲି ଇତ୍ୟାଦି), ସଂପୂର୍ଣ୍ଣ ଅତୀତ କାଳ (ପଢ଼ିଥିଲି ଇତ୍ୟାଦି), ସାଧାରଣ ଭବିଷ୍ୟତ କାଳ (ପଢ଼ିବି ଇତ୍ୟାଦି), ଅସଂପୂର୍ଣ୍ଣ ଭବିଷ୍ୟତ କାଳ (ପଢ଼ୁଥିବି ଇତ୍ୟାଦି), ସଂପୂର୍ଣ୍ଣ ଭବିଷ୍ୟତ କାଳ (ପଢ଼ିଥିବି ଇତ୍ୟାଦି), ସାଧାରଣ ସମ୍ଭାବ୍ୟ କାଳ (ପଢ଼ନ୍ତି ଇତ୍ୟାଦି), ଅସଂପୂର୍ଣ୍ଣ ସମ୍ଭାବ୍ୟ କାଳ (ପଢ଼ୁଥାନ୍ତି ଇତ୍ୟାଦି), ସଂପୂର୍ଣ୍ଣ ସମ୍ଭାବ୍ୟ କାଳ (ପଢ଼ିଥାନ୍ତି ଇତ୍ୟାଦି), ସାଧାରଣ ଅନୁଜ୍ଞା ଭାବ (ପଢ଼ୁ ଇତ୍ୟାଦି),

Digitized by PPRACHIN, SOA

ଅସମ୍ପୂର୍ଣ୍ଣ ଅନୁଜ୍ଞା ଭାବ (ପଢ଼ୁଥାଅ ଇତ୍ୟାଦି), ସମ୍ପୂର୍ଣ୍ଣ ଅନୁଜ୍ଞା ଭାବ (ପଢ଼ିଥାଅ ଇତ୍ୟାଦି), ଅସମ୍ପୂର୍ଣ୍ଣ ନିତ୍ୟବୃତ୍ତ କାଳ (ପଢ଼ୁଥାଏ ଇତ୍ୟାଦି), ସମ୍ପୂର୍ଣ୍ଣ ନିତ୍ୟବୃତ୍ତ କାଳ (ପଢ଼ିଥାଏ ଇତ୍ୟାଦି)-- ଏପରି ୧୭ଟି ଶ୍ରେଣୀ । ପ୍ରତ୍ୟେକ ଶ୍ରେଣୀରେ ୩ ପୁରୁଷ, ପ୍ରତ୍ୟେକ ପୁରୁଷରେ ଏକବଚନ ଓ ବହୁବଚନ । ଏପରି—୧୭ × ୩ × ୨ = ୧୦୨ ପ୍ରକାର କ୍ରିୟା ଗୋଟିଏ ଧାତୁରୁ ଗଠିତ ହୋଇପାରେ ।

କିନ୍ତୁ କେତେକ ଧାତୁରୁ ୧୦୨ କ୍ରିୟା ଗଠିତ ହୋଇପାରେ-ନାହିଁ । ଯେପରି— 'ଯା' ଗୋଟିଏ ଧାତୁ । ଏଥିରୁ ଯାଏ, ଯାଉଛି, ଯାଆନ୍ତା, ଯିବ ଇତ୍ୟାଦି କ୍ରିୟା ଗଠିତ ହୁଏ । ମାତ୍ର ସାଧାରଣ ଅତୀତ କାଳରେ 'ଯା' ଧାତୁର 'ଯାଲ' ନ ହୋଇ ହୁଏ 'ଗଲ' । ଅଥଚ ଅସମ୍ପୂର୍ଣ୍ଣ ଅତୀତ କାଳରେ ହୁଏ 'ଯାଉଥିଲ', ସମ୍ପୂର୍ଣ୍ଣ ଅତୀତ କାଳରେ ହୁଏ 'ଯାଇଥିଲ' । ସବୁ କାଳରେ ଓ ଭାବରେ 'ଯା' ଧାତୁ ରହେ, କିନ୍ତୁ ସାଧାରଣ ଅତୀତ କାଳରେ ତାହା 'ଗମ୍' ଧାତୁ ହୋଇଯାଏ । ଯେଉଁ ଧାତୁର ସବୁ କାଳ ଓ ଭାବରେ ପୂର୍ଣ୍ଣ ରୂପ ନାହିଁ, ତାହାକୁ 'ଅପୂର୍ଣ୍ଣ ରୂପ ଧାତୁ' କୁହାଯାଏ । 'ଯା' ଗୋଟିଏ ଅପୂର୍ଣ୍ଣ ରୂପ ଧାତୁ ।

ସେହିପରି ଅଛ୍ ଧାତୁ ଅତୀତ, ଭବିଷ୍ୟତ ପ୍ରଭୃତିରେ ହୋଇଯାଏ 'ଥ' । ଯେପରି— ଅଛୁ, ଥାଏ, ଥାଆନ୍ତା, ଥିଲ, ଥିବ ପ୍ରଭୃତି । ତେଣୁ 'ଅଛ୍' ଏକ ଅପୂର୍ଣ୍ଣରୂପଧାତୁ ।

ସେ ଯାହାହେଉ, ଅପୂର୍ଣ୍ଣ ରୂପ ହେଉ ବା ପୂର୍ଣ୍ଣରୂପ ହେଉ, ଗୋଟିଏ ଧାତୁରୁ ଯେତେ କ୍ରିୟା ଗଠିତ ହୋଇପାରେ, ସେ ସମସ୍ତରେ ବିଭକ୍ତି ୧୩ଟି ମାତ୍ର । ଦେଖ—

Digitized by PPRACHIN, SOA

୧ମ ପୁରୁଷ ଏକବଚନରେ ଦୁଇଟି—ଏ, ଇ
୧ମ ପୁରୁଷ ବହୁବଚନରେ ଗୋଟିଏ—ଉଁ

ଯଥା—ମୁଁ ପଢ଼େ, ପଢ଼ୁଛି, ପଢ଼ିଛି, ପଢ଼ିଲି, ପଢ଼ିବି, ପଢ଼ନ୍ତି ଇତ୍ୟାଦି ସବୁର ଶେଷରେ ଏ କିମ୍ବା ଇ । ଆମେ ପଢ଼ୁଁ, ପଢ଼ୁଛୁଁ, ପଢ଼ିଲୁଁ, ପଢ଼ିବୁଁ, ଇତ୍ୟାଦି ସବୁର ଶେଷରେ 'ଉଁ' । 'ଉ' ମଧ୍ୟ ହୁଏ ।

୨ୟ ପୁରୁଷ ଏକବଚନରେ ଗୋଟିଏ—ଉ
୨ୟ ପୁରୁଷ ବହୁବଚନରେ ଗୋଟିଏ—ଅ

ଯଥା—ତୁ ପଢ଼ୁ, ପଢ଼ୁଛୁ, ପଢ଼ିଛୁ, ପଢ଼ିଲୁ, ପଢ଼ିବୁ, ପଢ଼ନ୍ତୁ ଇତ୍ୟାଦି ସବୁର ଶେଷରେ ଉ । ତୁମେ, ତୁମେମାନେ ପଢ଼, ପଢ଼ୁଛ, ପଢ଼ିଛ, ପଢ଼ିଲ, ପଢ଼ିବ, ପଢ଼ନ୍ତ ଇତ୍ୟାଦି ସବୁର ଶେଷରେ ଅ ।

୩ୟ ପୁରୁଷ ଏକବଚନରେ ପାଞ୍ଚଟି—ଏ, ଇ, ଅ, ଆ, ଉ
୩ୟ ପୁରୁଷ ବହୁବଚନରେ ତିନିଟି—ଅନ୍ତି, ଏ, ଅନ୍ତୁ

ଯଥା—ବାଳକ ପଢ଼େ, ପଢ଼ଇ (ପଦ୍ୟରେ), ପଢ଼ିବ, ପଢ଼ନ୍ତା, ପଢ଼ୁ ।

ବାଳକମାନେ ପଢ଼ନ୍ତି, ପଢ଼ିବେ, ପଢ଼ନ୍ତୁ ।

୧ମ ପୁରୁଷରେ ୩ଟି, ୨ୟ ପୁରୁଷରେ ୨ଟି, ୩ୟ ପୁରୁଷରେ ୮ଟି, ଏପରି ମୋଟ ୧୩ଟି ଧାତୁ ପ୍ରତ୍ୟୟ ।

Digitized by PPRACHIN, SOA

ଧାତୁ ପ୍ରତ୍ୟୟ ଗୁଡ଼କର ଉତ୍ପତ୍ତିସ୍ଥଳ

୧ମ ପୁରୁଷ ଏକବଚନ ଏ, ଇ—ସଂସ୍କୃତ 'ମି'ରୁ ଉତ୍ପନ୍ନ । ଯେପରି— ଅହଂ) ପଠାମି > ପଢାମି > ପଢଇଁ, ପଢଇ, ପଢେ ।

୧ମ ପୁରୁଷ ବହୁବଚନ ଉଁ—ସଂସ୍କୃତ 'ମଃ' ରୁ ଉତ୍ପନ୍ନ । ଯେପରି— (ବୟଂ) ପଠାମଃ > ପଢାମୋ > ପଢମୁ > ପଢଉଁ > ପଢୁଁ ।

୨ୟ ପୁରୁଷ ଏକବଚନ ଉ—ସଂସ୍କୃତ 'ଥଃ' ରୁ ଉତ୍ପନ୍ନ । ଯେପରି— (ଯୁବାଂ) ପଠଥଃ > ପଢହୋ > ପଢହୁ > ପଢଉ > ପଢୁ ।
'ତୁ' କର୍ତ୍ତାର ଅନ୍ତ୍ୟ ସ୍ୱର ଦ୍ୱାରା ମଧ୍ୟ ପ୍ରଭାବତ । ଯଥା ତୁ ପଢୁ, ତୁ ପଢୁଛୁ, ତୁ ପଢିବୁ, ତୁ ପଢିଲୁ ଇତ୍ୟାଦ ।

୨ୟ ପୁରୁଷ ବହୁବଚନ ଅ—ସଂସ୍କୃତ 'ଥ' ରୁ ଉତ୍ପନ୍ନ । ଯେପରି— (ଯୂୟଂ) ପଠଥ > ପଢଅ > ପଢହ > ପଢ ।

୩ୟ ପୁରୁଷ ଏକବଚନ ଏ, ଇ—ସଂସ୍କୃତ 'ତି' ରୁ ଉତ୍ପନ୍ନ । ଯେପରି— (ସଃ) ପଠତି > ପଢ଼ଇ > ପଢେ ।

୩ୟ ପୁରୁଷ ଏକବଚନ ଅ—ସଂସ୍କୃତ ତବ୍ୟ ପ୍ରତ୍ୟୟାନ୍ତ କୃଦନ୍ତ ବଶେଷଣରୁ ଉତ୍ପନ୍ନ । ଯେପରି—ପଠିତବ୍ୟ > ପଢିଅବ୍ବ > ପଢ଼ବ ।

୩ୟ ପୁରୁଷ ଏକବଚନ ଆ—ସମ୍ଭବତଃ କୃଦନ୍ତ ବଶେଷଣରେ ଅନ୍ତ୍ୟ > ଅ ଆ ହୋଇଛି । (ପଠିତ > ପଢ଼ଲ୍ଲ > ପଢ଼ଲ > ପଢ଼ଲା, ପଠନ୍ତ > ପଢ଼ନ୍ତ > ପଢନ୍ତା) (ଅନାଦର ଅର୍ଥରେ ସଂବୃତ ଅ ବବୃତ ହୁଏ । ଯଥା—ବୀର > ବୀରା, ଦେବ > ଦେବା, ବକଟ > ବକଟା, ଅନ୍ଧ > ଅନ୍ଧା ଇତ୍ୟାଦ ।

Digitized by PPRACHIN, SOA

୩ୟ ପୁରୁଷ ଏକବଚନ ଉ— ସଂସ୍କୃତ 'ତୁ' ରୁ ଉତ୍ପନ୍ନ । ଯଥା—(ସଃ) ପଠତୁ > ପଢଉ > ପଢୁ ।

୩ୟ ପୁରୁଷ ବହୁବଚନ ଅନ୍ତି—ସଂସ୍କୃତ 'ଅନ୍ତି' ରୁ ଉତ୍ପନ୍ନ । ଯଥା—(ତେ) ପଠନ୍ତି > ପଢନ୍ତି ।

୩ୟ ପୁରୁଷ ବହୁବଚନ ଏ—ସମ୍ଭବତଃ କର୍ତ୍ତାର ବହୁବଚନ ବିଭକ୍ତି-ଚିହ୍ନ 'ଏ' ର ସାଦୃଶ୍ୟରୁ ଉତ୍ପନ୍ନ । ଯେପରି, "ଲୋକେ ପଢ଼ିଲେ" (ଲୋକ+ଏ = ଲୋକେ, ପଢ଼ିଲ+ଏ = ପଢ଼ିଲେ) "ଲୋକେ ପଢ଼ିବେ" (ଲୋକ+ଏ = ଲୋକେ, ପଢ଼ିବ+ଏ = ପଢ଼ିବେ)

୩ୟ ପୁରୁଷ ବହୁବଚନ ଅନ୍ତୁ—ସଂସ୍କୃତ 'ଅନ୍ତୁ' ରୁ ଉତ୍ପନ୍ନ । ଯେପରି—(ତେ) ପଠନ୍ତୁ > ପଢନ୍ତୁ ।

ଏ ୧୩ଟି ଛଡ଼ା ଆଉ ଗୋଟିଏ ଅତିରିକ୍ତ ଧାତୁ ବିଭକ୍ତି 'ସି' ପ୍ରାଚୀନ ଓଡ଼ିଆରେ ବ୍ୟବହୃତ ହୁଏ । ଯେପରି—

"ଗଙ୍ଗା ବୋଇଲେ ତୁ ଶୁଣସି ମୋହର ପିତା"
"ପ୍ରାଣବନ୍ଧୁ ହସି କଥା କହସି ମିଠଣି ଗୋ"

ଏହି 'ସି' ସଂସ୍କୃତ 'ସି' ଛଡ଼ା ଅନ୍ୟ କିଛି ନୁହେଁ । ଯଥା— ପଠସି, ବଦସି ।

—o—

ଓଡ଼ିଆ କ୍ରିୟାରେ ଣି ପ୍ରତ୍ୟୟ

ଓଡ଼ିଆରେ 'ଣି' ଗୋଟିଏ କ୍ରିୟାପ୍ରତ୍ୟୟ । କେତେକ କାଳ ଓ ଭାବରେ ଏହି ପ୍ରତ୍ୟୟଟି ଲାଗେ ଏବଂ ବିଭିନ୍ନ ଅର୍ଥ ସୂଚିତ କରେ ।

Digitized by PPRACHIN, SOA

(କ) ସାଧାରଣ ଅତୀତ କାଳରେ ସମାପ୍ତି ଅର୍ଥରେ—ମୁଁ ଖାଇଲିଣି । ସେ ଖାଇଲେଣି ।

(ଖ) ସାଧାରଣ ଭବିଷ୍ୟତ କାଳରେ ସମ୍ଭାବନାସମାପ୍ତି ଅର୍ଥରେ—ସେ ଖାଇବଣି (ସମ୍ଭବତଃ ଖାଇସାରିଥିବ), କାଲି ଏତିକବେଳକୁ ତୁ ଆସିବୁଣି (ସମ୍ଭବତଃ ଆସିସାରିଥିବୁ) ।

(ଗ) ସାଧାରଣ ସମ୍ଭାବ୍ୟ କାଳରେ ସମ୍ଭାବନା ସମାପ୍ତି ଅର୍ଥରେ—ସେ ଖାଆନ୍ତାଣି (ସମ୍ଭବତଃ ସେ ଖାଇସାରିଥାନ୍ତା), ତୁମେ ପଢ଼ନ୍ତଣି (ସମ୍ଭବତଃ ପଢ଼ିସାରିଥାନ୍ତ) ।

(ଘ) ସାଧାରଣ ଅନୁଜ୍ଞା ଭାବରେ 'ଣି' ପରିବର୍ତ୍ତେ ନ ଲାଗେ ଏବଂ ଅନୁରୋଧ ଅର୍ଥ ସୂଚିତ କରେ - ତୁମେ ଆଗେ ଶୁଣନ ମୁଁ କ'ଣ କହୁଛି । "ଦେଖନ କେ ବନସ୍ତେ ଅଛନ୍ତି"

ପ୍ରାଚୀନ ଓଡ଼ିଆରେ 'ଣି' ସ୍ଥଳରେ 'ନି' ର ପ୍ରୟୋଗ ଅଧିକ ଦେଖାଯାଏ । ହେଲନି (ହେଲଣି), ଯାଆନ୍ତାନି (ଯାଆନ୍ତାଣି) ଇତ୍ୟାଦି ।

ସମ୍ବଲପୁରୀ ଓଡ଼ିଆରେ 'ନି' ବା 'ଣି' ସ୍ଥାନରେ 'ନ' ଲାଗେ । ସେ ଖାଇଲନ (ଖାଇଲଣି) ।

'ନି' 'ଣି' ବା 'ନ' ପ୍ରା. ଭା. ଆ. 'ନନୁ' ବା 'ନୁ' ଅବ୍ୟୟ ପଦରୁ ଉତ୍ପନ୍ନ ବୋଲି ଅନୁମାନ । 'ନନୁ' 'ନୁ' ନିଶ୍ଚୟ, ସମାପ୍ତି ପ୍ରଭୃତି ଅର୍ଥ ସୂଚିତ କରୁଥିଲା । ଯେପରି—ତେନ ଖାଦିତଂ ନନୁ/ନୁ । (ସେ ଖାଇସାରିଛି) ସଃ ନନୁ/ନୁ ଗମିଷ୍ୟତି (ସେ ନିଶ୍ଚୟ ଯିବ) । 'ନନୁ' ପ୍ରାକୃତରେ 'ଣଣୁ' ଏବଂ 'ନୁ' 'ଣୁ' ହୋଇଥିଲା ।

Digitized by PPRACHIN, SOA

କିନ୍ତୁ ବଙ୍ଗଳା, ହିନ୍ଦୀ, ଅସମିୟା ପ୍ରଭୃତି ଅନ୍ୟ କୌଣସି ଭାଷାର କ୍ରିୟାରେ 'ନି' ବା 'ଣି' ପ୍ରତ୍ୟୟ ଲଗେ ନାହିଁ, ଯଦିଓ ସେ ସବୁ ଭାଷା ପ୍ରା. ଭା ଆ. ଭାଷାରୁ ଉତ୍ପତ୍ତି ଲାଭ କରିଛି ।

॥ * ॥

ଓଡ଼ିଆ ଧ୍ୱନ୍ୟାତ୍ମକ ଶବ୍ଦ

କେତେକ ଯୁଗ୍ମଶବ୍ଦ ଅଛି, ଯହିଁରେ କି ଗୋଟିଏ ଅଂଶ ସାର୍ଥକ ଏବଂ ଅନ୍ୟ ଅଂଶଟି ନିରର୍ଥକ । ସେହି ଅଂଶଟି ନିରର୍ଥକ ଅର୍ଥାତ୍ ଯାହାର ସ୍ୱତନ୍ତ୍ର ବ୍ୟବହାର ନାହିଁ, ତାହାକୁ ଧ୍ୱନ୍ୟାତ୍ମକ ଶବ୍ଦ (Echo words) କୁହାଯାଏ ।

ଏଠାରେ କେତେକ ପ୍ରକାର ଧ୍ୱନ୍ୟାତ୍ମକ ଶବ୍ଦ ଦିଆଗଲା । ସେଗୁଡ଼ିକର—

(କ) ମୂଳରେ ଫ୍ ଧ୍ୱନି—ଗଛ-ଫଛ, ଠକା-ଫକା, କାଗଜ-ଫାଗଜ, ପାନ-ଫାନ ।

(ଖ) ମୂଳରେ କ୍ ଧ୍ୱନି—ବାସନ-କୁସନ, ବଣ୍ଡା-କୁଣ୍ଡା, ଲୋଭ୍-କୋଭ୍ ।

(ଗ) ମୂଳରେ ଝ୍ ଧ୍ୱନି—କଣ୍ଡା-ଝଣ୍ଡା, ଅଳି-ଝଳି, ପିଲ-ଝିଲ, ମାଟି-ଝାଟି

(ଘ) ମୂଳରେ ଠ୍ ଧ୍ୱନି—ବଙ୍କା-ଠଙ୍କା

(ଙ) ମୂଳରେ ଦ୍ ଧ୍ୱନି—କାମ-ଦାମ

(ଚ) ମୂଳରେ ପ୍ ଧ୍ୱନି—ଗାଧୁଆ-ପାଧୁଆ, ହାଉଳି-ପାଉଳି

(ଛ) ମୂଳରେ ବ୍ ଧ୍ୱନି—ଲୋକ-ବାକ, ଗୁଜର-ବାଜର ଘର-ବାର, ଖୁସି-ବାସି ।

(ଜ) ମୂଳରେ ମ୍ ଧ୍ୱନି—କଷ୍ଟେ-ମଷ୍ଟେ, କାନ୍ଦୁଣି-ମାନ୍ଦୁଣି

Digitized by PPRACHIN, SOA

(ଙ) ମୂଳରେ ସ୍ ଧ୍ୱନି—ଗଡ଼-ସଡ଼, ମୋଟ-ସୋଟ

(ଞ) ମୂଳରେ ହ ଧ୍ୱନି—ଡର-ହର, ଡ଼କା-ହକା

କେତେକ ଯୁଗ୍ମଶବ୍ଦରେ ପ୍ରଥମ ଅଂଶଟି ନିରର୍ଥକ ଏବଂ ଦ୍ୱିତୀୟ ଅଂଶଟି ସାର୍ଥକ । ସେ କ୍ଷେତ୍ରରେ ପ୍ରଥମ ହେଉଛି ଧ୍ୱନ୍ୟାତ୍ମକ ଅଂଶ ଏବଂ ଦ୍ୱିତୀୟ ମୁଖ୍ୟ ଅଂଶ । ଯେପରି—ଅଦଳ-ବଦଳ, ଅବା-କାବା, ଆଙ୍ଗ-ପାଙ୍ଗ, ଆସ-ପାଶ ।

ଆଉ କେତେକ ଯୁଗ୍ମଶବ୍ଦରେ ଧ୍ୱନ୍ୟାତ୍ମକ ଅଂଶ ମୁଖ୍ୟ ଅଂଶର ପୁନରାବୃତ୍ତି ମାତ୍ର, କିନ୍ତୁ ସ୍ୱରରେ କିଛି ପରିବର୍ତ୍ତନ ଘଟିଥାଏ । ଯଥା—ଝାଙ୍ଗ-ଝୁଙ୍ଗା, ବୋଟ-ବାଟ, ହାକମ ହୁକୁମା, ଗରବ-ଗୁରୁବା, ଚୂପ୍-ଚୂପ୍, ଟୋଲ ଟାଲ, ଠିକ୍-ଠାକ୍, ଚୁନି-ଚାନି, ଢଙ୍ଗ-ଢାଙ୍ଗ ।

ସମ୍ବଲପୁରୀ ଓଡ଼ିଆରେ ନିମ୍ନଲିଖିତ ଧରଣର ଧ୍ୱନ୍ୟାତ୍ମକ ଶବ୍ଦ ବିଶେଷ ବ୍ୟବହୃତ ହୁଏ—ପାନ୍ ପୁନା, ହାଡ଼୍-ହୁଡ଼ା, ଝାଗ୍-ଝୁଗା ।

ଓଡ଼ିଆରେ ଆହୁରି ଅନେକ ପ୍ରକାର ଧ୍ୱନ୍ୟାତ୍ମକ ଶବ୍ଦ ଅଛି । ଯଥା—ଗଛ-ବୃଛ, ଗାଁ-ଗଣ୍ଡା, ଛୁଆଁ-ଛୁତ, ଯାନ-ଯାହା, ମାଲ-ମତା, ପିଲ-କବିଲ, ଗାଳି ଗୁଲଜ ଇତ୍ୟାଦି ।

ବଙ୍ଗଳାରେ ଧ୍ୱନ୍ୟାତ୍ମକ ଶବ୍ଦର ଆଦ୍ୟ ଧ୍ୱନି ସାଧାରଣତଃ ଟ୍—ଗୋରୁ-ଟୋରୁ, ଘୁଡା-ଟାଡା, ମାଛ-ଟାଛ, ତରକାରି-ଟରକାରି ।

ହିନ୍ଦୀରେ ଧ୍ୱନ୍ୟାତ୍ମକ ଶବ୍ଦର ଆଦ୍ୟ ଧ୍ୱନି ସାଧାରଣତଃ ଉ, ଓ—ପୁସ୍ତକ୍-ଉସ୍ତକ୍, ଘୋଡ଼ା-ଓଡ଼ା, ରୋଟି-ଓଟି, ସୋନା-ଓନା ।

Digitized by PPRACHIN, SOA

ମରାଠୀରେ ବ ହୁଏ— ଲୁଚା-ବଚା, ଘୋଡ଼ା-ବଡ଼ା, ପାନ-ବାନ, ପୁସ୍ତକ-ବସ୍ତକ ।

ତେଲୁଗୁରେ 'ଗି' ହୁଏ— ଇଲ୍ଲୁ-ଗିଲ୍ଲୁ (ଘର ପ୍ରଭୃତି), ପୁସ୍ତକ-ଗିସ୍ତକ (ପୁସ୍ତକ ପ୍ରଭୃତି) ।

ତାମିଲରେ 'କି' ହୁଏ— ଅରିଚି-କିରିଚି (ଚାଉଳ ପ୍ରଭୃତି), କାଚୁ-କିଚୁ (ପଇସା ପ୍ରଭୃତି) ।

ମାଲୟାଲମ୍‌ରେ ମଧ୍ୟ 'କି' ହୁଏ— ପଣବୁମ୍-କଣବୁମ୍ (ପଇସା ପ୍ରଭୃତି), ଆନପୁମ୍-କନପୁମ୍ (ହାଣ୍ଡି ପ୍ରଭୃତି) ।

॥ * ॥

ସର୍ବନାମ

ଯେଉଁ ପଦ ବିଶେଷ୍ୟ ପଦ ପରିବର୍ତ୍ତେ ବ୍ୟବହୃତ ହୁଏ, ତାହାକୁ ସର୍ବନାମ କୁହାଯାଏ । ଯେପରି— 'ଗଙ୍ଗାଧର ସ୍କୁଲ କଲେଜରେ ଉଚ୍ଚଶିକ୍ଷା ଲାଭ କରି ନଥିଲେ । ତଥାପି ସେ ପୃଥିବୀର ଉଚ୍ଚକୋଟୀର କବିମାନଙ୍କ ମଧ୍ୟରେ ଅନ୍ୟତମ ।' ଏଠାରେ 'ସେ' ପଦଟି 'ଗଙ୍ଗାଧର' ବିଶେଷ୍ୟ ପଦ ପରିବର୍ତ୍ତେ ବ୍ୟବହୃତ ହୋଇଛି । ତେଣୁ 'ସେ' ଏକ ସର୍ବନାମ ।

ସଂସ୍କୃତରେ ସର୍ବ, ତଦ୍, ଯଦ୍, ଏତଦ୍, କିମ୍— ଏହିପରି କେତେଗୁଡ଼ିଏ ଶବ୍ଦ ସର୍ବନାମ । ଏଗୁଡ଼ିକର ମୂଳରେ 'ସର୍ବ' ଶବ୍ଦ ଥିବାରୁ ଏପରି ନାମକରଣ କରାଯାଇଛି ।

ଓଡ଼ିଆରେ ସର୍ବନାମଗୁଡ଼ିକ ସାଧାରଣତଃ ବିକାରୀ ଅର୍ଥାତ୍ ବିଭକ୍ତି ବିଭକ୍ତିଚିହ୍ନ ଲାଗିଲେ ସେଗୁଡ଼ିକ ଆଉ ଗୋଟିଏ

Digitized by PPRACHIN, SOA

ଗୋଟିଏ ରୂପ ଧାରଣ କରନ୍ତି । ଯେପରି, 'ସେ' ଗୋଟିଏ ସର୍ବନାମ । ଏଥିରେ ଯଦି 'କୁ' 'ର' ପ୍ରଭୃତି ବିଭକ୍ତି ଚିହ୍ନ ଲଗେ, ତେବେ 'ସେ' ହୋଇଯାଏ 'ତା' । ଯଥା— ତାକୁ, ତାର ଇତ୍ୟାଦି । ସେହିପରି 'ମୁଁ' ଗୋଟିଏ ସର୍ବନାମ । ଏଥିରେ ଯଦି ବିଭକ୍ତି ଚିହ୍ନ ଲଗେ, ତେବେ 'ମୁଁ' ହୋଇଯାଏ 'ମୋ' । ଯଥା— ମୋତେ, ମୋଠାରୁ, ମୋର ଇତ୍ୟାଦି ।

ସର୍ବନାମର ମୂଳରୂପ (ପ୍ରଥମା ବିଭକ୍ତି ରୂପ)କୁ ବୋଲଯାଏ 'ରିଜୁ' ରୂପ ଏବଂ ପରିବର୍ତ୍ତିତ ରୂପକୁ ବୋଲଯାଏ 'ତିର୍ଯ୍ୟକ୍' ରୂପ । ୧ମ ପୁରୁଷ ସର୍ବନାମ (ମୁଁ, ଆମେ)ର ରୂପଗୁଡ଼ିକୁ ଲକ୍ଷ୍ୟ କର—

	ଏକବଚନ	ବହୁବଚନ
୧ମା	ମୁଁ	ଆମେ
୨ୟା	ମୋତେ	ଆମକୁ
୩ୟା	ମୋ ଦ୍ୱାରା	ଆମ ଦ୍ୱାରା
୪ର୍ଥୀ	ମୋ ପାଇଁ	ଆମ ପାଇଁ
୫ମୀ	ମୋ ଠାରୁ	ଆମ ଠାରୁ
୬ଷ୍ଠୀ	ମୋର	ଆମର
୭ମୀ	ମୋ ଠାରେ	ଆମ ଠାରେ

ଲକ୍ଷ୍ୟ କଲେ ଜାଣିପାରିବ, 'ମୁଁ' ଦ୍ୱିତୀୟାଠାରୁ ସପ୍ତମୀ ପର୍ଯ୍ୟନ୍ତ ହୋଇଯାଇଛି 'ମୋ' ଏବଂ 'ଆମେ' ହୋଇଯାଇଛି 'ଆମ' । 'ମୋ' ଏବଂ 'ଆମ'ରୁ ୨ୟା ପ୍ରଭୃତି ବିଭକ୍ତିଚିହ୍ନ ଲଗିଛି । 'ମୁଁ' 'ଆମେ' ଦୁଇଟି ରିଜୁରୂପ ଏବଂ 'ମୋ' 'ଆମ' ଦୁଇଟି ତିର୍ଯ୍ୟକ୍ ରୂପ ।

Digitized by PPRACHIN, SOA

ଓଡ଼ିଆରେ ସର୍ବନାମ ବ୍ୟତୀତ ଅନ୍ୟ କୌଣସି ପଦର ତିର୍ଯ୍ୟକ୍ ରୂପ ନାହିଁ । ଧର, 'ଘୋଡ଼ା' ଗୋଟିଏ ବିଶେଷ୍ୟ ପଦ । ଏଥିରେ 'କୁ' 'ଠାରୁ' 'ର' ପ୍ରଭୃତି ବିଭକ୍ତିଚିହ୍ନ ଲଗାଅ, ଏହାର କୌଣସି ପରିବର୍ତ୍ତନ ଘଟିବ ନାହିଁ । ଯଥା— ଘୋଡ଼ାକୁ, ଘୋଡ଼ାର, ଘୋଡ଼ା-ଠାରୁ ଇତ୍ୟାଦି । ତେଣୁ ଓଡ଼ିଆର ସର୍ବନାମ ବ୍ୟତୀତ ଅନ୍ୟ ସମସ୍ତ ପଦ ଅବିକାରୀ । କିନ୍ତୁ ହିନ୍ଦୀ ପ୍ରଭୃତି କେତେକ ଭାଷାରେ ବିଶେଷ୍ୟ ପଦ ମଧ୍ୟ ବିକାରୀ ଅର୍ଥାତ୍ ବିଭକ୍ତି ଯୋଗରେ ତିର୍ଯ୍ୟକ୍ ରୂପ ଧାରଣ-କରେ । ଯଥା— ହିନ୍ଦୀରେ 'ମୈଁ' ସର୍ବନାମର ତିର୍ଯ୍ୟକ୍ ରୂପ 'ମୁଝ୍' (ମୁଝ୍‌କୋ, ମୁଝ୍‌ସେ ଇତ୍ୟାଦି) । 'ଘୋଡ଼ା' ବିଶେଷ୍ୟର ତିର୍ଯ୍ୟକ୍ ରୂପ 'ଘୋଡ଼େ' (ଘୋଡ଼େକୋ, ଘୋଡ଼େସେ ଇତ୍ୟାଦି) ।

(୧) ପ୍ରଥମ ପୁରୁଷ ସର୍ବନାମ (ମୁଁ, ଆମେ)

ଏହାର ତିର୍ଯ୍ୟକ୍ ରୂପ ଆଗରୁ ଦର୍ଶାଯାଇଛି । 'ମୁଁ'ର ଉତ୍ପତ୍ତି 'ମୟା'ରୁ । (ତ୍ୱୟା > ତୁଇଁଆ > ତୁଇଁ, ତୁ ହୋଇଛି ।) ଏହାର ସାଦୃଶ୍ୟରେ (ମୟା > ମୁଇଁଆ > ମୁଇଁ, ମୁଁ ହୋଇଛି) । 'ମୋ'ର ଉତ୍ପତ୍ତି *ମସ୍ୟ ରୁ । (ତସ୍ୟ, କସ୍ୟ, ଯସ୍ୟ ପ୍ରଭୃତିର ସାଦୃଶ୍ୟରେ 'ମମ' ହୋଇଛି *ମସ୍ୟ । *ମସ୍ୟ ପ୍ରାକୃତରେ ମହ > ଓଡ଼ିଆରେ ମୋହ, ମୋହୋ, ମୋ ହୋଇଛି । ମୋହ, ମୋହୋ ପଦ୍ୟରେ ବ୍ୟବହୃତ ହୁଏ । ମୋହଠାରୁ, ମୋହୋଠାରେ ଇତ୍ୟାଦି ।

---

* ଯେଉଁ ପ୍ରୟୋଗ ସାହିତ୍ୟଭାଷାରେ ନଥାଏ, କଥିତ ଭାଷାରେ ଥିଲା ବୋଲି ଯୁକ୍ତିଯୁକ୍ତ ଭାବରେ ଅନୁମାନ କରାଯାଏ, ଲେଖିଲାବେଳେ ତା' ପୂର୍ବରେ ସ୍ଟାର୍ ତାରକାଚିହ୍ନ ଦିଆ-ଯାଏ ।

Digitized by PPRACHIN, SOA

ପ୍ରାଚୀନ ଓଡ଼ିଆରେ 'ମୁଁ' ର ଋଜୁରୂପରୁ ମଧ୍ୟ ୨ୟା/୪ର୍ଥୀ ଚିହ୍ନ ଲାଗିଛି । ଯଥା— ମୂକୁ, ମୂକୁଇ ।

'ଆମେ' ସାହିତ୍ୟ ଭାଷାରେ 'ଆମ୍ଭେ', ଏବଂ 'ଆମ' 'ଆମ୍ଭ' ମଧ୍ୟ ହୁଏ । 'ଆମେ' ବା 'ଆମ୍ଭେ'ର ଉତ୍ପତ୍ତି— ଅସ୍ମାଭିଃ > ଅମ୍ହେ > ଆମେ, ଆମ୍ଭେ । 'ଆମ' ବା 'ଆମ୍ଭ'ର ଉତ୍ପତ୍ତି— ଅସ୍ମାକଂ > ଅମ୍ହାଅଂ > ଆମ, ଆମ୍ଭ ।

(୨) ଦ୍ୱିତୀୟ ପୁରୁଷ ସର୍ବନାମ (ତୁ, ତୁମେ/ତୁମ୍ଭେ)

'ତୁ'ର ତିର୍ଯ୍ୟକ୍ ରୂପ 'ତୋ' । ଯଥା— ତୋତେ, ତୋଠାରୁ ଇତ୍ୟାଦି । 'ତୋ' ପର୍ଯ୍ୟାୟରେ 'ତୋହ' 'ତୋହୋ' ମଧ୍ୟ ହୁଏ । ତୋହର, ତୋହୋର, ଇତ୍ୟାଦି । 'ତୁ'ର ଉତ୍ପତ୍ତି 'ତ୍ୱଂ'ରୁ । 'ତୋ' 'ତୋହୋ' 'ତୋହୋର' ଉତ୍ପତ୍ତି *ତ୍ୱସ୍ୟରୁ (ତସ୍ୟ, କସ୍ୟ, ଯସ୍ୟ ପ୍ରଭୃତିର ସାଦୃଶ୍ୟରୁ 'ତବ' ହୋଇଛି ତ୍ୱସ୍ୟ) । *ତ୍ୱସ୍ୟ > ପ୍ରାକୃତରେ ତୁସ୍ସ > ଓଡ଼ିଆରେ ତୋହ, ତୋହୋ, ତୋ । 'ତୁମେ'ର ତିର୍ଯ୍ୟକ୍ ରୂପ 'ତୁମ' । ସାହିତ୍ୟ ଭାଷାରେ 'ତୁମେ' 'ତୁମ୍ଭେ' ଏବଂ 'ତୁମ' 'ତୁମ୍ଭ' ମଧ୍ୟ ହୁଏ । 'ତୁମେ' ବା 'ତୁମ୍ଭେ'ର ଉତ୍ପତ୍ତି— *ତୁଷ୍ମାଭିଃ > ତୁମ୍ହେ > ତୁମେ, ତୁମ୍ଭେ । 'ତୁମ' ବା 'ତୁମ୍ଭର' ଉତ୍ପତ୍ତି— *ତୁଷ୍ମାକଂ > ତୁମ୍ହାଅଂ > ତୁମ, ତୁମ୍ଭ ।

(୩) ଦୂରନିର୍ଦ୍ଦେଶକ-ସହସମ୍ପର୍କ ସର୍ବନାମ (ସେ)

'ସେ'ର ତିର୍ଯ୍ୟକ୍ ରୂପ ଏକବଚନରେ 'ତା' 'ତାହା' ଏବଂ ବହୁବଚନରେ 'ତାଂ' 'ତାହାଂ' । ଯଥା— ତାକୁ, ତାହାକୁ, ତାଙ୍କୁ,

Digitized by PPRACHIN, SOA

ତାହାଂକୁ ଇତ୍ୟାଦି । (ଅନୁସ୍ୱାରକୁ ପରବର୍ତ୍ତୀ 'କ୍' ଧ୍ୱନି ସହିତ ମିଶାଇଦେଇ ତାଙ୍କୁ, ତାହାଙ୍କୁ— ଏପରି ଲେଖାଯାଏ) । 'ସେ' ର ଉତ୍ପତ୍ତି—ସଃ > ମାଗଧୀ ପ୍ରାକୃତରେ ଶେ > ଓଡ଼ିଆରେ ସେ । 'ତା' 'ତାହା' ର ଉତ୍ପତ୍ତି—ତସ୍ୟ > ତସ୍ସ > ତାହ > ତାହା, ତା । 'ତାଂ' 'ତାହାଂ' ର ଉତ୍ପତ୍ତି ତେଷାଂ ବା *ତାନାଂ ରୁ ।

(ଦେବାନାଂ, ମୁନୀନାଂ, ସାଧୂନାଂ ପ୍ରଭୃତି ବିଶେଷ୍ୟପଦର ସାଦୃଶ୍ୟରେ କଳ୍ପିତ ଭାଷାରେ ତଦ୍, ଯଦ୍, ଏତଦ୍, କିମ୍ ପ୍ରଭୃତି ସର୍ବନାମର ରୂପ ମଧ୍ୟ ତାନାଂ, ଏତାନାଂ, କାନାଂ ହୋଇଥିବା ସମ୍ଭବ ।)

'ସେ' ର ଆଉ କେତେଟି ତିର୍ଯ୍ୟକ୍ ରୂପ ମଧ୍ୟ ଅଛି—'ତହିଁ' 'ସେଥ' 'ସେଥି' 'ତଥି' । ଯଥା—ତହିଁରୁ, ସେଥକୁ, ସେଥିରୁ, ତଥିପରେ ଇତ୍ୟାଦି । 'ସେଥ' 'ତଥି' ପଦ୍ୟରେ ବ୍ୟବହୃତ ହୁଏ । "ଶ୍ୟାମଳ ଦୂର୍ବାଦଳେ ଶୋଭିତ ମହୀ, ମାଧବବୋହୂ ତଥିପରେ ଶୋଭଇ ।" (ତଥିପରେ—ତା' ଉପରେ) 'ତହିଁ' ର ଉତ୍ପତ୍ତି—ତସ୍ମିନ୍ > ତମ୍ହି > ତହିଁ । 'ତଥି' ର ଉତ୍ପତ୍ତି—ତତ୍ର > ତତ୍ଥ > ତଥ + ସପ୍ତମୀ ଇ = ତଥି । 'ତଥ' ଓ 'ତଥି' ର 'ଥ' ଓ 'ଥି' ଅଂଶ 'ସେ' ସହିତ ମିଶି 'ସେଥ' 'ସେଥି' ହୋଇଛି ।

'ଦୂରନିର୍ଦ୍ଦେଶକ ସର୍ବନାମ'ର ଅର୍ଥ ତୁମେ ବୁଝିପାରୁଥିବ । 'ସହ-ସମ୍ପର୍କ ସର୍ବନାମ' କହିବାର କାରଣ—ଏହି ସର୍ବନାମ 'ଯେ' ସର୍ବନାମ ସହିତ ସଂପୃକ୍ତ ହୋଇ ବ୍ୟବହୃତ ହୁଏ । ଯଥା— "ଯେ ଜନ୍ମ ହୁଅନ୍ତି, ସେ ମରନ୍ତି ।" "ଯାହାକୁ ଇଚ୍ଛା, ତାକୁ ପଚାର ।"

Digitized by PPRACHIN, SOA

(୪) ନିକଟ ନିର୍ଦ୍ଦେଶକ ସର୍ବନାମ (ଏ)

'ଏ' ର ତିର୍ଯ୍ୟକ୍ ରୂପ ଏକବଚନରେ 'ଏହା', ବହୁବଚନରେ 'ଏହାଂ'। 'ଏହା' 'ଏହାଂ' କଥିତ ଭାଷାରେ 'ୟା' 'ୟାଂ' ହୁଏ। ଯେପରି—ଏହାକୁ, ୟାକୁ; ଏହାଂକୁ, ୟାଂକୁ। ଅନୁସ୍ୱାରକୁ ପରବର୍ତ୍ତୀ କ୍ ଧ୍ୱନି ସହିତ ମିଶାଇଦେଇ ଏହାଙ୍କୁ, ୟାଙ୍କୁ—ଏପରି ଲେଖାଯାଏ। 'ଏ' ର ଆଉ ଦୁଇଟି ତିର୍ଯ୍ୟକ୍ ରୂପ 'ଏଥ' 'ଏଥି'। ଯଥା—ଏଥକୁ, ଏଥିରୁ ଇତ୍ୟାଦି। 'ଏ' ର ଉତ୍ପତ୍ତି 'ଏତଦ୍' ଶବ୍ଦରୁ (ଏଷଃ, ଏତୌ, ଏତେ; ଏତଦ୍, ଏତେ, ଏତାନି ପ୍ରଭୃତି ରୂପରୁ)। 'ଏହା'ର ଉତ୍ପତ୍ତି 'ଏତସ୍ୟ'ରୁ। ଏତସ୍ୟ>ଏଅସ୍ସ>ଏହ>ଏହା। 'ଏହାଂ'ର ଉତ୍ପତ୍ତି ଏତେଷାଂ ବା *ଏତାନାଂ ରୁ। 'ଏଥ' 'ଏଥି'ର ଉତ୍ପତ୍ତି—ଅତ୍ର>ଏତ୍ଥ>ଏଥ। ଏଥ+ସପ୍ତମୀ ଇ=ଏଥି।

(୫) ସମ୍ବନ୍ଧବାଚକ ସର୍ବନାମ (ଯେ)

'ଯେ'ର ତିର୍ଯ୍ୟକ୍ ରୂପ ଏକବଚନରେ 'ଯା' 'ଯାହା', ବହୁବଚନରେ 'ଯାଂ' 'ଯାହାଂ'। ଯଥା--ଯାକୁ, ଯାହାକୁ, ଯାଂକୁ ଯାହାଂକୁ। ଅନୁସ୍ୱାରକୁ ପରବର୍ତ୍ତୀ କ୍ ଧ୍ୱନି ସହିତ ମିଶାଇଦେଇ ଯାଙ୍କୁ, ଯାହାଙ୍କୁ—ଏପରି ଲେଖାଯାଏ। 'ଯେ'ର ଆଉ ତିନିଟି ତିର୍ଯ୍ୟକ୍ ରୂପ ମଧ୍ୟ ଅଛି—'ଯେଉଁ', 'ଯେଉଁଥି', 'ଯହିଁ'। ଯଥା—'ଯେଉଁଠାରୁ' 'ଯେଉଁଥିପାଇଁ' 'ଯହିଁରେ'। 'ଯେ'ର ଉତ୍ପତ୍ତି—ଯଃ>ମାଗଧୀ ପ୍ରାକୃତ ଜେ>ଓଡ଼ିଆ ଯେ। 'ଯାହା' 'ଯା'ର ଉତ୍ପତ୍ତି—ଯସ୍ୟ>ଯସ୍ସ>ଯାହ>ଯାହା, ଯା। 'ଯାହାଂ'ର ଉତ୍ପତ୍ତି--ଯେଷାଂ ବା *ଯାନାଂ ରୁ। 'ଯେଉଁ' ର ଉତ୍ପତ୍ତି—'ଯୋନୁ' ରୁ (ଯଃ+ନୁ=ଯୋନୁ। 'ନୁ' ସଂସ୍କୃତରେ ଏକ

Digitized by PPRACHIN, SOA

ଅବ୍ୟୟ) 'ଯେଉଁ'ରେ 'ଥି' ଲାଗି 'ଯେଉଁଥି' ହୋଇଛି । 'ଥି' ଆସିଛି ତତ୍ର, ଅତ୍ର ରୁ । (ତତ୍ର > ତତ୍ଥ > ତଥ + ସପ୍ତମୀ ଇ = ତଥି, ଅତ୍ର > ଏତ୍ଥ > ଏଥ + ୭ମୀ ଇ = ଏଥି) ଭାଷାରେ ସାଦୃଶ୍ୟର ପ୍ରଭାବ ବହୁତ । 'ତଥି' 'ଏଥି'ର ସାଦୃଶ୍ୟରେ 'ଯେଉଁଥି' 'କେଉଁଥି' ମଧ୍ୟ ହୋଇଛି । 'ଯହିଁ'ର ଉତ୍ପତ୍ତି—ଯସ୍ମିନ୍ > ଯମ୍ହି > ଯହିଁ ।

(୬) ପ୍ରଶ୍ନ ଅନିଶ୍ଚୟବାଚକ ସର୍ବନାମ (କଏ, କେହ୍ନ)

କଏ, କେହ୍ନର ତିର୍ଯ୍ୟକ୍ ରୂପ ଏକବଚନରେ 'କାହା', ବହୁବଚନରେ 'କାହାଂ' । ଯଥା କାହାକୁ, କାହାଂକୁ (କାହାଙ୍କୁ) । ଆଉ ତିନୋଟି ତିର୍ଯ୍ୟକ୍ ରୂପ ମଧ୍ୟ ଅଛି—'କେଉଁ' 'କେଉଁଥି' 'କାହିଁ' । ଯଥା—କେଉଁଠାରୁ, କେଉଁଥିପାଇଁ, କାହିଁରେ । ('କଏ' ପଦ୍ୟରେ 'କେ' ହୁଏ) 'କଏ' ଆସିଛି 'କଃ'ରୁ । କଃ > ମାଗଧୀ ପ୍ରାକୃତରେ 'କେ' । 'କେ' ସହିତ 'ହ୍ନ' ଅବ୍ୟୟ ଲାଗି 'କେହ୍ନ' ହୋଇଛି । 'କାହା'ର ଉତ୍ପତ୍ତି—କସ୍ୟ > କସ୍ସ > କାହ > କାହା । 'କାହାଂ'ର ଉତ୍ପତ୍ତି କେଷାଂ, *କାନାଂ ରୁ । 'କେଉଁ'ର ଉତ୍ପତ୍ତି 'କୋନ୍'ରୁ (କଃ + ନୁ) । 'କେଉଁ'ରେ ସାଦୃଶ୍ୟର ପ୍ରଭାବରୁ 'ଥି' ଲାଗି 'କେଉଁଥି' ହୋଇଛି । 'କାହିଁ'ର ଉତ୍ପତ୍ତି—କସ୍ମିନ୍ > କମ୍ହି କାହିଁ ।

(୭) ଆତ୍ମବାଚକ ସର୍ବନାମ (ଆପେ)

ଏହାର ତିର୍ଯ୍ୟକ୍ ରୂପ 'ଆପଣା' । ଯଥା — ଆପଣାକୁ, ଆପଣାର । 'ଆପେ'ର ଉତ୍ପତ୍ତି — ଆତ୍ମନ୍ > ଅପ୍ପ > ଆପ + ପ୍ରଥମା ଏ = ଆପେ । ପ୍ରାଚୀନ ଓଡ଼ିଆରେ 'ଆପ'ର ବ୍ୟବହାର ମଧ୍ୟ ଅଛି । ଯଥା— "ଆପ ରୂପେ ଆପ ଭୋଗ" । 'ଆପଣା'ର ଉତ୍ପତ୍ତି — ଆତ୍ମନଃ > ଅପ୍ପଣୋ > ଆପଣା ।

ଏଗୁଡ଼ିକ ଛଡ଼ା ଆହୁରି କେତେକ ପ୍ରକାର ସର୍ବନାମ ଓଡ଼ିଆରେ ଅଛି । ଯଥା—ଅନ୍ୟ, ଅପର, ସକଳ, ସବୁ, ସର୍ବ,

Digitized by PPRACHIN, SOA

ଆପଣ ପ୍ରଭୃତ । କିନ୍ତୁ ସେଗୁଡ଼ିକର ତିର୍ଯ୍ୟକ୍ ରୂପ ନାହିଁ । ତେଣୁ ସେଗୁଡ଼ିକର ଆଲୋଚନା ଏଠାରେ ଅନାବଶ୍ୟକ ।

ଉପର୍ଯ୍ୟୁକ୍ତ ଆଲୋଚନାରୁ ଲକ୍ଷ୍ୟ କରିପାରୁଥିବ, ସର୍ବନାମର ତିର୍ଯ୍ୟକ୍ ରୂପଗୁଡ଼ିକ ଉତ୍ପତ୍ତି ଦୃଷ୍ଟିରୁ ତ୍ରିବିଧ—ସମ୍ବନ୍ଧମୂଳକ, ଅଧିକରଣମୂଳକ ଓ ଯୌଗିକ । ତସ୍ୟ, କସ୍ୟ, ଯସ୍ୟ, ଏତସ୍ୟ, *ତ୍ୱସ୍ୟ, *ମସ୍ୟ, ଆତ୍ମନଃ—ଏଗୁଡ଼ିକ ସଂସ୍କୃତରେ ସମ୍ବନ୍ଧ ପଦ ଅର୍ଥାତ୍ ଷଷ୍ଠୀ ଏକବଚନରେ ରହିଛି । ଏଥିରୁ ଓଡ଼ିଆ ତାହା, କାହା, ଯାହା, ଏହା, ମୋ, ତୋ, ଆପଣା—ଏହି ତିର୍ଯ୍ୟକ୍ ରୂପଗୁଡ଼ିକ ଉତ୍ପନ୍ନ । ଏଣୁ ଏଗୁଡ଼ିକ ସମ୍ବନ୍ଧମୂଳକ । ସେହିପରି—ତେଷାଂ, କେଷାଂ, ଯେଷାଂ, ଏତେଷାଂ, *ଯୁଷ୍ମାକଂ, ଅସ୍ମାକଂ ଏଗୁଡ଼ିକ ସଂସ୍କୃତରେ ବହୁବଚନ ରୂପ । ଏଗୁଡ଼ିକରୁ ଓଡ଼ିଆ ତାହାଂ, କାହାଂ, ଯାହାଂ, ଏହାଂ, ତୁମ, ଆମ—ଏହି ତିର୍ଯ୍ୟକ୍ ରୂପଗୁଡ଼ିକ ଉତ୍ପନ୍ନ । ତେଣୁ ଏହି ତିର୍ଯ୍ୟକ୍ ରୂପଗୁଡ଼ିକ ସମ୍ବନ୍ଧମୂଳକ ।

ତହିଁ, ଯହିଁ, କାହିଁ—ଏଗୁଡ଼ିକ ଅଧିକରଣମୂଳକ । କାରଣ, ଏଗୁଡ଼ିକ ସଂସ୍କୃତ ତଦ୍, ଯଦ୍, କିମ୍, ଶବ୍ଦର ୭ମୀ ରୂପ ତସ୍ମିନ୍, ଯସ୍ମିନ୍ ଏବଂ କସ୍ମିନ୍ ରୁ ଉତ୍ପନ୍ନ । ତା' ଛଡ଼ା ଏଥ, ଏଥି, ତେଥି—ଏଗୁଡ଼ିକ ମଧ୍ୟ ଅଧିକରଣମୂଳକ । କାରଣ ଏଗୁଡ଼ିକ 'ଅତ୍ର' (ଏଠାରେ) ଓ 'ତତ୍ର' (ସେଠାରେ) ରୁ ଉତ୍ପନ୍ନ ।

ସେଥି, କେଉଁଥି, ଯେଉଁଥି ଏହି ତିର୍ଯ୍ୟକ୍ ରୂପଗୁଡ଼ିକ ଯୌଗିକ-ସେ+ଥି, କେଉଁ+ଥି, ଯେଉଁ+ଥି । ଏଗୁଡ଼ିକରେ 'ଥି' ଅଂଶଟି ଅତ୍ର/ତତ୍ର ରୁ ଉତ୍ପନ୍ନ । ଏଗୁଡ଼ିକୁ ଯୌଗିକ ଅଧିକରଣମୂଳକ ତିର୍ଯ୍ୟକ୍ ରୂପ କୁହାଯାଇପାରେ ।

ସର୍ବନାମଗୁଡ଼ିକର ତିର୍ଯ୍ୟକ୍ ରୂପ କାହିଁକି ଓ କିପରି ଉତ୍ପନ୍ନ ହେଲା, ତାହା ତୁମେ ଅଧିକ ଭାଷାତତ୍ତ୍ୱ ଅଧ୍ୟୟନ କଲେ ଜାଣିବ ।

Digitized by PPRACHIN, SOA